୧ମ ବର୍ଷ | ୧ମ ସଂଖ୍ୟା | ଜାନୁଆରୀ ୨୦୨୬

# ପ୍ରଗତି ପ୍ରବାହ

ପାଞ୍ଚଟି ଶ୍ରେଷ୍ଠ ରାଜ୍ୟ
ଭିତରେ ରହିବ **ଓଡ଼ିଶା**




ମିଶ୍ରିତ ଚିତ୍ର ନିମନ୍ତେ

**ବଢ଼ିବ ପୁଞ୍ଜିନିବେଶ**

ଓଡ଼ିଶା ହେବ ଭାରତର
ସର୍ବବୃହତ୍ ନିବେଶ କେନ୍ଦ୍ର

ନିଯୁକ୍ତିକୁ ପ୍ରାଥମିକତା
୧୮ ମାସରେ **୩୯,୪୫୯ ସରକାରୀ ନିଯୁକ୍ତି**

Odisha Computer Application Centre



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

AADHAAR



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

# ଆଧାର ପଞ୍ଜିକରଣ/ ସଂଶୋଧନ ପାଇଁ ସ୍ୱତନ୍ତ୍ର ଅଭିଯାନ

## ୫ ଏବଂ ୧୫ ବର୍ଷ ବୟସରେ ଶିଶୁମାନଙ୍କର ବାଧ୍ୟତାମୂଳକ ବାୟୋମେଟ୍ରିକ ଅପ୍‌ଡେଟ କରାନ୍ତୁ ।

**୫ ରୁ ୧୭ ବର୍ଷ ବୟସ ଯାଏଁ** ଏହି ବାଧ୍ୟତାମୂଳକ ବାୟୋମେଟ୍ରିକ ଅପ୍‌ଡେଟକୁ **ନିଃଶୁଳ୍କ କରାଯାଇଛି ।**

## ନିଃଶୁଳ୍କ ସେବାର ଅବଧି

**୧ ଅକ୍ଟୋବର ୨୦୨୫ ରୁ ୩୦ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ**

- ପିତାମାତା ଏବଂ ଅଭିଭାବକଙ୍କୁ ଅନୁରୋଧ ଯେ ସେମାନେ ନିଜ ପିଲାମାନଙ୍କର ବାଧ୍ୟତାମୂଳକ ବାୟୋମେଟ୍ରିକ୍ ଅପ୍‌ଡେଟ ତୁରନ୍ତ ନିକଟସ୍ଥ **ଆଧାର ପଞ୍ଜିକରଣ କେନ୍ଦ୍ର କିମ୍ବା ଆଧାର ପଞ୍ଜିକରଣ ଶିବିରରେ** କରାଇନିଅନ୍ତୁ ।
- ଓଡ଼ିଶା ସରକାରଙ୍କ ସହଯୋଗରେ **ରାଜ୍ୟର ସମସ୍ତ ବ୍ଲକ ଏବଂ ପୌରାଞ୍ଚଳରେ** ସ୍ଥାୟୀ ଆଧାର କେନ୍ଦ୍ର ଖୋଲାଯାଇଛି ।

### ୧୫ ରୁ ୧୭ ବର୍ଷ ମଧ୍ୟରେ ବାୟୋମେଟ୍ରିକ ଅପ୍‌ଡେଟ କରି

- ପରୀକ୍ଷା ଏବଂ ଛାତ୍ରବୃତ୍ତି ଆଦି ନିମନ୍ତେ **ଶେଷ ମୁହୂର୍ତ୍ତର ତରବରରୁ ମୁକ୍ତି ପାଆନ୍ତୁ ।**
- **୩୦ ସେପ୍ଟେମ୍ବର ୨୦୨୬ ଯାଏଁ ନିଃଶୁଳ୍କ ସେବାର** ଲାଭ ନିଅନ୍ତୁ ।

### ମନେରଖନ୍ତୁ

ଆଧାରର ନିୟମାବଳୀ ଅନୁଯାୟୀ, ଉଚ୍ଚାରଣ ସମାନତା ଥାଇ **ଆଧାରରେ ନାମର ସାମାନ୍ୟ ପରିବର୍ତ୍ତନ ପାଇଁ** ସରକାରଙ୍କ ଗେଜେଟ୍ ପ୍ରକାଶନର ଆବଶ୍ୟକତା ନାହିଁ । ଏହି ନାମ ପରିବର୍ତ୍ତନ ପାଇଁ UIDAI ଦ୍ୱାରା ନିର୍ଦ୍ଧାରିତ ଯେକୌଣସି ଗୋଟିଏ ଦସ୍ତାବିଜ ଦେଇ ଆଧାର କେନ୍ଦ୍ରରେ ସଂଶୋଧନ କରିପାରିବେ ।

ଏତଦ୍‌ବ୍ୟତୀତ, ଆପଣଙ୍କ **ଶିଶୁର ନୂଆ ଆଧାର ପଞ୍ଜିକରଣ** ମଧ୍ୟ ନିକଟସ୍ଥ ଆଧାର କେନ୍ଦ୍ରରେ କରାଇନିଅନ୍ତୁ ।



**ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ, ଓଡ଼ିଶା ସରକାର**

# ପ୍ରଗତି ପ୍ରବାହ

ବର୍ଷ ୧ | ସଂଖ୍ୟା ୦୧ | ଜାନୁଆରୀ ୨୦୨୬

ମୁଖ୍ୟ ସମ୍ପାଦକ
**ହେମନ୍ତ ଶର୍ମା**
ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସୂଚନା ଓ ଲୋକସମ୍ପର୍କ ବିଭାଗ

ସମ୍ପାଦକ
**ଅନୁଜ କୁମାର ଦାସ ପଟ୍ଟନାୟକ**
ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

ପ୍ରଚ୍ଛଦ ଓ ଅଳଂକରଣ
**ସୁଧାଂଶୁ ଶେଖର ସାମନ୍ତରାୟ**

ସୂଚନା ଓ ଲୋକସମ୍ପର୍କ ବିଭାଗ,
ଓଡ଼ିଶା ସରକାରଙ୍କ ଦ୍ୱାରା ସଂକଳିତ



**୦୫** ଓଡ଼ିଶାର ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିଛି ସୁଭଦ୍ରା

**୧୨** ଦୁର୍ନୀତିଗ୍ରସ୍ତଙ୍କୁ ନିସ୍ତାର ନାହିଁ

**୧୮** ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ୧୬ଟି ପାଳିରେ ୫୬ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗ

**୨୧** ଟ୍ରିପଲ ଆଇଟିରେ ୪୦୦କୋଟିରେ ହେବ ସେମିକଣ୍ଡକ୍ଟର ଉତ୍କର୍ଷ କେନ୍ଦ୍ର

**୨୫** ଔଷଧ ଉତ୍ପାଦନରେ ଓଡ଼ିଶା ହେବ ପ୍ରମୁଖ କେନ୍ଦ୍ର



PRGI No. ORORI/25/A1314

Printed, published and edited by Anuj Ku Das Pattanaik on behalf of the Information and Public Relations Department, Government of Odisha, and printed at Odisha Government Press, Madhupatna, Khapuria, Cuttack – 753010, Odisha, and published from Loka Sampark Bhawan, Unit-V, Bhubaneswar – 751001, Odisha.




## ନୂଆବର୍ଷ ପାଇଁ ରାଜ୍ୟବାସୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭକାମନା

ଜୟ ଜଗନ୍ନାଥ,

ଗୋଟିଏ ବର୍ଷର ଘଟଣାବହୁଳ ପଥ ଅତିକ୍ରାନ୍ତ କରି ୨୦୨୬ ନୂତନ ଆଶା, ନୂତନ ଉଦ୍ଦୀପନା, ନୂତନ ସ୍ୱପ୍ନ ନେଇ ଉପନୀତ ହୋଇଛି । ଗତ ଏକ ବର୍ଷ ମଧ୍ୟରେ ରାଜ୍ୟର ସମସ୍ତ ବର୍ଗର ଜନତାଙ୍କ ପାଇଁ 'ମୁଖ୍ୟ ସେବକ' ଭାବେ ଉତ୍ସର୍ଗୀକୃତ ସେବାଭାବ ନେଇ କାର୍ଯ୍ୟ କରି ଆସୁଛି । ଆପଣଙ୍କ ସରକାର ରାଜ୍ୟର ସାଢେ ଚାରିକୋଟି ଜନତାଙ୍କ ଉନ୍ନତି ତଥା ରାଜ୍ୟର ଭିତ୍ତିଭୂମି ନିର୍ମାଣ କରି ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଗଠନ କରିବା ପାଇଁ ବଦ୍ଧପରିକର ଏବଂ ୨୦୨୬ ଏହି ଯାତ୍ରାରେ ଏକ ମହତ୍ତ୍ୱପୂର୍ଣ୍ଣ ଅଧ୍ୟାୟ ହେବ । ଏହି ଯାତ୍ରାରେ 'ବିକାଶ ଓ ଅସ୍ମିତା' ହେବ ସରକାରଙ୍କ ମହାମନ୍ତ୍ର ।

ଇଂରାଜୀ ନବବର୍ଷ ୨୦୨୬ ଅବସରରେ ଓଡ଼ିଶାକୁ ନିରନ୍ତର ବିକାଶ ପଥରେ ଆଗେଇ ନେବାକୁ କୋଟି ଓଡ଼ିଆଙ୍କ ମଉଡମଣି ହୃଦୟର ଆରାଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ କୃତାଞ୍ଜଳିପୁଟେ ପ୍ରାର୍ଥନା । ନବବର୍ଷ ଆପଣ ଓ ଆପଣଙ୍କ ପରିବାର ପାଇଁ ସୁଖମୟ ହେଉ । ସମସ୍ତ ରାଜ୍ୟବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ହୃଦୟରୁ ଅଶେଷ ଶୁଭକାମନା ଓ ଅଭିନନ୍ଦନ ।

ଶୁଭ ନବବର୍ଷ ୨୦୨୬

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

**ସମ୍ପାଦକୀୟ**



# ବିକାଶ ପଥେ ଓଡ଼ିଶା

ଓଡ଼ିଶା ବିକାଶ ମାର୍ଗରେ ଆଗେଇ ଚାଲିଛି । ଖାଦ୍ୟ ସୁରକ୍ଷାଠାରୁ ଆରମ୍ଭ କରି ସୁଭଦ୍ରା ଏବଂ କୃଷକ ସମୃଦ୍ଧିଠାରୁ ଛାତ୍ରବୃତ୍ତି ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସମାଜର ମହିଳା, କୃଷକ, ଯୁବକ, ଛାତ୍ରଛାତ୍ରୀ ଓ ବୟୋବୃଦ୍ଧଙ୍କ ବିକାଶ ପାଇଁ ସରକାର ଉଦ୍ୟମରତ । ପୂର୍ବରୁ ପଶ୍ଚିମ, ଉତ୍ତରରୁ ଦକ୍ଷିଣ ସବୁଠି ପ୍ରଯୁକ୍ତି ବିଦ୍ୟାର ପ୍ରସାର ସାଙ୍ଗକୁ ଭିତ୍ତିଭୂମି ବିକାଶ, ଅତ୍ୟାଧୁନିକ ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା, ଶିକ୍ଷାର ବିକାଶ ଉପରେ ଅଗ୍ରାଧିକାର ଦିଆଯାଉଛି । ବିଶେଷ କରି ପୁଞ୍ଜିନିବେଶ ଜରିଆରେ ନିଯୁକ୍ତିକୁ ପ୍ରାଥମିକତା ଦିଆଯାଉଛି ।

ଦେଶ ସ୍ୱାଧୀନତା ପରଠୁ ଏ ପର୍ଯ୍ୟନ୍ତ ଆମ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଭଳି ସାମାଜିକ କ୍ଷେତ୍ର ଉପରେ ସବୁବେଳେ ଗୁରୁତ୍ୱ ଦିଆଯାଉଛି । ଆମେ ୨୦୩୬ରେ ଓଡ଼ିଶା ଗଠନର ଶତବାର୍ଷିକ ପାଳନ କରିବାକୁ ଯାଉଥିବାବେଳେ ଏସବୁ କ୍ଷେତ୍ରକୁ ବିକଶିତ କରିବାର ସମୟ ଆସିଛି । ଏସବୁର ନିରନ୍ତର ବିକାଶ ପାଇଁ ବିଶ୍ୱବ୍ୟାପୀ ଅର୍ଥନୀତିରେ ଧାର୍ଯ୍ୟ ନିରନ୍ତର ବିକାଶ ଲକ୍ଷ୍ୟ (ଏସଡ଼ିଜି) ପୂରଣ ତଥାପି ବାକି ରହିଛି । କୃଷି ପ୍ରଧାନ ରାଜ୍ୟ ଓଡ଼ିଶାର ବିକାଶ ଆଉ କେବଳ କୃଷି ଭିତରେ ସୀମିତ ନାହିଁ । ଓଡ଼ିଶାକୁ ଆର୍ଥିକ କ୍ଷେତ୍ରରେ ସମୃଦ୍ଧ କରିବା ପାଇଁ ସରକାରଙ୍କ ସଂକଳ୍ପ ଅନୁସାରେ ପୁଞ୍ଜିନିବେଶ ବଢ଼ିଛି । ଉତ୍କର୍ଷ ଓଡ଼ିଶା -ମେକ ଇନ ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭରୁ ଏ ପର୍ଯ୍ୟନ୍ତ ରାଜ୍ୟକୁ ନିବେଶକ, ଦେଶ ବିଦେଶର ବୃହତ ଶିଳ୍ପପତିଙ୍କ ସୁଅ ଛୁଟିବା ସହିତ ପୁଞ୍ଜିନିବେଶ ପାଇଁ ପର୍ଯ୍ୟାପ୍ତ ପ୍ରସ୍ତାବ ଆସୁଛି । ଉତ୍କର୍ଷ ଓଡ଼ିଶା କନକ୍ଲେଭ ପରଠୁ ହାଇଦ୍ରାବାଦଠାରେ ଆୟୋଜିତ ନିବେଶକ ସମ୍ମିଳନୀ ଏବଂ ରୋଡ ଶୋ କାର୍ଯ୍ୟକ୍ରମ ପର୍ଯ୍ୟନ୍ତ ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ଶିଳ୍ପ ପ୍ରତିଷ୍ଠା ପାଇଁ ପ୍ରାୟ ୩ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ମିଳିଲାଣି । ସିଙ୍ଗାପୁର, ମୁମ୍ବାଇ, ହାଇଦ୍ରାବାଦ ସବୁଠି ଆୟୋଜିତ ରୋଡ ଶୋ'ରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀ ସିଧା ସଳଖ ବଡ଼ ବଡ଼ ଶିଳ୍ପପତି, ନିବେଶକଙ୍କ ସହିତ ବିଭିନ୍ନ ପ୍ରକଳ୍ପ ପ୍ରତିଷ୍ଠା ବାବଦରେ କଥାବାର୍ତ୍ତା କରିବା ଯୋଗୁଁ ପୁଞ୍ଜି ନିବେଶ ପଥ ପ୍ରଶସ୍ତ ହୋଇଛି । ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧି ଦେଶର ପ୍ରମୁଖ ରାଜ୍ୟଗୁଡ଼ିକ ତାଲିକାର ପ୍ରଥମ ସ୍ଥାନରେ ଥିବାବେଳେ ପୂର୍ବ ଭାରତରେ ଅଭିବୃଦ୍ଧିର ଇଂଜିନ ହେବାକୁ ଯାଉଛି । ବିଶେଷ କରି ଓଡ଼ିଶାରେ ସେମିକଣ୍ଡକ୍ଟର ଏବଂ ଫାର୍ମା ପ୍ରତିଷ୍ଠା ଉପରେ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଉଛନ୍ତି । ବିକାଶର ମାର୍ଗ ରୋକୁଥିବା ଦୁର୍ନୀତିକୁ କୌଣସି ସ୍ତରରେ ବରଦାସ୍ତ କରାଯିବ ନାହିଁ ବୋଲି ନିକଟ ଅତୀତରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ସମ୍ମିଳନୀରେ ଘୋଷଣା କରିବା ସହିତ ପ୍ରଶାସନକୁ ଲୋକାଭିମୁଖୀ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ସେହିପରି ଛାତ୍ରଛାତ୍ରୀଙ୍କୁ ଆଧୁନିକ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ନିଯୁକ୍ତି ପାଇଁ ସରକାର ଦେଇଥିବା ପ୍ରତିଶ୍ରୁତି ପର୍ଯ୍ୟାୟ କ୍ରମେ କାର୍ଯ୍ୟକାରୀ କରାଯାଉଛି । ମହିଳାଙ୍କ ବିକାଶ ପାଇଁ ସୁଭଦ୍ରା ଯୋଜନାରେ ଆର୍ଥିକ ସହାୟତା ସାଙ୍ଗକୁ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ବିଭିନ୍ନ ଜୀବିକା ମିଶନ ସହିତ ଯୋଡ଼ାଯାଇ ସେମାନଙ୍କ ରୋଜଗାର ପନ୍ଥା ନିଶ୍ଚିତ କରାଯାଉଛି ।

ଓଡ଼ିଶା ଅର୍ଥନୀତିର ଅଭିବୃଦ୍ଧି ହାର ୭.୨ରେ ପହଞ୍ଚିବ ଏବଂ ଜାତୀୟ ହାରଠୁ ଆଗରେ ରହିବ ବୋଲି ଓଡ଼ିଶା ଅର୍ଥନୀତି ସର୍ଭେ ରିପୋର୍ଟରେ ଆକଳନ କରାଯାଇଛି । ରାଜ୍ୟର ମୋଟ ଘରୋଇ ଉତ୍ପାଦ ସାଢ଼େ ୯ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ । ବିନିର୍ମାଣ ଓ ଖଣିଭିତ୍ତିକ ଶିଳ୍ପ ତଥା ସେବା କ୍ଷେତ୍ରର ଉତ୍ତମ ପ୍ରଦର୍ଶନ ଯୋଗୁଁ ଏହା ସମ୍ଭବ ହେବ । ଏହାଛଡ଼ା ଓଡ଼ିଶାର ଅର୍ଥନୀତି ୨୦୪୭ ସୁଦ୍ଧା ୧.୫ ଟ୍ରିଲିଅନରେ ପହଞ୍ଚିବାର ଆକଳନ କରାଯାଇଛି । ଓଡ଼ିଶା ପାଇଁ କୃଷିର ମହତ୍ତ୍ୱ ଅଧିକ ଥିଲେ ହେଁ ଇସ୍ପାତ ଓ ଆଲୁମିନିୟମ ଉତ୍ପାଦନ ଆର୍ଥିକ ପ୍ରଗତିର ପ୍ରମୁଖ ଇଞ୍ଜିନ୍ ହୋଇପାରିଛି ଏବଂ ରାଜ୍ୟ ଏବେ ପ୍ରମୁଖ ଶିଳ୍ପ ହବ୍ ରେ ପରିଣତ ହେବାକୁ ଯାଉଛି । ରାଜ୍ୟର ମୁଣ୍ଡପିଚ୍ଛା ଆୟ ୧,୮୨,୫୪୮ ଟଙ୍କାରେ ପହଞ୍ଚିଥିବା ୨୦୨୪-୨୫ ଅର୍ଥନୀତି ସର୍ଭେ ରିପୋର୍ଟରୁ ଜଣାପଡ଼ିଛି । ଓଡ଼ିଶା ଏବେ ମଧ ଲୁହାପଥର, କୋଇଲା, ବକ୍ସାଇଟ, ଇସ୍ପାତ, ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ ଭାରତର ସର୍ବାଧିକ ଉତ୍ପାଦନକାରୀ ରାଜ୍ୟ । ଟାଟା ଷ୍ଟିଲ, ସେଲ, ନାଲକୋ ଭଳି ପ୍ରମୁଖ ଉତ୍ପାଦନକାରୀ ଶିଳ୍ପସଂସ୍ଥା ଓଡ଼ିଶାରେ ଥିବାବେଳେ ଏଠାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବା ଏମଏସଏମଇ କ୍ଷେତ୍ର ଧୀରେ ଧୀରେ ଆଗକୁ ବଢ଼ୁଛି । ଓଡ଼ିଶାରେ ୫୦୦କିମିରୁ ଅଧିକ ଉପକୂଳ ବେଳାଭୂମି ସାଙ୍ଗକୁ ଉନ୍ନତ ବନ୍ଦର ଭିତ୍ତିଭୂମି ରହିଛି । ତେଣୁ ଅର୍ଥନୀତିକୁ ଅଧିକ ସମୃଦ୍ଧି ବାଟରେ ଆଗେଇ ନେବା ପାଇଁ ଭିତ୍ତିଭୂମି, ଦକ୍ଷତା ବିକାଶ, ମୂଲ୍ୟଭିତ୍ତିକ ଶିଳ୍ପ ସଂସ୍ଥା ପ୍ରତିଷ୍ଠା ନିମନ୍ତେ ସରକାର ପୁଞ୍ଜିନିବେଶ ଉପରେ ଜୋର ଦେଉଛନ୍ତି ।

ଓଡ଼ିଶାର ବିକାଶ କେଉଁ ମାର୍ଗରେ ଆଗଉଛି, ତାହାର ପ୍ରତିଛବି ସାଧାରଣ ପ୍ରଶାସନଠାରୁ ଆରମ୍ଭକରି ସାଧାରଣ ଲୋକଙ୍କ ନିକଟରେ ରଖିବାର ଅଭିଳାଷ ନେଇ ଏବେ ପ୍ରକାଶିତ ହୋଇଛି 'ପ୍ରଗତି ପ୍ରବାହ' । ଏହା କେବଳ ଗତାନୁଗତିକ ଭାବେ ଏକ ସାଧାରଣ ପତ୍ରିକା ଭିତରେ ସୀମିତ ହୋଇ ରହିବ ନାହିଁ କିମ୍ବା ଲାଭଜନକ ବ୍ୟବସାୟର ପନ୍ଥା ହେବ ନାହିଁ । ଏହା ହେବ ଲୋକଙ୍କ ସରକାରଙ୍କ ବିକାଶ ଯାତ୍ରାର ମୁଖପତ୍ର; ଯେଉଁଥିରେ ସରକାର ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ବିକାଶ ଦିଗରେ ଗ୍ରହଣ କରୁଥିବା ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ରୂପରେଖ ଏବଂ ବାସ୍ତବବାଦୀ ଆଭିମୁଖ୍ୟ ବିଷୟରେ ସୂଚନା ସ୍ଥାନ ପାଇବ ।

ପ୍ରଗତି ପ୍ରବାହର ପ୍ରଥମ କାମ ହେବ ସରକାରଙ୍କ ଯୋଜନା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ସଠିକ ସୂଚନା ପ୍ରଦାନ । କୃଷି, ଶିଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଶିଳ୍ପ ବିକାଶ ପର୍ଯ୍ୟନ୍ତ ପ୍ରତିଟି ବିଷୟରେ ସରକାରଙ୍କ ଆଭିମୁଖ୍ୟ ଏଥିରେ ସ୍ଥାନିତ ହେବ । ବିକାଶ ମାର୍ଗରେ ରାଜ୍ୟ କେତେ ଆଗଉଛି, ଯୋଜନା କିଭଳି କାର୍ଯ୍ୟକାରୀ କରାଯାଉଛି, ସରକାରଙ୍କ ଆଗାମୀ ଯୋଜନା କ'ଣ ରହିଛି, ବିକାଶ ଦ୍ୱାରା ଲୋକେ କିଭଳି ଲାଭବାନ ହେଉଛନ୍ତି ସେ ସଂକ୍ରାନ୍ତ ଟିକିନିକି ଖବର ପ୍ରଗତି ପ୍ରବାହରେ ସ୍ଥାନ ପାଇବ । ଲୋକଙ୍କ ବିକାଶର କଥା ଲୋକଙ୍କ ନିକଟରେ ପହଞ୍ଚାଇବ ପ୍ରଗତି ପ୍ରବାହ । ଏଥିରେ କେବଳ ରାଜ୍ୟ କଥା ନୁହେଁ ଜାତୀୟ ସ୍ତରର ବିଶେଷ ଘଟଣା ବି ସ୍ଥାନ ପାଇବ । ଏହି ପତ୍ରିକା ରାଜ୍ୟ ବିକାଶର ସାମୁହିକ ଚିତ୍ର ପରିବେଷଣ କରିବ । ଲୋକଙ୍କ ସଫଳତାର କାହାଣୀ ଏବଂ ଲୋକଙ୍କ ସାମୁହିକ ବିକାଶର କଥା କହିବ ।

ନୂଆ ସରକାର ରାଜ୍ୟରେ ବ୍ୟାପକ ବିକାଶ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି । ବିକାଶର ଫଳ ସମସ୍ତଙ୍କ ପାଖରେ ପହଞ୍ଚୁ-ମୁଖ୍ୟମନ୍ତ୍ରୀ ଓ ସରକାର ଏହା ଉପରେ ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି ।

ଲୋକ ସରକାରଙ୍କ ମୁଖ୍ୟ ଆଭିମୁଖ୍ୟ ହେଲା ସମସ୍ତଙ୍କ ସହିତ, ସମସ୍ତଙ୍କ ବିକାଶ, ସମସ୍ତଙ୍କ ବିଶ୍ୱାସ ଓ ସମସ୍ତଙ୍କ ପ୍ରୟାସ । ଏହାକୁ ପାଥେୟ କରି ରାଜ୍ୟ ସରକାରଙ୍କ ବିକାଶ କାର୍ଯ୍ୟ ଆଗକୁ ବଢ଼ୁଛି । ସମାବେଶୀ ବିକାଶ ହିଁ ସରକାରଙ୍କ ମୂଳ ଲକ୍ଷ୍ୟ । ନୂଆ ସରକାର ଦାୟିତ୍ୱ ଗ୍ରହଣ କରିବା ପରେ ଗତ ଦୁଇଟି ଆର୍ଥିକ ବର୍ଷର ବଜେଟରେ ଅନେକ ନୂତନ ଲୋକାଭିମୁଖୀ ଯୋଜନା ଆରମ୍ଭ କରିଛନ୍ତି । ଏହା ଲୋକଙ୍କ ଭିତରେ ନୂତନ ଉତ୍ସାହ ସୃଷ୍ଟି କରିଛି । ପ୍ରତ୍ୟେକ ଯୋଜନା ଲୋକଙ୍କ ଅର୍ଥନୈତିକ, ସାମାଜିକ ଓ ବ୍ୟକ୍ତିଗତ ଉନ୍ନତି ନିମନ୍ତେ ଅଭିପ୍ରେତ । ଯୋଜନାର ସୁଫଳ କିପରି ଲୋକଙ୍କ ପାଖରେ ପହଞ୍ଚୁଛି ସେ ସମ୍ପର୍କରେ ଲୋକଙ୍କୁ ସୂଚନା ଦିଆଯିବାର ଆବଶ୍ୟକତା ରହିଛି । ସାଧାରଣ ଜନତାଙ୍କ ସହିତ ବିଭିନ୍ନ କାର୍ଯ୍ୟକ୍ରମ ରୂପାୟନ କରୁଥିବା ସରକାରୀ କର୍ମଚାରୀ ମଧ ଏ ସମ୍ପର୍କରେ ଜାଣିବା ଆବଶ୍ୟକ । ସୂଚନା ହିଁ ଶକ୍ତି ଏବଂ ଲୋକ ପ୍ରଶାସନର ମୂଳ ଭିତ୍ତି । ଅନେକ ସମୟରେ ସରକାରୀ ଯୋଜନା ତଥା ବିକାଶର ବାସ୍ତବ ଚିତ୍ର ଲୋକଙ୍କ ପାଖରେ ପହଞ୍ଚିପାରେ ନାହିଁ । ସରକାର କ'ଣ କରୁଛନ୍ତି ଓ କ'ଣ କରିଛନ୍ତି -ଏହି ସୂଚନା ଲୋକଙ୍କ ପାଖରେ ପହଞ୍ଚିଲେ ସରକାରଙ୍କ ଉପରେ ଜନସାଧାରଣଙ୍କ ବିଶ୍ୱାସ ବଢ଼ିବ । ଏହାକୁ ଦୃଷ୍ଟିରେ ରଖି ଆରମ୍ଭ ହୋଇଛି 'ପ୍ରଗତି ପ୍ରବାହ' । ଏଥିରେ ନିୟମିତ ଭାବେ ଓଡ଼ିଶା ସରକାରଙ୍କ ନୂତନ ଯୋଜନା, ଭାରତ ସରକାରଙ୍କ ଯୋଜନା, ରାଜ୍ୟ, ଜିଲ୍ଲା, ବ୍ଲକ ଓ ପଞ୍ଚାୟତସ୍ତରୀୟ ବିଶେଷ ଉପଲବ୍ଧି, କାର୍ଯ୍ୟାନ୍ୱିତ ହୋଇଥିବା ପ୍ରକଳ୍ପର ବିବରଣୀ ସ୍ଥାନ ପାଇବ ।

**ଶ୍ରୀ ହେମନ୍ତ ଶର୍ମା**

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଆଗାମୀ ୪ ବର୍ଷରେ ୨୨୦୦ ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେବ
**୧୨ ହଜାର କୋଟି**



ଓଡ଼ିଶାର ପ୍ରାଥମିକ ଶିକ୍ଷା ଇତିହାସରେ ଯୋଡ଼ି ହୋଇଛି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ବାଣପୁରର ପବିତ୍ର ମାଟିରୁ ବହୁ ପ୍ରତିକ୍ଷୀତ ମହତ୍ତ୍ୱାକାଂକ୍ଷୀ ଯୋଜନା ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକକାଳୀନ ୩୦ ଟି ଜିଲ୍ଲାର ୧୧୮ ଟି ବିଦ୍ୟାଳୟ ଗଠନ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ମୁଖ୍ୟମନ୍ତ୍ରୀ କହିଛନ୍ତି, ବାଣପୁର ମାଟିର ସୁଯୋଗ୍ୟ ସନ୍ତାନ ପଣ୍ଡିତ ଗୋଦାବରୀଶ ମିଶ୍ର ଏକାଧାରରେ ଥିଲେ ଜଣେ ବିଶିଷ୍ଟ ସ୍ୱାଧୀନତାସଂଗ୍ରାମୀ, ଲେଖକ ଓ ଶିକ୍ଷାବିତ୍ । ତାଙ୍କ ନାମରେ ନାମିତ ଏହି ଆଦର୍ଶ ବିଦ୍ୟାଳୟ ଯୋଜନା ଓଡ଼ିଶାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର କାୟାକଳ୍ପ କରିବାରେ ସଫଳ ହେବ । ଏହି ଯୋଜନାରେ ପିଲାମାନଙ୍କୁ ଗୁଣାତ୍ମକ ମାନର ଶିକ୍ଷା ମିଳିବା ସହିତ ପ୍ରାଥମିକ ଶିକ୍ଷା ଭିତ୍ତିଭୂମି ସୁଦୃଢ଼ ହେବ ।

ପ୍ରଥମ ପର୍ଯ୍ୟାୟରେ ୨୨୦୦ ବିଦ୍ୟାଳୟ ପାଇଁ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ । ଆଗାମୀ ଚାରି ବର୍ଷ, ଅର୍ଥାତ୍ ୨୦୨୫-୨୬ ରୁ ୨୦୨୮-୨୯ ଆର୍ଥିକ ବର୍ଷ ମଧ୍ୟରେ ଏହି ଖର୍ଚ୍ଚ କରାଯିବ । ଏହି ବିଦ୍ୟାଳୟଗୁଡ଼ିକ ଗ୍ରାମପଞ୍ଚାୟତର ଏପରି ଏକ ଗ୍ରାମରେ ପ୍ରତିଷ୍ଠା କରାଯିବ ଯେଉଁଠାରେ ଅତି କମ୍‌ରେ ୫ ଏକର ଜମି ସହିତ ଗମନାଗମନ ସୁବିଧା ଥିବ ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପଞ୍ଚସଖା ଯେପରି ସତ୍ୟବାଦୀ ଠାରେ ବକୁଳ ବନ ବିଦ୍ୟାଳୟ ସ୍ଥାପନା କରିଥିଲେ, ସେହି ଢାଞ୍ଚାରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟଗୁଡ଼ିକ ପ୍ରସ୍ତୁତ ହେଉଛି । ଛାତ୍ରଛାତ୍ରୀ କେବଳ ପୁସ୍ତକ ଭିତ୍ତିକ ଶିକ୍ଷାରେ ସୀମିତ ରହିବେ ନାହିଁ, ବୃତ୍ତିଗତ ଶିକ୍ଷା ମଧ୍ୟ ହାସଲ କରିବେ । ରାଜ୍ୟ ସରକାର ଶିକ୍ଷା ପାଇଁ ରାଜ୍ୟ ବଜେଟରେ ସବୁ ବିଭାଗ ଅପେକ୍ଷା ଅଧିକ ଟଙ୍କାର ପ୍ରାବଧାନ କରିଛନ୍ତି । ଚଳିତ ବଜେଟରେ ୪୧ ହଜାର ୨୭୩ କୋଟି ଟଙ୍କାର ପ୍ରାବଧାନ କରିଛନ୍ତି ଏବଂ କେବଳ ପ୍ରାଥମିକ ଶିକ୍ଷା ପାଇଁ ପ୍ରାବଧାନ ହୋଇଛି ୩୧ ହଜାର ୧୮୫ କୋଟି ଟଙ୍କା ।

ସର୍ବପ୍ରଥମେ ଏହି ଯୋଜନାର ଲୋଗୋକୁ ଉନ୍ମୋଚନ କରାଯାଇଥିଲା । ଏହି ଲୋଗୋ ଶିକ୍ଷାର ସ୍ୱତନ୍ତ୍ରତାକୁ ପ୍ରତିପାଦିତ କରେ । ଏହି ଲୋଗୋ ସୁନ୍ଦର ଭାବରେ ଶିକ୍ଷା ମାଧ୍ୟମରେ ଜ୍ଞାନକୁ ପ୍ରତିଫଳିତ କରୁଛି ଏବଂ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଜ୍ଞାନ, ସୃଜନଶୀଳତା ଏବଂ ନୈତିକତାର ମହାନ ଆଦର୍ଶକୁ ସମ୍ମାନ ଦେଉଛି ।

ଏହି ଆଦର୍ଶ ବିଦ୍ୟାଳୟ ନିର୍ମାଣ ଫଳରେ ଶିକ୍ଷା ଭିତ୍ତିଭୂମି ଏବଂ ଶିକ୍ଷଣ ପରିବେଶରେ ଉନ୍ନତି ଆସିବ । ଆଧୁନିକ ଶ୍ରେଣୀଗୃହ, ଡିଜିଟାଲ୍ ଉପକରଣ ଏବଂ କ୍ରୀଡ଼ା ଉପକରଣ ଭଳି ସୁବିଧା ସେହି ବିଦ୍ୟାଳୟରେ ଉପଲବ୍ଧ ହେବା ପ୍ରତ୍ୟେକ ପିଲାଙ୍କୁ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଦକ୍ଷତାରେ ନିପୂଣ କରିବା ସହିତ ଗୁଣାତ୍ମକ ଶିକ୍ଷା ମାଧ୍ୟମରେ ସେମାନଙ୍କର ସାମଗ୍ରିକ ବିକାଶ କରାଇବ ।



# ଅନୁ ଗର୍ଗ ନୂଆ ମୁଖ୍ୟ ଶାସନ ସଚିବ

ବରିଷ୍ଠ ଆଇଏଏସ ଅଫିସର ମନୋଜ ଆହୁଜା ଅବସର ଗ୍ରହଣ କରିବା ପରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପଦରେ ଥାଇ ଉନ୍ନୟନ କମିଶନର ତଥା ଜଳସମ୍ପଦ ଓ ଅନ୍ୟାନ୍ୟ ବହୁ ବିଭାଗର ଦାୟିତ୍ୱରେ ଥିବା ୧୯୯୧ ବ୍ୟାଚର ବରିଷ୍ଠ ଆଇଏଏସ ଅଧିକାରୀ ଅନୁ ଗର୍ଗ ରାଜ୍ୟର ନୂଆ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂଆବର୍ଷ ଆରମ୍ଭରୁ ସେ ପୁରୀ ଯାଇ ଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ । ଦାୟିତ୍ୱ ନେବା ପରେ ଅନୁ ଗର୍ଗ କହିଛନ୍ତି - ଏଇଟା ମୋ ପାଇଁ ବହୁତ ବଡ଼ ଦାୟିତ୍ୱ ଆଉ ସୁଯୋଗ । ଆଇଏଏସରେ ଯୋଗଦେବା ପରେ ସମସ୍ତଙ୍କ ସ୍ୱପ୍ନ ଥାଏ ରାଜ୍ୟର କିପରି ଉନ୍ନତି କରିବୁ, ତେଣୁ ଏହା ବହୁତ ବଡ଼ ସୁଯୋଗ । ଓଡ଼ିଶା ସରକାର ଭିଜନ ଡକୁମେଣ୍ଟ ୨୦୩୬ ତିଆରି କରିଛନ୍ତି, ସ୍ୱପ୍ନର ଓଡ଼ିଶା ଗଠନ କରିବା ତାଙ୍କର ପ୍ରଥମ କର୍ତ୍ତବ୍ୟ ବୋଲି ସେ କହିଛନ୍ତି । ଇଂରାଜୀ ନୂଆବର୍ଷ ୨୦୨୬ର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଶାସନ ସଚିବ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସହିତ ଚଳିତବର୍ଷର ଆଭିମୁଖ୍ୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ ।



# ଅଟଳବିହାରୀ ବାଜପେୟୀ

ଭାରତର ରାଜନୈତିକ ଇତିହାସକୁ ଅବଲୋକନ କଲାବେଳେ ଯେଉଁ କେତେଜଣ ମହାନ ରାଷ୍ଟ୍ରନୀତିଜ୍ଞ ମାନସପଟରେ ଉଦ୍‌ଭାସିତ ହୁଅନ୍ତି , ସେମାନଙ୍କ ଭିତରେ ଆଗ ଧାଡ଼ିରେ ରୁହନ୍ତି ଭୂତପୂର୍ବ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ । ତାଙ୍କ ଜୀବନର ଆଦର୍ଶ ଭାରତର ରାଜନୈତିକ ଆକାଶରେ ଚିର ଜାଜ୍ୱଲ୍ୟମାନ ହୋଇ ରହିଥିବ । ୧୯୨୪ ଡିସେମ୍ବର ୨୫ରେ ମଧ୍ୟପ୍ରଦେଶର ଗ୍ୱାଲିୟରରେ ଜନ୍ମଗ୍ରହଣ କରିଥିବା ଶ୍ରୀ ବାଜପେୟୀ ହିନ୍ଦି, ଇଂରାଜୀ ଓ ସଂସ୍କୃତରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ ଏବଂ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ପାସ୍ କରିଥିଲେ । ସେ ୧୯୫୭ରେ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ମଥୁରାରୁ ପରାଜିତ ହୋଇଥିଲେ ମଧ ବଳରାମପୁରରୁ ବିଜୟୀ ହୋଇଥିଲେ । ସେ ଥିଲେ ଜଣେ ବାଗ୍ମୀ, ବିଦ୍ୱାନ ଓ ପ୍ରତିଭାଶାଳୀ ବକ୍ତା, ଯାହାଙ୍କ ଭାଷଣ ଦେଶବାସୀଙ୍କୁ ବେଶ୍ ପ୍ରଭାବିତ କରୁଥିଲା । ୧୯୭୫ ମସିହାରେ ଜରୁରୀକାଳୀନ ପରିସ୍ଥିତି ସମୟରେ ବହୁ ବିରୋଧୀ ଦଳ ନେତାଙ୍କ ସହିତ ବାଜପେୟୀ ମଧ ଗିରଫ ହୋଇଥିଲେ । ତେବେ ୧୯୭୭ରେ ଜରୁରୀ କାଳୀନ ପରିସ୍ଥିତି ପରେ ଅନୁଷ୍ଠିତ ନିର୍ବାଚନରେ ଜନତା ପାର୍ଟି କ୍ଷମତାକୁ ଆସିବା ପରେ ବାଜପେୟୀ ମନ୍ତ୍ରୀପଦ ପାଇଥିଲେ । ୧୯୭୭ରେ ସେ ମିଳିତ ଜାତିସଂଘ ଜେନେରାଲ ଆସେମ୍ବ୍ଲିରେ ହିନ୍ଦିରେ ଭାଷଣ ଦେବାରେ ଥିଲେ ପ୍ରଥମ ମନ୍ତ୍ରୀ ।

ସେ ଥିଲେ ଏକାଧାରରେ ଜଣେ କବି, ଲେଖକ, ରାଷ୍ଟ୍ରନୀତିଜ୍ଞ ଯିଏ କି ତିନି ଥର ଭାରତର ପ୍ରଧାନମନ୍ତ୍ରୀ ପଦ ଅଳଙ୍କୃତ କରିଥିଲେ । ପ୍ରଥମ ଥର ୧୯୯୬ରେ ୧୩ ଦିନ ପାଇଁ, ଦ୍ୱିତୀୟ ଥର ୧୯୯୮ରୁ ୧୯୯୯ ପର୍ଯ୍ୟନ୍ତ ୧୩ ମାସ ପାଇଁ ଏବଂ ତୃତୀୟ ଥର ୧୯୯୯ରୁ ୨୦୦୪ ମସିହା ପର୍ଯ୍ୟନ୍ତ ଅଣ-କଂଗ୍ରେସ ପ୍ରଧାନମନ୍ତ୍ରୀ ଭାବେ ପାଞ୍ଚ ବର୍ଷ ପୂରଣ କରିବାରେ ଥିଲେ ପ୍ରଥମ ନେତା ।

ସେ ଥିଲେ ଭାରତୀୟ ଜନତା ପାର୍ଟିର ଅନ୍ୟତମ ପ୍ରତିଷ୍ଠାତା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ଣ୍ଣକାଳୀନ କାର୍ଯ୍ୟକର୍ତ୍ତା (ପ୍ରଚାରକ) । ବାଜପେୟୀ ସବୁଠୁ ଲମ୍ବା ପାଞ୍ଚଦଶକ ଧରି ସାଂସଦ ଥିଲେ । ସେ ଲକ୍ଷ୍ନୌ, ଗୋୱାଲିୟର, ନୂଆଦିଲ୍ଲୀ, ବଳରାମପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ୨୦୦୯ରେ ସ୍ୱାସ୍ଥ୍ୟଗତ କାରଣରୁ ସେ ସକ୍ରିୟ ରାଜନୀତିରୁ ଅବସର ନେଇଥିଲେ । ଭାରତୀୟ ଜନସଂଘରେ ସେ ୧୯୬୮ରୁ ୧୯୭୨ ପର୍ଯ୍ୟନ୍ତ ସଭାପତି ଥିଲେ । ଭାରତୀୟ ଜନସଂଘ ଅନ୍ୟାନ୍ୟ ଦଳ ସହିତ ମିଶି ଜନତା ପାର୍ଟି ଗଠନ କରିଥିଲା ଏବଂ ୧୯୭୭ରେ ନିର୍ବାଚନରେ ଜିତିଥିଲା । ପ୍ରଥମ କରି ବାଜପେୟୀ ୧୯୭୭ ସରକାରରେ ପ୍ରଧାନମନ୍ତ୍ରୀ ମୋରାରଜି ଦେଶାଇଙ୍କ କ୍ୟାବିନେଟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଥିଲେ ଏବଂ ୧୯୭୯ରେ ଇସ୍ତଫା ଦେଇଥିଲେ । ଜନତା ମେଣ୍ଟ ଭାଙ୍ଗିଯିବା ପରେ ଭାରତୀୟ ଜନସଂଘର ସଦସ୍ୟମାନେ ୧୯୮୦ରେ ବିଜେପି ଗଠନ କରିଥିଲେ, ଯାହାର ପ୍ରଥମ ସଭାପତି ଥିଲେ ବାଜପେୟୀ ।

ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଭାରତ ର ରାଜନୈତିକ ଇତିହାସ ଏକ ଭିନ୍ନ ମୋଡ଼ ନେଇଥିଲା । ଭାରତ ପୋଖରାନ-୨ ପରମାଣୁ ବୋମା ପରୀକ୍ଷା କରିଥିଲା । ଏପରିକି ପାକିସ୍ତାନ ସହିତ କୁଟନୈତିକ ସମ୍ପର୍କ ସୁଦୃଢ଼ କରିବା ପାଇଁ ପାକିସ୍ତାନ ପ୍ରଧାନମନ୍ତ୍ରୀ ନୱାଜ ସରିଫଙ୍କୁ ସାକ୍ଷାତ କରିବା ପାଇଁ ସେ ଲାହୋରକୁ ବସରେ ଯାତ୍ରା କରିଥିଲେ । ୧୯୯୯ କାର୍ଗିଲ ଯୁଦ୍ଧ ପରେ ସେ ପାକିସ୍ତାନର ପ୍ରଧାନମନ୍ତ୍ରୀ ପରଭେଜ ମୁସାରଫଙ୍କ ସହିତ ସମ୍ପର୍କ ପୁନଃସ୍ଥାପନ ପାଇଁ ଉଦ୍ୟମ କରିଥିଲେ ଏବଂ ଏ ବିଷୟରେ କଥାବାର୍ତ୍ତା ପାଇଁ ସେ ତାଙ୍କୁ ଭାରତ ଆମନ୍ତ୍ରଣ କରିଥିଲେ ।

ବାଜପେୟୀଙ୍କ ସରକାର ଭାରତରେ ବହୁ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଥିଲା । ଘରୋଇ ଉଦ୍ୟୋଗ ଓ ବିଦେଶୀ ପୁଞ୍ଜିନିବେଶ, ଗବେଷଣା ଓ ଉନ୍ନୟନ, ନିଗମର ଘରୋଇକରଣ କରାଯାଇଥିଲା । ବାଜପେୟୀଙ୍କ ଶାସନ କାଳରେ ଭାରତ ଏକ ବଡ଼ ଧରଣର ସୁରକ୍ଷା ଆହ୍ୱାନକୁ ସାମ୍ନା କରିଥିଲା । ୧୯୯୯ କାରଗିଲ ଯୁଦ୍ଧ, ୨୦୦୧ରେ ପାର୍ଲାମେଣ୍ଟ ଉପରେ ଆକ୍ରମଣ, ଜାମ୍ମୁ-କାଶ୍ମୀରରେ ଘନ ଘନ ଆକ୍ରମଣ ପାକିସ୍ତାନ ଆତଙ୍କବାଦୀଙ୍କ ପ୍ରରୋଚନାରେ ହୋଇଥିବାବେଳେ ଏହାକୁ ସେ ଦୃଢ଼ ହସ୍ତରେ ଦମନ କରିଥିଲେ । ପାର୍ଲାମେଣ୍ଟ ଉପରେ ଆକ୍ରମଣ ପରେ ସେ ଆରମ୍ଭ କରିଥିଲେ ଅପରେସନ ପରାକ୍ରମ, ଯାହା ଥିଲା ସ୍ୱାଧୀନତା ପରବର୍ତ୍ତୀ ଭାରତର ସର୍ବ ବୃହତ ସାମରିକ କାର୍ଯ୍ୟାନୁଷ୍ଠାନ । ତାଙ୍କ ସମୟର ଇଣ୍ଡିଆ ସାଇନିଂ ଅଭିଯାନ ମଧ ଚର୍ଚ୍ଚାରେ ଥିଲା ।

୧୯୯୨ରେ ବାଜପେୟୀ ପଦ୍ମ ବିଭୂଷଣ ଉପାଧିରେ ସମ୍ମାନିତ ହୋଇଥିଲେ । ତେବେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦୀ କ୍ଷମତାସୀନ ହେବା ପରେ ୨୦୧୪ରେ ବାଜପେୟୀଙ୍କ ଜନ୍ମଦିନ ୨୫ ଡିସେମ୍ବରକୁ ସୁଶାସନ ଦିବସ ଭାବେ ଘୋଷଣା କରାଯାଇଥିଲା । ୨୦୧୫ରେ ଭାରତର ରାଷ୍ଟ୍ରପତି ପ୍ରଣବ ମୁଖର୍ଜୀ ତାଙ୍କୁ ସର୍ବୋଚ୍ଚ ସମ୍ମାନ ଭାରତ ରତ୍ନ ଉପାଧୀରେ ଭୂଷିତ କରିଥିଲେ । ୨୦୧୮ରେ ବୟସାଧିକ୍ୟ କାରଣରୁ ରୋଗଶଯ୍ୟାରେ ଥିବା ବାଜପେୟୀଙ୍କ ପରଲୋକ ହୋଇଥିଲା । ତେବେ ଜୀବନ କାଳରେ ସେ ଛାଡ଼ିଯାଇଥିବା ଆଦର୍ଶ ଭାରତବର୍ଷର ସବୁବର୍ଗର ରାଜନେତାଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛି ଏବଂ ରହିଥିବ ମଧ ।

# ଓଡ଼ିଶାର ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିଛି ସୁଭଦ୍ରା



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରେରଣାଦାୟୀ ଦିଗଦର୍ଶନ ଓ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ମହିଳାମାନଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିକୁ ସୁଦୃଢ କରିବା ଲକ୍ଷ୍ୟରେ ରାଜ୍ୟସରକାର ଯୁଗାନ୍ତକାରୀ ଯୋଜନା "ସୁଭଦ୍ରା" ଆରମ୍ଭ କରିଛନ୍ତି । ଏହି ଯୋଜନାରେ ୨୧ ରୁ ୬୦ବୟସ ପର୍ଯ୍ୟନ୍ତ ସମସ୍ତ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ବର୍ଷକୁ ଦୁଇଟି କିସ୍ତିରେ ୧୦ ହଜାର ଟଙ୍କା ଲେଖାଏଁ ୫ ବର୍ଷରେ ୫୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବାର ପ୍ରାବଧାନ ରଖାଯାଇଛି । ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିରେ ୧ କୋଟି ୩ ଲକ୍ଷ ୭୫ ହଜାର ୯୪୧ ଜଣ, ଦ୍ୱିତୀୟ କିସ୍ତିରେ ୧ କୋଟି ୧ ଲକ୍ଷ ୯୨ ହଜାର ୭୨୪ ଜଣ ଏବଂ ତୃତୀୟ କିସ୍ତିରେ ୯୭ ଲକ୍ଷ ୬୫ ହଜାର ୩୩୯ ଜଣ ହିତାଧିକାରୀ ଲାଭାନ୍ୱିତ ହୋଇଛନ୍ତି । ଏହି ଯୋଜନାରେ ଏଯାବତ ୧୫ ହଜାର ୧୬୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ତିନିଟି କିସ୍ତିରେ ୧୫ ହଜାର ଲେଖାଏଁ ଟଙ୍କା ସମସ୍ତ ଯୋଗ୍ୟ ମହିଳା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯାଇଛି ।

ସୁଭଦ୍ରା ଯୋଜନା ରାଜ୍ୟର ବିଭିନ୍ନ ଅଞ୍ଚଳରେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ନୂଆ ଜାଗରଣ ସୃଷ୍ଟି କରିଛି । ବର୍ଷକୁ ୧୦ ହଜାର ଟଙ୍କାରେ ଦୁଇ ତିନି ଜଣ ମହିଳା ମିଶି ବିନା ବ୍ୟାଙ୍କ ଋଣରେ ଉଦ୍ୟାନ କୃଷି ଉତ୍ପାଦ, ଛତୁ ଚାଷ, ଦେଶୀ କୁକୁଡ଼ା, ଛେଳି, ଗାଈ ପାଳନ, ମହୁ ଚାଷ, ଖଲିପ୍ଲେଟ ଉତ୍ପାଦ କ୍ଷୁଦ୍ର ମସଲା ତିଆରି ଶିଳ୍ପ, ଘଣା ତେଲ ଉତ୍ପାଦନ, ଖାଦ୍ୟ ପ୍ରକ୍ରିୟାକରଣ, ଶୁଖୁଆ ବ୍ୟବସାୟ, ଜଳଖିଆ ଦୋକାନ, ସିଲେଇ ଦୋକାନ, ଲୁଗାବୁଣା ବ୍ୟବସାୟ, ବିଭିନ୍ନ ହସ୍ତଶିଳ୍ପର ବ୍ୟବସାୟ, ଟେରାକୋଟାଠୁ ଆରମ୍ଭ କରି ବିଭିନ୍ନ କ୍ଷୁଦ୍ର ଓ ଅଣୁ ବ୍ୟବସାୟ ଆରମ୍ଭ କରିବା ସହ ନିଜ କୌଳିକ ବୃତ୍ତିକୁ ଆଗକୁ ବଢେଇବାରେ ସକ୍ଷମ ହୋଇଛନ୍ତି । ନୂତନ ପଞ୍ଜୀକରଣର ୨ଲକ୍ଷ ୬୯ ହଜାର ୭୩୩ ଆବେଦନକାରୀଙ୍କୁ ମିଶାଇ ସମୁଦାୟ ୧ କୋଟି ୧୨ ଲକ୍ଷ ୫୭ ହଜାର ୬୬୭ ଜଣ ଆବେଦନକାରୀ ସୁଭଦ୍ରା ଯୋଜନାରେ ପଞ୍ଜୀକରଣ କରିଛନ୍ତି ।



**ନୂତନ ପଞ୍ଜୀକରଣ ପାଇଁ ସୁଭଦ୍ରା ପୋର୍ଟାଲ ଖୋଲିବା ସମୟରେ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ବିନାଦେୟରେ ସୁଭଦ୍ରା ଆବେଦନ ପତ୍ର ଉପଲବ୍ଧ ହେବ । ଏତଦ୍‌ବ୍ୟତୀତ ନିକଟସ୍ଥ ଆମ ସେବା କେନ୍ଦ୍ର କିମ୍ବା ଜନସେବା କେନ୍ଦ୍ରରେ ମଧ ଦେୟମୁକ୍ତ ଭାବେ ପଞ୍ଜୀକରଣ କରାଯାଇପାରିବ । ଏଥି ପାଇଁ ନିଜର ଆଧାର ନମ୍ବର ଓ ଆଧାର ସହ ଲିଙ୍କ୍ ଥିବା ମୋବାଇଲ୍ ନମ୍ବର ପ୍ରଦାନ କରି ଜଣେ ହିତାଧିକାରୀ ଆବେଦନ କରିପାରିବେ । ସୁଭଦ୍ରା ନିୟମାବଳୀ ଅନୁଯାୟୀ ଯୋଗ୍ୟ ବିବେଚିତ ସମସ୍ତ ଆବେଦନକାରୀଙ୍କୁ ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଦୁଇଟି କିସ୍ତି ପ୍ରଦାନ କରାଯିବ ଏବଂ ଯଦି ସେମାନଙ୍କ ଯୋଗ୍ୟତା ବଜାୟ ରହେ ପରବର୍ତ୍ତୀ ବର୍ଷଗୁଡ଼ିକରେ ମଧ ଏହି ସୁବିଧା ମିଳିବ ।**

ମହିଳା ଓ ଶିଶୁ ବିଭାଗ ଆନୁକୂଲ୍ୟରେ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ସୁଭଦ୍ରା ଯୋଜନାରେ ନୂତନ ହିତାଧିକାରୀମାନଙ୍କ ପଞ୍ଜୀକରଣ ପାଇଁ ସୁଭଦ୍ରା ପୋର୍ଟାଲ ୨୦୨୫ ନଭେମ୍ବର ୧ ରୁ ୩୦ ପର୍ଯ୍ୟନ୍ତ ଖୋଲାଯାଇଥିଲା । ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ସୁଭଦ୍ରା ଏକତା ପଦଯାତ୍ରାରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ଏହା ଘୋଷଣା କରିଥିଲେ । ଯେଉଁମାନଙ୍କ ବୟସ ୧ ଅପ୍ରେଲ ୨୦୨୫ ସୁଦ୍ଧା ୨୧ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ହୋଇଥିବ ଏବଂ ଏହି ଯୋଜନା ଅନ୍ତର୍ଗତ ଅନ୍ୟାନ୍ୟ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବ ସେମାନେ ଆବେଦନ କରିପାରିଛନ୍ତି । ଯେଉଁ ମହିଳାମାନେ ଗତ ଆର୍ଥିକ ବର୍ଷରେ ସୁଭଦ୍ରା ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ଥାଇ ମଧ ଆବେଦନ କରିପାରି ନ ଥିଲେ, ସେମାନଙ୍କୁ ପୁଣିଥରେ ଚଳିତ ବର୍ଷ ଆବେଦନ ପାଇଁ ସୁଯୋଗ ଦିଆଯାଇଛି ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମନ୍ୱିତ ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ

## ଘଟଗାଁ ତାରିଣୀ ପୀଠ

**ସୌନ୍ଦର୍ଯ୍ୟକରଣ ହେବ ବିଶ୍ୱସ୍ତରୀୟ**



କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ ପରମ କଲ୍ୟାଣମୟୀ। ସେ ମମତାର ସୀମାହୀନ ସାଗର। ଭକ୍ତଙ୍କ ଆର୍ତ୍ତି ଶୁଣି ସକଳ ଦୁଃଖ ଓ ବିପଦରୁ ତାରଣ କରୁଥିବାରୁ ଏହି ଦେବୀଙ୍କୁ ତାରିଣୀ ବୋଲି କୁହାଯାଏ। ମା'ଙ୍କ ମହିମା ଅସୀମ, ଅନନ୍ତ, ଅପରିକଳ୍ପନୀୟ। ଆଧାତ୍ମିକ ସିଦ୍ଧି ସାଧନାର ଏକ ମହାନଶକ୍ତି କ୍ଷେତ୍ର ହେଉଛି ଘଟଗାଁ। ତେଣୁ ମା'ଙ୍କ କରୁଣାଲାଭ ପାଇଁ ଦୈନିକ ହଜାର ହଜାର ଭକ୍ତ ଛୁଟି ଆସନ୍ତି ପୁଣ୍ୟତୋୟା ବୈତରଣୀର ଉତ୍ପତିସ୍ଥଳ କେନ୍ଦୁଝର ମାଟିକୁ। ଭକ୍ତଙ୍କ ସୁବିଧା ଓ ସୁରକ୍ଷାକୁ ପ୍ରାଥମିକତା ଦେଇ ଏହି ପ୍ରସିଦ୍ଧ ଶକ୍ତିପୀଠର ବିକାଶ ପାଇଁ ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି ରାଜ୍ୟ ସରକାର। କେନ୍ଦୁଝର ମାଟିର ସୁଯୋଗ୍ୟ ସନ୍ତାନ ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ଗସ୍ତରେ ଆସି ବହୁ ପ୍ରତୀକ୍ଷିତ ମା' ତାରିଣୀ ପୀଠ ସମନ୍ୱିତ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଓ ମନ୍ଦିରର ସୌନ୍ଦର୍ଯ୍ୟକରଣ କରିବା ପାଇଁ ନିଜର ନିଷ୍ଠା, ଭକ୍ତି ଓ ସମର୍ପଣ ଦେଖାଇଛନ୍ତି।

### ମା' ତାରିଣୀ ପୀଠ: ଉନ୍ନତିକରଣ

ଓଡ଼ିଶାର ଆଧାତ୍ମିକ ଓ ସାଂସ୍କୃତିକ କ୍ଷେତ୍ରରେ ମା' ତାରିଣୀଙ୍କ ସ୍ଥାନ ଅତୁଳନୀୟ। ମା'ଙ୍କ ଆଶୀର୍ବାଦ ନେବା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଭକ୍ତମାନଙ୍କ ସୁବିଧା ଏବଂ ମନ୍ଦିରର ଶୋଭା ବୃଦ୍ଧି ପାଇଁ ଏହି ଅଭିନବ ଉନ୍ନୟନ ପ୍ରକଳ୍ପ ଆରମ୍ଭ କରି ମୁଖ୍ୟମନ୍ତ୍ରୀ ତାଙ୍କର ପରିକଳ୍ପନାକୁ ସାକାର କରିଛନ୍ତି। ମା'ଙ୍କ ପୀଠକୁ ଏକ ପ୍ରମୁଖ ଧର୍ମୀୟ ଓ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବାକୁ ୩୧୩ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ସମନ୍ୱିତ ଉନ୍ନତିକରଣ କାର୍ଯ୍ୟକ୍ରମ ଘଟଗାଁ ଏବଂ ସମଗ୍ର କେନ୍ଦୁଝର ଜିଲ୍ଲାପାଇଁ ବହୁବିଧ ଲାଭ ଆଣିଦେବ।

### ଶ୍ରଦ୍ଧାଳୁଙ୍କ ପାଇଁ ସୁବିଧା

ଏହି ମେଗା ପ୍ରକଳ୍ପ ମା' ତାରିଣୀଙ୍କ ଦର୍ଶନ ପାଇଁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ଯାତ୍ରାକୁ ଅଧିକ ସୁଗମ ଓ ଆରାମଦାୟକ କରିବ। ପ୍ରାୟ ୬୦ ଏକର ଜମିରେ ପରିବ୍ୟାପ୍ତ ଏହି ପ୍ରକଳ୍ପରେ ନିର୍ମିତ ହେବାକୁ ଥିବା ୨୧୬ ଶଯ୍ୟା ବିଶିଷ୍ଟ ଯାତ୍ରୀ ନିବାସ ଓ ତୀର୍ଥଯାତ୍ରୀ କେନ୍ଦ୍ର ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପାଇଁ ଆରାମଦାୟକ ଓ ସୁଲଭ ରହଣି ସୁନିଶ୍ଚିତ କରିବା ସହ ତୀର୍ଥଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି କରିବ। ପ୍ରାୟ ୫୦୦ ଜଣ ଏକସଙ୍ଗେ ପ୍ରସାଦ ସେବନ କରିପାରିଲା ଭଳି ବିଶାଳ ପ୍ରସାଦ ସେବନ ହଲ୍ ନିର୍ମାଣ ହେବ ଯାହା ଧାର୍ମିକ କାର୍ଯ୍ୟକ୍ରମ ଏବଂ ଭୋଜନ ପରିଚାଳନାକୁ ସୁବ୍ୟବସ୍ଥିତ କରିବାରେ ସହାୟକ ହେବ। ଖାଦ୍ୟ ପ୍ଲାଜା ଭକ୍ତ ଓ ପର୍ଯ୍ୟଟକଙ୍କୁ ଏକ ସୁବ୍ୟବସ୍ଥିତ ତଥା ସ୍ୱଚ୍ଛ ସ୍ଥାନରେ ଖାଦ୍ୟ ଗ୍ରହଣ କରିବାର ସୁବିଧା ଯୋଗାଇବ। ଏଠାରେ ସ୍ୱଚ୍ଛତା ଓ ଗୁଣବତ୍ତା ଥିବା ସ୍ୱାଦିଷ୍ଟ ଖାଦ୍ୟ ସହଜରେ ମିଳିପାରିବ। ବିଭିନ୍ନ ପ୍ରକାର ଖାଦ୍ୟ ଓ ପାନୀୟ ଏକାଠି ଉପଲବ୍ଧ ହେବ, ଯାହା ସବୁ ବୟସର ଓ ଲୋକଙ୍କ ଆବଶ୍ୟକତା ପୂରଣ କରିବ। ମା'ଙ୍କ ଦର୍ଶନ ପାଇଁ ଯାଇଥିବା ଭକ୍ତମାନେ ଏକ ସୁନ୍ଦର ଓ ଆରାମଦାୟକ ପରିବେଶରେ ବିଶ୍ରାମ ନେଇପାରିବେ। ମାର୍କେଟ୍ କମ୍ପ୍ଲେକ୍ସ ଭକ୍ତମାନଙ୍କର ପୂଜା ସାମଗ୍ରୀ, ସ୍ମରଣୀୟ ଜିନିଷ ଏବଂ ଦୈନନ୍ଦିନ ଆବଶ୍ୟକତା ପୂରଣ କରିବ। ଦୀପ, ଧୂପ, ଫୁଲ ଓ ଅନ୍ୟାନ୍ୟ ପୂଜା ସାମଗ୍ରୀ ଗୋଟିଏ ସ୍ଥାନରେ ସହଜରେ ଉପଲବ୍ଧ ହେବ।

### ସୁବ୍ୟବସ୍ଥିତ ପରିବେଶ

ବାହାରେ ଅବ୍ୟବସ୍ଥିତ ଭାବେ ବିକ୍ରି ହେଉଥିବା ଜିନିଷ ବଦଳରେ, ଏକ ସୁନ୍ଦର ଓ ସୁରକ୍ଷିତ କୋଠରୀ ଭିତରେ କିଣାକିଣିର ସୁବିଧା ମିଳିବ। ନିର୍ମିତ ହେବ ନଡ଼ିଆ ଗୋଦାମ। ମା'ଙ୍କୁ ପ୍ରସାଦ ଭାବେ ଅର୍ପଣ କରାଯାଉଥିବା ନଡ଼ିଆର ସୁରକ୍ଷିତ ଓ ସ୍ୱଚ୍ଛ ସଂରକ୍ଷଣ ପାଇଁ ବ୍ୟବସ୍ଥା ରହିବ। ଏହି ସୁବିଧାଗୁଡ଼ିକ ତୀର୍ଥସ୍ଥଳୀର ଭିତ୍ତିଭୂମିକୁ ମଜବୁତ କରିବ ଏବଂ ଏହାକୁ ଏକ ବିଶ୍ୱସ୍ତରୀୟ ଧାର୍ମିକ କେନ୍ଦ୍ରରେ ପରିଣତ କରିବ।

### ଅର୍ଥନୈତିକ ବିକାଶ

ଏହି ବ୍ୟବସାୟିକ କେନ୍ଦ୍ରଗୁଡ଼ିକ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଏବଂ ବ୍ୟବସାୟିକ ସୁଯୋଗ ଯୋଗାଇଦେବ। ଏହି ସୁବିଧା ମା' ତାରିଣୀ ପୀଠକୁ ଅଧିକ ଆକର୍ଷଣୀୟ କରିବ। ମନ୍ଦିରର ଦେହୁରୀ ଓ ସେବାୟତମାନଙ୍କ ପାଇଁ ସମ୍ମାନଜନକ ସ୍ଥାୟୀ ରହଣିର ସୁବିଧା, ଶୌଚାଳୟ, ଜୋତା ଷ୍ଟାଣ୍ଡର ନିର୍ମାଣ, ଭକ୍ତମାନଙ୍କ ପାଇଁ ସ୍ୱଚ୍ଛତା, ପରିମଳ ସହ ସର୍ବୋତ୍ତମ ମୌଳିକ ଭିତ୍ତିଭୂମି ଯୋଗାଇବାରେ ସହାୟକ ହେବ। ବ୍ୟାଖ୍ୟାନ କେନ୍ଦ୍ର ଓ ୱାଚ୍ ଟାୱାରରେ ମା' ତାରିଣୀଙ୍କ ଇତିହାସ ଓ ସଂସ୍କୃତି ବିଷୟରେ ଜାଣିବା ପାଇଁ ସୁଯୋଗ ମିଳିବ ଏବଂ ପରିଦର୍ଶକଙ୍କ ପାଇଁ ପୀଠର ସୁରକ୍ଷା ଓ ଦୃଶ୍ୟ ଉପଭୋଗ କରିବାର ବ୍ୟବସ୍ଥା ରହିବ। ଚାରିଟି ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ମନ୍ଦିରର ସାମଗ୍ରିକ ପରିବେଶକୁ ସୁନ୍ଦର କରିବା ସହିତ ଜଳ ସଂରକ୍ଷଣ ଏବଂ ଧାର୍ମିକ କାର୍ଯ୍ୟ ପାଇଁ ସ୍ୱଚ୍ଛ ଜଳର

ବ୍ୟବହାର ପାଇଁ ବ୍ୟବସ୍ଥାକୁ ସୁନିଶ୍ଚିତ କରିବ ।

### ପର୍ଯ୍ୟଟନ ଓ ଆର୍ଥିକ ବିକାଶ

ପ୍ରକଳ୍ପ ସମାପ୍ତ ହେବା ପରେ, ମା’ ତାରିଣୀ ପୀଠ ଦେଶ ତଥା ବିଦେଶରୁ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ, ଯାହା ରାଜ୍ୟ ରାଜକୋଷ ଓ ସ୍ଥାନୀୟ ଲୋକଙ୍କ ଆୟ ବୃଦ୍ଧି କରିବାରେ ସହାୟକ ହେବ ।

### ପରିବେଶ ଓ ସୌନ୍ଦର୍ଯ୍ୟକରଣ

ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତିକରଣ କରାଯାଇ ଭକ୍ତ ଓ ପର୍ଯ୍ୟଟକମାନଙ୍କ ପାଇଁ ଗମନାଗମନ ସହଜ ହେବ । ଟ୍ରାଫିକ୍ ସମସ୍ୟା କମିବ ଏବଂ ନିରାପଦ ଯାତାୟାତ ସୁନିଶ୍ଚିତ ହେବ ।

ପୀଠର ପରିସରକୁ ଅଧିକ ଆକର୍ଷଣୀୟ କରାଯିବ । ଯାତ୍ରୀଙ୍କ ସୁବିଧା ପାଇଁ ଉନ୍ନତ ପାର୍କିଂ ବ୍ୟବସ୍ଥା ଏବଂ ଶୃଙ୍ଖଳିତ ଦର୍ଶନ ପାଇଁ ଧାଡ଼ି ପରିଚାଳନା ପ୍ରଣାଳୀ (Queue Management System) ର ବିକାଶ କରାଯିବ ।

ସୁନ୍ଦର ସ୍ୱାଗତ ତୋରଣ , ପାଦଚଲା ରାସ୍ତା, ଲ୍ୟାଣ୍ଡସ୍କେପିଂ, ୱାଚ୍ ଟାୱାର , ଏବଂ ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ ସିଷ୍ଟମ ପର୍ଯ୍ୟଟକଙ୍କୁ ଏକ ମନଲୋଭା ଅନୁଭୂତି ଦେବ । ଉନ୍ନତ ଡ୍ରେନେଜ୍, ବାହ୍ୟ ଜଳ ଯୋଗାଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ସୀମା ପ୍ରାଚୀର ନିର୍ମାଣ ପୀଠକୁ ସ୍ୱଚ୍ଛ ଓ ସୁରକ୍ଷିତ ରଖିବ ।

ମୁଖ୍ୟ ପୁଷ୍କରିଣୀ ସମେତ ମନ୍ଦିର ପଛପଟେ ଏବଂ ଶିଶୁ କ୍ରୀଡ଼ା ଅଞ୍ଚଳ ନିକଟରେ ଥିବା ସମସ୍ତ ପୁଷ୍କରିଣୀର ବିକାଶ ଓ ସୌନ୍ଦର୍ଯ୍ୟକରଣ କରାଯିବ ।

### ସଂଯୋଗୀକରଣ ରାସ୍ତା

ରାସ୍ତା ବିକାଶ କାର୍ଯ୍ୟକ୍ରମରେ ଜାତୀୟ ରାଜପଥ ସହିତ ସଂଯୋଗ କରୁଥିବା ୧୨ ମିଟର ଚଉଡ଼ା ରାସ୍ତା ଏବଂ ହରିଚନ୍ଦନପୁରକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ହେବ । ଏହା ବ୍ୟତୀତ ମନ୍ଦିର ଭିତର ରାସ୍ତାର ମରାମତି କରାଯିବ । ମା’ ତାରିଣୀଙ୍କ ପୀଠର ଏହି ବିଶାଳ ରୂପାନ୍ତରଣ ପରେ ଘଟଗାଁ କେବଳ ଏକ ଧାର୍ମିକ କେନ୍ଦ୍ର ନୁହେଁ, ବରଂ ଓଡ଼ିଶାର ଏକ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଭାବରେ ପରିଚିତ ହେବ ।

### ରୋଜଗାର ସୁଯୋଗ

ପ୍ରକଳ୍ପ ନିର୍ମାଣ ସମୟରେ ଏବଂ ସମାପ୍ତ ହେବା ପରେ ଯାତ୍ରୀ ନିବାସ, ଖାଦ୍ୟ ପ୍ଲାଜା, ବଜାର ପରିଚାଳନା ଆଦିରେ ସ୍ଥାନୀୟ ଲୋକଙ୍କ ପାଇଁ ବହୁଳ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହି ଉନ୍ନତିକରଣ ମାଧ୍ୟମରେ ପୀଠର ପବିତ୍ରତା ଓ ମହତ୍ତ୍ୱ ବୃଦ୍ଧି ପାଇବ ଏବଂ ଏହା ବିଶ୍ୱସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିପାରିବ ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘୋଷଣା କରିଛନ୍ତି ଯେ, କେନ୍ଦୁଝର , ଯାହା ଓଡ଼ିଶାର ହୃଦୟ ଏବଂ ପ୍ରାକୃତିକ ସମ୍ପଦର ଗନ୍ତାଘର , ତାହାର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ସହିତ DMF ଓ OMBADC ପାଣ୍ଠି ମିଶାଇଲେ ପ୍ରାୟ ୩୫,000 କୋଟି ଟଙ୍କା ରହିଛି ।

ଏହି ପ୍ରକଳ୍ପ ପାଇଁ ଚୁକ୍ତି ସ୍ୱାକ୍ଷରିତ ହେବା ଓଡ଼ିଶାର ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପିତ ହୋଇଛି । ଏହି ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜନସାଧାରଣଙ୍କୁ ଉଦବୋଧନ ଦେଇ କରିଛନ୍ତି । “ବିକଶିତ ଓଡ଼ିଶାର ଅର୍ଥ ହେଲା ଓଡ଼ିଶାର ପ୍ରତ୍ୟେକ ଲୋକଙ୍କ ସମାବେଶୀ ବିକାଶ । ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶା ଗଠନ କରିବାରେ କେନ୍ଦୁଝର ଏକ ବିଶେଷ ଭୂମିକା ଗ୍ରହଣ କରିବ । ଏହା ଦେଶର ‘ଗ୍ରୋଥ୍ ଇଞ୍ଜିନ୍’ ହେବ,” ।

ଏହି ପ୍ରକଳ୍ପ ସମାପ୍ତ ହେବା ପରେ ମା’ ତାରିଣୀଙ୍କ ମନ୍ଦିର କେବଳ ଏକ ଧାର୍ମିକ କେନ୍ଦ୍ର ନୁହେଁ, ବରଂ ଏକ ଆକର୍ଷଣୀୟ ଓ ସୁବ୍ୟବସ୍ଥିତ ପର୍ଯ୍ୟଟନ କେନ୍ଦ୍ର ଭାବରେ ଉଭା ହେବ, ଯାହା କେନ୍ଦୁଝରର ଗୌରବ ବୃଦ୍ଧି କରିବ । ମା’ ତାରିଣୀଙ୍କ ଆଶୀର୍ବାଦରେ ଖୁବ୍ ଶୀଘ୍ର ଏହି ବିକାଶର ନୂଆ ଅଧ୍ୟାୟ ଆରମ୍ଭ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

# ଦିଦାୟୀ ସମ୍ପ୍ରଦାୟରୁ ପ୍ରଥମ ଡାକ୍ତର ହେବେ ଚମ୍ପା

## ଡାକ୍ତରୀ ପାଠ ପଢିବେ ଦିଦାୟୀ ଜନଜାତି ସମ୍ପ୍ରଦାୟର ଝିଅ

ତଫସିଲଭୂକ୍ତ ଜନଜାତି ତଥା ପିଭିଟିଜି ଶ୍ରେଣୀଭୂକ୍ତ ଦିଦାୟୀ ଜନଜାତିର ପ୍ରଥମ ଡାକ୍ତରୀ ଛାତ୍ରୀ ଭାବେ ମାଲକାନଗିରିର ଝିଅ ଚମ୍ପା ରାସପେଦା ଡାକ୍ତରୀ ପ୍ରବେଶିକା ପରୀକ୍ଷା ନିଟ୍- ୨୦୨୫ ରେ କୃତକାର୍ଯ୍ୟ ହେଲା ପରେ ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ପାଠ ପଢିବେ । ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକର ଆମ୍ଳବେଡ଼ା ଗ୍ରାମର ଶ୍ରୀ ଲଚମୁ ରାସପେଦାଙ୍କ ଝିଅ ଚମ୍ପା ରାସପେଦା ପ୍ରଥମ ଦିଦାୟୀ ସମ୍ପ୍ରଦାୟ ଡାକ୍ତର ଭାବେ ନାମ ଅର୍ଜନ କରିବେ ।

ଦୃଢ଼ ନିଷ୍ଠା ବଳରେ କୌଣସି ବି ପ୍ରତିକୂଳ ପରିସ୍ଥିତିକୁ ଦୂର କରାଯାଇପାରିବ- ଏହା ପ୍ରମାଣ କରି ଦେଖାଇଛନ୍ତି ଏକ ସାଧାରଣ ପରିବାରର ଝିଅ ଚମ୍ପା । ତାଙ୍କ ପିତା ଜଣେ ନାମମାତ୍ର ଚାଷୀ ଓ ମାଆ ଜଣେ ଗୃହିଣୀ । ସେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ଅଧୀନରେ ଥିବା ପିଭିଟିଜି ବାଳିକା ଶିକ୍ଷା ବିଦ୍ୟାଳୟ , ନନ୍ଦିନୀଗୁଡ଼ା (ଖୈରପୁଟ ବ୍ଲକ) ରେ ତାଙ୍କର ପ୍ରାରମ୍ଭିକ ଶିକ୍ଷା ଆରମ୍ଭ କରିଥିଲେ । ପରେ ସେ




ଚିତ୍ରକୋଣ୍ଡାର ଏସଏସଡ଼ି ବାଳିକା ଉଚ୍ଚ ବିଦ୍ୟାଳୟରେ ତାଙ୍କର ପାଠପଢ଼ା ଜାରି ରଖିଥିଲେ ଏବଂ ୨୦୧୯ ରେ ମାଟ୍ରିକ ପାସ୍ କରିଥିଲେ । ୨୦୨୧ ରେ ଏସଏସଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଗୋବିନ୍ଦପାଲିରୁ ଯୁକ୍ତ ଦୁଇ ବିଜ୍ଞାନରେ ପାସ୍ କରିବାଥିଲେ । ତାଙ୍କର ଦୃଢ ଇଚ୍ଛାଶକ୍ତି ବଳରେ ଡାକ୍ତର ହେବାର ସ୍ୱପ୍ନକୁ ସେ ମଳିନ ହେବାକୁ ଦେଇନଥିଲେ । ତାଙ୍କର ପୂର୍ବତନ ବିଜ୍ଞାନ ଶିକ୍ଷକ ଉତ୍କଳ କେଶରୀ ଦାଶଙ୍କ ମାର୍ଗଦର୍ଶନରେ ଚମ୍ପା ଡାକ୍ତରୀ କୋଚିଂ ନେଇଥିଲେ ।

ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଚମ୍ପାଙ୍କୁ ରାଜଭବନରେ ସମ୍ବର୍ଦ୍ଧିତ କରିଛନ୍ତି । ଚମ୍ପା ନିଜ ଭାଇ , ଶିକ୍ଷକ ଉତ୍କଳକେଶରୀ ଦାସ ବିଭାଗୀୟ ଅଧିକାରୀଙ୍କ ସହିତ ରାଜଭବନ ଯାଇଥିଲେ । ଚମ୍ପା ନିଜ ସଂଘର୍ଷମୟ ଜୀବନ ବିଷୟରେ ରାଜ୍ୟପାଳଙ୍କୁ କହିଥିଲେ । ରାଜ୍ୟପାଳ ତାଙ୍କୁ ଏକ ମୋବାଇଲ ଫୋନ ଓ ଲାପଟପ ବ୍ୟାଗ ଦେବା ସହିତ ଆଗାମୀ ଦିନର ସଫଳ ଯାତ୍ରା ପାଇଁ ଶୁଭେଚ୍ଛା ଜଣାଇଥିଲେ ।

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ମାଲକାନଗିରି ଦିଦାୟୀ ସମ୍ପ୍ରଦାୟର କୁମାରୀ ଚମ୍ପା ରାସ୍‌ପେଦାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଚମ୍ପାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ତାଙ୍କୁ ଏକ ଲାପ୍‌ଟପ୍ ଉପହାର ଦେଇଛନ୍ତି ।

# ସ୍କିଲ୍ଡ ଇନ୍ ଓଡ଼ିଶା

## ନୟାଗଡ଼ ମାଟିରୁ ଆକାଶ ପଥ
## ଏକ ପ୍ରେରଣାଦାୟୀ ଯାତ୍ରା


ତୁଷାରକାନ୍ତି ସ୍ୱାଇଁ


ଜୀବନ ଜ୍ୟୋତି ପ୍ରିୟଦର୍ଶନ


ପ୍ରିତିକେଶ ସାହୁ

ନୟାଗଡ଼ ଜିଲ୍ଲାର ଯୁବ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ ଓ ଦକ୍ଷ କରିବା ସହିତ ବିଶ୍ୱସ୍ତରୀୟ ଜୀବିକା ପ୍ରଦାନ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ଗୃହୀତ ଉଦ୍ୟମ ବର୍ତ୍ତମାନ ଏକ ଦୃଷ୍ଟାନ୍ତମୂଳକ ଉଦାହରଣ ସୃଷ୍ଟି କରିପାରିଛି । ସ୍କିଲ୍ଡ ଇନ୍ ଓଡ଼ିଶା (Skilled in Odisha) କାର୍ଯ୍ୟକ୍ରମରେ ପ୍ରୋତ୍ସାହିତ ହୋଇ ଜିଲ୍ଲାର ଦକ୍ଷ ଯୁବଗୋଷ୍ଠୀଙ୍କୁ ବିଶ୍ୱସ୍ତରୀୟ ତଥା ଉଚ୍ଚମାନର ପ୍ରଶିକ୍ଷଣ ଯୋଗାଇଦେବା ଜିଲ୍ଲା ଦକ୍ଷତା ବିକାଶ ତଥା ନିୟୋଜନ କାର୍ଯ୍ୟାଳୟର ମୂଳ ଲକ୍ଷ୍ୟ ।

ଓଡ଼ିଶା ସରକାରଙ୍କ ନୂଆ ଓଡ଼ିଶା ଯୋଜନା ମାଧ୍ୟମରେ ପ୍ରଦାନ କରାଯାଉଥିବା ଏଭିଏସନ୍ କ୍ଷେତ୍ରର ଉଚ୍ଚମାନର ପ୍ରଶିକ୍ଷଣ ଯୁବଗୋଷ୍ଠୀଙ୍କ ପାଇଁ ସହଜ ହୋଇ ପାରିଛି - ଯାହା ପାଇଁ ପୂର୍ବରୁ ସେମାନଙ୍କୁ ୩ ରୁ ୫ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିଲା । ଏହି ଯୋଜନାରେ ବିମାନବନ୍ଦର ପରିଚାଳନା, ଗ୍ରାହକ ସେବା, ବ୍ୟାଗେଜ ଓ କାର୍ଗୋ ସେବା, ଗ୍ରାଉଣ୍ଡ ହ୍ୟାଣ୍ଡେଲିଂ ଭଳି ଉଚ୍ଚତର ପ୍ରଶିକ୍ଷଣ ଯୁବଗୋଷ୍ଠୀଙ୍କୁ ପ୍ରଦାନ କରାଯାଉଛି ।

ମାତ୍ରାଧିକ ପ୍ରଶିକ୍ଷଣ ଖର୍ଚ୍ଚ ସତ୍ତ୍ୱେ ଓଡ଼ିଶା ସରକାର ଏହାର ସମସ୍ତ ଖର୍ଚ୍ଚ ବହନ କରୁଛନ୍ତି ଯେଉଁଥିରେ ପ୍ରଶିକ୍ଷଣ ଖର୍ଚ୍ଚ ବାଦ୍, ରହିବା, ଖାଇବା, ୟୁନିଫର୍ମ, ଫ୍ଲାଇଟରେ ଯିବା ଆସିବା ଖର୍ଚ୍ଚ ଆଦି ସମ୍ମିଳିତ ଅଛି । ନୟାଗଡ଼ ଜିଲ୍ଲାର ଅନେକ ଯୁବକ ଯୁବତୀ ଏହି ସୁବର୍ଣ୍ଣ ସୁଯୋଗକୁ ଗ୍ରହଣ କରି ଏଭିଏସନ୍ ସେକ୍ଟରରେ ନିଜର ନୂତନ ପରିଚୟ ସୃଷ୍ଟି କରି ପାରିଛନ୍ତି । ତନ୍ମଧ୍ୟରୁ ତୁଷାରକାନ୍ତି ସ୍ୱାଇଁ, ପ୍ରିତିକେଶ ସାହୁ, ଜୀବନ ଜ୍ୟୋତି ପ୍ରିୟଦର୍ଶନ ଭଳି ପ୍ରାର୍ଥୀ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।

**ତୁଷାରକାନ୍ତି ସ୍ୱାଇଁ** ଚେନ୍ନାଇ ସ୍ଥିତ ଗ୍ଲୋବାଲ ଫ୍ଲାଇଟ ହ୍ୟାଣ୍ଡେଲିଂ ସର୍ଭିସ ସଂସ୍ଥାରୁ ପ୍ରଶିକ୍ଷଣ ପାଇବା ପରେ ମହାରାଷ୍ଟ୍ରର ପୁଣେ ବିମାନବନ୍ଦରରେ ଗ୍ରାହକ ସେବା ଅଧିକାରୀ ଭାବେ କିଛି ମାସ କାମ କରିଥିଲେ । ବର୍ତ୍ତମାନ ସେ ଇଣ୍ଡିଗୋ ଏୟାରଲାଇନ୍ସରେ ଯୋଗ ଦେଇ ଭୁବନେଶ୍ୱର ସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଗ୍ରାହକ ସେବା ଅଧିକାରୀ ଭାବେ କାର୍ଯ୍ୟରତ ।

**ପ୍ରିତିକେଶ ସାହୁ** ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଜିଏମଆର ଏରୋ ଏକାଡେମି ରୁ ପ୍ରଶିକ୍ଷଣ ପାଇବା ପରେ ଇଣ୍ଡିଗୋ ଏୟାରଲାଇନ୍ସରେ ଗ୍ରାଉଣ୍ଡ ହ୍ୟାଣ୍ଡେଲିଂ ଅଧିକାରୀ ଭାବେ ଯୋଗ ଦେଇ ବେଙ୍ଗାଲୁରୁ ବିମାନବନ୍ଦରଠାରେ ଅବସ୍ଥାପିତ ।

**ଜୀବନ ଜ୍ୟୋତି ପ୍ରିୟଦର୍ଶନ** ମଧ୍ୟ ଜିଏମଆର ଏରୋ ଏକାଡେମିରୁ ପ୍ରଶିକ୍ଷଣ ନେଇ ବର୍ତ୍ତମାନ ଅହମଦାବାଦ ସ୍ଥିତ ଅଦାନୀ ବିମାନବନ୍ଦର ରେ ବନ୍ଦର ପରିଚାଳନା ଅଧିକାରୀ ଭାବେ କାର୍ଯ୍ୟରତ । ଏହି କ୍ରମରେ ମନୋଜ କୁମାର ଡାକୁଆ, ବିଶ୍ୱଜିତ ପ୍ରଧାନ, ମନୋଜ କୁମାର ସାହୁ, ରାଜେଶ କୁମାର ସ୍ୱାଇଁ, କାଁହୁ ଚରଣ ଜେନା, ଗଜେନ୍ଦ୍ର ସାହୁ, ମଳୟ ରଞ୍ଜନ ଗୁରୁ ପ୍ରମୁଖ ପ୍ରାର୍ଥୀ ଜିଏମଆର ଏରୋ ଏକାଡେମି ରୁ ପ୍ରଶିକ୍ଷଣ ପାଇ ଏଭିଏସନ୍ ପେଶାକୁ ଜୀବନର ଲକ୍ଷ୍ୟ କରି ସଫଳତାର ପଥରେ ଅଗ୍ରସର ହେଉଛନ୍ତି ।

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସହିତ ଏୟାର ଇଣ୍ଡିଆ, ଗ୍ଲୋବାଲ ଫ୍ଲାଇଟ ହ୍ୟାଣ୍ଡେଲିଂ ସର୍ଭିସ, ଜି.ଏମ. ଆର ଏରୋ ଏକାଡେମୀ, ଏୟାର ୱାର୍କ୍ସ ଇଞ୍ଜିନିୟରିଂ ଭଳି ଏଭିଏସନ୍ ସେକ୍ଟରର ପ୍ରତିଷ୍ଠିତ କମ୍ପାନୀ ମଧ୍ୟରେ ଦକ୍ଷତା ବିକାଶ ତାଲିମ ଓ ପ୍ରଶିକ୍ଷଣ ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଛି ।

# ଆୟୁଷ୍ମାନ ବୟୋବନ୍ଦନା ଯୋଜନା

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକର ଉପେନ୍ଦ୍ର କୁମାର ପଟେଲ ଆୟୁଷ୍ମାନ ବୟୋବନ୍ଦନା ଯୋଜନା କାର୍ଡ ମାଧ୍ୟମରେ ବେସରକାରୀ ହସ୍ପିଟାଲରେ ଦେୟ ମୁକ୍ତ ଚିକିତ୍ସାର ଲାଭ ପାଇଛନ୍ତି । ହୃଦ୍‌ରୋଗ ଚିକିତ୍ସାରେ ତାଙ୍କର ବାଇପାସ ସର୍ଜରୀ ହୋଇଛି ଏବଂ ଗୋଟିଏ ଭାଲ୍‌ବ ଲାଗିଛି ।

ଆୟୁଷ୍ମାନ ବୟୋବନ୍ଦନା କାର୍ଡରେ ଉପଲବ୍ଧ ଚିକିତ୍ସା ସୁବିଧାରୁ ଲାଭ ପାଇଛନ୍ତି ଉପେନ୍ଦ୍ର । ତାଙ୍କ ପରିବାର ଚାଷ ଉପରେ ନିର୍ଭରଶୀଳ । ଉପେନ୍ଦ୍ରଙ୍କ ଚିକିତ୍ସାରେ ଖର୍ଚ୍ଚ ହୋଇଥିବା ପାଖାପାଖି ୪ ଲକ୍ଷ ଟଙ୍କା ଆୟୁଷ୍ମାନ ବୟୋବନ୍ଦନା କାର୍ଡରୁ କଟିଛି । ସେ ବର୍ତ୍ତମାନ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ପରିବାର ସହ ସୁଖରେ ସମୟ ବିତାଉଛନ୍ତି । ଏଥିପାଇଁ ଉପେନ୍ଦ୍ରଙ୍କ ପରିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଗତବର୍ଷ ଏପ୍ରିଲରୁ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେବା ପରଠାରୁ ଆଜି ଯାଏଁ ୧୮୯୬.୧୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୬.୭୪୫୮ ଲକ୍ଷ କେସରେ ଲୋକ ଚିକିତ୍ସା ସୁବିଧା ପାଇଛନ୍ତି । ସେହିପରି ଆୟୁଷ୍ମାନ ବୟୋ ବନ୍ଦନା ଯୋଜନାରେ ୮୭.୮୫ କୋଟି ବ୍ୟୟରେ ୧୬୧୪୭ ଲକ୍ଷ କେସରେ ଲୋକ ତାଲିକା ଭୁକ୍ତ ମେଡିକାଲରୁ ଚିକିତ୍ସା ପାଇଛନ୍ତି । ଏହି ମିଳିତ ଯୋଜନାରେ ହିତାଧିକାରୀ ପରିବାରର ସବୁ ସଦସ୍ୟଙ୍କୁ ଅଲଗା ଅଲଗା କାର୍ଡ ମିଳିଥିବାରୁ କୌଣସି କାରଣରୁ ବାହାରେ ରହୁଥିବା ସଦସ୍ୟମାନଙ୍କ ନିମନ୍ତେ ନିକଟବର୍ତ୍ତୀ ପଞ୍ଜିକୃତ ହସ୍ପିଟାଲରେ ଦେୟମୁକ୍ତ ଚିକିତ୍ସା ପାଇବା ମଧ୍ୟ ସୁବିଧା ଜନକ ହେଉଛି ।

# କ୍ୟାବିନେଟ ନିଷ୍ପତ୍ତି



## ଏଣିକି ଶତ ପ୍ରତିଶତ ସ୍ମାର୍ଟ ମିଟର

ରାଜ୍ୟରେ ଶତପ୍ରତିଶତ ସ୍ମାର୍ଟ ମିଟର ବ୍ୟବସ୍ଥା କାର୍ଯ୍ୟକାରୀ ହେବ । ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜନା-ସ୍ମାର୍ଟ ମିଟର ସଂଯୋଗର ପ୍ରଥମ ପର୍ଯ୍ୟାୟ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି । ନୂଆକରି ଲାଗିବାକୁ ଥିବା ସ୍ମାର୍ଟ ମିଟର ପାଇଁ ଉପଭୋକ୍ତାଙ୍କୁ କୌଣସି ଅତିରିକ୍ତ ମିଟର ଭଡ଼ା ଦେବାକୁ ପଡ଼ିବ ନାହିଁ । ଖୁଚୁରା ଯୋଗାଣ ଶୁଳ୍କ ବା ସେମାନଙ୍କର ବିଦ୍ୟୁତ୍ ବିଲ ଶୁଳ୍କ ଉପରେ ଏହା କୌଣସି ପ୍ରଭାବ ପକାଇବ ନାହିଁ । ରାଜ୍ୟରେ ୨ କିଲୋୱାଟ ପର୍ଯ୍ୟନ୍ତ ବିଦ୍ୟୁତ୍ ବ୍ୟବହାର କରୁଥିବା ୮୭ ପ୍ରତିଶତ ଉପଭୋକ୍ତା ଏହି ଯୋଜନା ଦ୍ୱାରା ଉପକୃତ ହେବେ । ରାଜ୍ୟର ସମସ୍ତ ୪ଟି ବିଦ୍ୟୁତ୍ ବିତରଣ କମ୍ପାନୀ ନିଜ ନିଜର ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ଏହାକୁ କାର୍ଯ୍ୟକାରୀ କରିବେ ।

୨୦୨୫ ମାର୍ଚ୍ଚ ୨୪ ତାରିଖ ଅର୍ଥାତ ଗତ ଥର ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ ବାର୍ଷିକ ବିଦ୍ୟୁତ ଶୁଳ୍କ ଘୋଷଣା କରିବା ସମୟରେ ଏ ସଂକ୍ରାନ୍ତରେ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ଦୁଇ କିଲୋୱାଟ ପର୍ଯ୍ୟନ୍ତ କଣ୍ଟ୍ରାକ୍ଟ ଡିମାଣ୍ଡ(ସିଡି) ଥିବା ସ୍ମାର୍ଟ ମିଟର ଉପଭୋକ୍ତାଙ୍କ ପାଇଁ ଗତ ଏପ୍ରିଲ ପହିଲାଠାରୁ ମିଟର ଭଡ଼ା ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଇଛି । ଏହି ବର୍ଷ ୧୧ ଲକ୍ଷ ୫୩ ହଜାର ୧୦୦ଟି ସ୍ମାର୍ଟ ମିଟର ସ୍ଥାପନ ପାଇଁ ପ୍ରସ୍ତାବ ରହିଛି । ଏଥିରୁ ୮ ଲକ୍ଷ ୭୫ ହଜାର ପୁରୁଣା ମିଟର ବଦଳରେ ସ୍ମାର୍ଟ ମିଟର ଲଗାଯିବ । ୨ ଲକ୍ଷ ୭୮ ହଜାର ୧୦୦ ନୂତନ ସଂଯୋଗ ପାଇଁ ସ୍ମାର୍ଟ ମିଟର ବ୍ୟବହାର କରାଯିବ ।

## ଆରମ୍ଭ ହେବ ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା

ରାଜ୍ୟ ସରକାର ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନା ଆରମ୍ଭ କରିବେ । ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ କବି, ସାହିତ୍ୟିକ, ଶିକ୍ଷାବିତ୍, ସମାଜ ସୁଧାରକ ଏବଂ ମହାନ ବ୍ୟକ୍ତିତ୍ୱ ଯେଉଁମାନେ ଓଡ଼ିଶାର ସାମାଜିକ-ସାଂସ୍କୃତିକ-ସାହିତ୍ୟିକ ପରିବେଶକୁ ଗଢ଼ିଥିଲେ ସେମାନଙ୍କ ସ୍ମୃତିକୁ ସାଇତି ରଖିବା ପାଇଁ ଏଭଳି ଯୋଜନା କରାଯାଇଛି । ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୨୫ଜଣ ବରପୁତ୍ରଙ୍କ ଜନ୍ମସ୍ଥାନର ଉନ୍ନତିକରଣ ପାଇଁ ସର୍ବାଧିକ ୧୫କୋଟି ଟଙ୍କା ଖର୍ଚ୍ଚ ହେବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଏ ସଂକ୍ରାନ୍ତ ପ୍ରସ୍ତାବ କ୍ୟାବନେଟରେ ଗୃହୀତ ହୋଇଛି । ବରପୁତ୍ରଙ୍କ ବାସଗୃହକୁ ସଂଗ୍ରହାଳୟ ଭାବେ ବିକଶିତ କରାଯିବ । ସେଠାରେ ବ୍ୟାଖ୍ୟାନ କେନ୍ଦ୍ର, ଗ୍ରନ୍ଥାଗାର, ସମ୍ମିଳନୀ କକ୍ଷ, ମୁକ୍ତାକାଶ ରଙ୍ଗମଞ୍ଚ ଶିଶୁ ଉଦ୍ୟାନ ପ୍ରତିଷ୍ଠା ସହ ଅନ୍ୟାନ୍ୟ ଆନୁଷଙ୍ଗିକ ବିକାଶ କରାଯିବ ।

## ବିକଶିତ ଗାଁ ବିକଶିତ ଓଡ଼ିଶା ନିୟମ ସଂଶୋଧନ

ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ପ୍ରକଳ୍ପ ମନୋନୟନ ନିୟମ ସଂଶୋଧନ କରାଯାଇଛି । ଏଣିକି ପଞ୍ଚାୟତ ପ୍ରତିନିଧି ସଦସ୍ୟ, ନିର୍ବାଚିତ ପ୍ରତିନିଧି, ନାଗରିକ ସମାଜ ସେମାନଙ୍କ ଗ୍ରାମର ବିଭିନ୍ନ ପ୍ରକଳ୍ପ ପାଇଁ ସୁପାରିସ କରିପାରିବେ । ଜିଲାପାଳଙ୍କ ଅଧକ୍ଷତାରେ ବସିବାକୁ ଥିବା ଜିଲାସ୍ତରୀୟ କମିଟି ସମୀକ୍ଷା କରି ଏ ବିଷୟରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ । ଯଦି ୧୦ ଲକ୍ଷ ଟଙ୍କାରୁ ଅଧିକ ପ୍ରକଳ୍ପ ହୋଇଥିବ ତେବେ ଏହା ଶେଷ ହେବାର ୩ବର୍ଷ ପର୍ଯ୍ୟନ୍ତ ଏହାର ଉତ୍ତରଦାୟିତ୍ୱ ନିର୍ମାଣକାରୀ ସଂସ୍ଥା ଉପରେ ରହିବ ।

## ଉତ୍କର୍ଷ ଆଇଟିଆଇ ଯୋଜନା

ସରକାରୀ ଆଇଟିଆଇକୁ ନୂଆରୂପ ଦେବା ପାଇଁ ୫ଟି ଆଇଟିଆଇକୁ ଜୋନାଲ ଆଇଟିଆଇ ଭାବେ ଉନ୍ନୀତ କରିବା ପାଇଁ ଉତ୍କର୍ଷ ଆଇଟିଆଇ ଯୋଜନା କାର୍ଯ୍ୟକାରୀ ହେବ । ଏସବୁ ଆଇଟିଆଇ ଭିତରେ ରହିଛି ପୁରୀ, ବଲାଙ୍ଗିର, ଆମ୍ବାଗୁଡ଼ା, ରାଜକନିକା ଓ ରାଉରକେଲା ସରକାରୀ ଆଇଟିଆଇ । ଏହି ଯୋଜନାରେ ଉପରୋକ୍ତ ଆଇଟିଆଇରେ ଇଣ୍ଡଷ୍ଟ୍ରି ରେଡି ଇନଫ୍ରାଷ୍ଟ୍ରକ୍ଚର ଗଠନସହ ଅତ୍ୟାଧୁନିକ ଲାବ, ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ ଶିକ୍ଷାସ୍ଥାନ ଏବଂ ଉପକରଣ ପୁନଃନିର୍ମାଣ କରାଯିବ । ଏଗୁଡ଼ିକୁ ଉନ୍ନତ ପ୍ରଶିକ୍ଷଣ, ଅଧ୍ୟାପକ ସମ୍ବର୍ଦ୍ଧନା, ମୂଲ୍ୟାୟନ ଆଦି ପ୍ରଚାର ପାଇଁ ଜୋନାଲ ହବ ଭାବେ କାର୍ଯ୍ୟକ୍ଷମ କରାଯିବ । ପ୍ଲେସମେଣ୍ଟ ସେଲକୁ ସୁଦୃଢ଼ କରାଯିବ ।

## ପାର୍ବତୀ ଗିରି ବୃହତ ସେଚପ୍ରକଳ୍ପ ପାଇଁ ପାଣ୍ଠି ଅନୁମୋଦନ

ପାର୍ବତୀ ଗିରି ବୃହତ ଉଠାଜଳସେଚନ ଯୋଜନାରେ ପ୍ରସ୍ତାବିତ କ୍ଲଷ୍ଟର-୩୩ ମାଧ୍ୟମରେ ୪ଟି ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ପୂର୍ବକ ହୀରାକୁଦ ଜଳଭଣ୍ଡାରରୁ ଜଳ ଉତ୍ତୋଳନ କରି ଝାରସୁଗୁଡ଼ା ଜିଲ୍ଲାର ୭୫ଟି ଗ୍ରାମର ୭୩୭୦ ଏକର ଜମିକୁ ଜଳସେଚିତ କରାଯିବ । ଏଥିପାଇଁ ୧୭୭ କୋଟି ୮୭ ଲକ୍ଷ ୫୬, ୭୨୯ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି । ଏହି ଯୋଜନାର କ୍ଲଷ୍ଟର ୩୨ ରେ ୪ଟି ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ପୂର୍ବକ ଇବ ନଦୀ, ହୀରାକୁଦ ଜଳଭଣ୍ଡାର, ଭେଡ଼େନ ନଦୀ(ଭେଡ଼େନ ଓ ଇବ ନଦୀର ସଙ୍ଗମ ସ୍ଥଳ)ରୁ ଜଳ ଉତ୍ତୋଳନ କରି ଝାରସୁଗୁଡ଼ା ଜିଲାର ୧୦୧ ଟି ଗ୍ରାମର ୬୪୮୦ ହେକ୍ଟର ଜମିକୁ ଜଳସେଚିତ କରାଯାଇପାରିବ । ଏଥିପାଇଁ କ୍ୟାବିନେଟ ୧୮୦ କୋଟି ୭୨ ଲକ୍ଷ ୬୬,୬୯୪ ଟଙ୍କାର ଟେଣ୍ଡରକୁ ଅନୁମୋଦନ କରିଛି । ଏହାଛଡ଼ା କଳାହାଣ୍ଡି ଜିଲାର ସାନ୍ଦୁଲ ବ୍ୟାରେଜ ପ୍ରକଳ୍ପ ଅଧୀନସ୍ଥ ୫ହଜାର ହେକ୍ଟର ଚାଷ ଜମିକୁ ଭୂତଳ ପାଇପ ଲାଇନ ଜଳସେଚନ ନିମନ୍ତେ ୧୭୨ କୋଟି ୪୭ ଲକ୍ଷ ୫୬,୨୦୧ ଟଙ୍କାର ଟେଣ୍ଡର ଅନୁମୋଦିତ ହୋଇଛି ।

## ଅଧ୍ୟାପକ ନିଯୁକ୍ତିରେ ନୂଆ ସଂରକ୍ଷଣ ନୀତି

ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟରେ ଶିକ୍ଷକଙ୍କ ପ୍ରତ୍ୟକ୍ଷ ନିଯୁକ୍ତି ସମୟରେ ଏକପ୍ରକାର ସଂରକ୍ଷଣ ପଦ୍ଧତିକୁ ଅନୁସରଣ କରିବାକୁ ଓଡ଼ିଶା ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ(ଶିକ୍ଷକ କ୍ୟାଡ଼ର ସଂରକ୍ଷଣ) ଅଧାଦେଶ ୨୦୨୫ର ପ୍ରଣୟନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି । ଏଥିରେ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ନିଯୁକ୍ତିରେ ସଂରକ୍ଷଣ କାର୍ଯ୍ୟକାରୀ କରିବା ପାଇଁ ବିଶ୍ୱବିଦ୍ୟାଳୟକୁ ଏକକ ଭାବେ ବିଚାର କରିବା ଲାଗି ଅଧାଦେଶରେ ପ୍ରସ୍ତାବ ଦିଆଯାଇଛି । ଏହାଦ୍ୱାରା ରାଜ୍ୟର ବିଶ୍ୱବିଦ୍ୟାଳୟଗୁଡ଼ିକୁ ଜାତୀୟ ସ୍ତରରେ ପ୍ରଚଳିତ ନିୟମ ସହିତ ସମାନ କରାଯାଇ ପାରିବ ।

# ବଢ଼ିବ ପୁଞ୍ଜିନିବେଶ

ନିବେଶକମାନଙ୍କର ଓଡ଼ିଶା ପ୍ରତି ଦୃଢ଼ ବିଶ୍ୱାସ ରହିଛି ଓଡ଼ିଶା ଭାରତର ସର୍ବବୃହତ ନିବେଶ କେନ୍ଦ୍ର ଭାବେ ପ୍ରତିଷ୍ଠା ହାସଲ କରିବ । ହାଇଦ୍ରାବାଦରେ ଆୟୋଜିତ ଦୁଇଦିନିଆ ଓଡ଼ିଶା ନିବେଶକ ସମ୍ମିଳନୀ ଓ ରୋଡ ଶୋ'ରୁ ଫେରିବା ପରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଗଣମାଧ୍ୟମକୁ କହିଛନ୍ତି ଯେ ଶିଳ୍ପପତି ଓ ନିବେଶକଙ୍କ ସହିତ ଆଲୋଚନା ଫଳପ୍ରଦ ଥିଲା ଏବଂ ଏହି ଅଭିଜ୍ଞତା ତାଙ୍କ ପାଇଁ ଖୁବ୍ ସନ୍ତୋଷଜନକ ।

ମୁଖ୍ୟମନ୍ତ୍ରୀ ଏକ  ବ୍ୟାପକ ନିବେଶ ଅଭିଯାନର ନେତୃତ୍ୱ ନେଇ ହାଇଦ୍ରାବାଦ ଯାଇଥିଲେ । ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାର ୭୩ଟି ଉଚ୍ଚସ୍ତରୀୟ ବୈଠକ ଏବଂ ୨ଟି କ୍ଷେତ୍ରୀୟ ରାଉଣ୍ଡଟେବୁଲ ଆଲୋଚନା କରିଥିଲେ । ପ୍ରଥମ ରାଉଣ୍ଡଟେବୁଲ ଫାର୍ମାସେକ୍ଟର ଉପରେ ଆଧାରିତ ଥିଲା ଏବଂ ୮ଟି ପ୍ରମୁଖ ଫାର୍ମା କମ୍ପାନୀ ସହିତ ଏହି ଆଲୋଚନା କରାଯାଇଥିଲା । ଦ୍ୱିତୀୟ ରାଉଣ୍ଡଟେବୁଲ ବୈଠକରେ ପ୍ରତିରକ୍ଷା କ୍ଷେତ୍ର ସଂକ୍ରାନ୍ତ ୨୭ଟି କମ୍ପାନୀ ପ୍ରତିନିଧିଙ୍କ ସହିତ ଆଲୋଚନା ହୋଇଥିଲା ।

ଫାର୍ମା ଓ ପ୍ରତିରକ୍ଷା-ଏହି ଦୁଇଟି କ୍ଷେତ୍ର ଓଡ଼ିଶାରେ ନଗଣ୍ୟ ଥିବାରୁ ଦୁଇଟି ରାଉଣ୍ଡ ଟେବୁଲ ଆଲୋଚନାରେ ନିବେଶକଙ୍କୁ ଆକର୍ଷିତ କରାଯାଇଛି । ଦୁଇ ଦିନରେ ମୁଖ୍ୟମନ୍ତ୍ରୀ ୩୮ଜଣ ଶିଳ୍ପପତିଙ୍କ ସହିତ ୱାନ- ଟୁ ୱାନ୍ ଆଲୋଚନା କରିଥିଲେ । ଉକ୍ତ ବୈଠକରେ ଔଷଧ ଓ ଚିକିତ୍ସା ଉପକରଣ, ପ୍ରତିରକ୍ଷା ଓ ଉତ୍ପାଦନ, ନବୀକରଣୀୟ ଶକ୍ତି ଉପକରଣ, ଇଲେକ୍ଟ୍ରୋନିକ୍ସ ଓ ଆଇଟି, ଡାଟା ସେଣ୍ଟର , ବୟନ ଏବଂ ବୈଷୟିକ ବୟନ ଏବଂ ଉନ୍ନତ ଉତ୍ପାଦନ ଭଳି କ୍ଷେତ୍ରରେ ନିବେଶ ସୁଯୋଗ ବିଷୟରେ ଆଲୋଚନା ହୋଇଥିଲା ।

ହାଇଦ୍ରାବାଦରେ ଅନୁଷ୍ଠିତ ମେଗା ଓଡ଼ିଶା ନିବେଶକ ରୋଡ ଶୋରେ ୫୦୦ରୁ ଅଧିକ ଶିଳ୍ପପତି, ବ୍ୟବସାୟୀ ସଙ୍ଗଠନ ଓ ଆନୁଷ୍ଠାନିକ ଅଂଶୀଦାର ଭାଗ ନେଇ ଓଡ଼ିଶାର ଶିଳ୍ପ ପରିବେଶ, ଭିତ୍ତିଭୂମି ଏବଂ ନୀତି-ଚାଳିତ ଅଭିବୃଦ୍ଧି ମଡେଲ ସମ୍ପର୍କରେ ଏକ ସ୍ପଷ୍ଟ ଚିତ୍ର ପାଇଥିଲେ । ମୁଖ୍ୟମନ୍ତ୍ରୀ ନିଜେ ୨୦୩୬ ମସିହା ସୁଦ୍ଧା ସମୃଦ୍ଧ ଓଡ଼ିଶା ପାଇଁ ତାଙ୍କର ଦୃଷ୍ଟିକୋଣ ଏବଂ ଉତ୍ପାଦନ ଓ ସେବା କ୍ଷେତ୍ରର ବିକାଶ ପାଇଁ ରୋଡମ୍ୟାପ ଉପସ୍ଥାପନ କରିଥିଲେ । ଆଗାମୀ ଦିନରେ ଶିଳ୍ପାୟନ ପାଇଁ ଆମ ରୋଡ ମ୍ୟାପରେ ନୂଆ ମାଇଲ୍‌ଷ୍ଟୋନ ସ୍ଥାପନ ହେବାକୁଯାଉଛି ଏବଂ ଜାନୁଆରୀ ୨୮ ଓ ୨୯ରେ ରାଉରକେଲାରେ ଏଣ୍ଟରପ୍ରାଇଜ ଓଡ଼ିଶା ଅନୁଷ୍ଠିତ ହେବା ସହିତ କୋଲକାତାରେ ମଧ ଏକ ଶିଳ୍ପ କନ୍‌କ୍ଲେଭ ହେବାର ଯୋଜନା ରହିଛି ବୋଲି କହିଥିଲେ ।




## ଓଡ଼ିଶା ହେବ ଭାରତର ସର୍ବବୃହତ୍ ନିବେଶ କେନ୍ଦ୍ର

ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ଯେ ଓଡ଼ିଶାରେ ନିବେଶକୁ ସହଜ ଓ ସରଳ କରିବା ପାଇଁ ଇଜ ଅଫ ଡୁଇଙ୍ଗ ବିଜ୍‌ନେସ୍‌ରେ ଉନ୍ନତି ଆଣିବା ପାଇଁ ଓଡ଼ିଶା ଜନବିଶ୍ୱାସ ଆଇନରେ ୨୩ଟି ସଂଶୋଧନ କରାଯାଇଛି । ଆଗାମୀ ତିନି ମାସରେ ଯେଉଁସବୁ ପ୍ରସ୍ତାବ ଆସିଛି ତାକୁ ଯେପରି ବାସ୍ତବରେ ପରିଣତ କରାଯାଇ ପ୍ରକଳ୍ପଗୁଡ଼ିକୁ ଗ୍ରାଉଣ୍ଡିଂ କରାଯାଇପାରିବ ସେଥିପାଇଁ ଅଗ୍ରାଧିକାର ଦିଆଯିବ ।

ଏହି ଗସ୍ତ କାଳରେ ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ଅଧିକାରମାନେ ହାଇଦ୍ରାବାଦରେ ଥିବା ପ୍ରତିରକ୍ଷା ଯନ୍ତ୍ରାଂଶ ନିର୍ମାଣ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଭାରତ ଡାଇନାମିକ ଲିମିଟେଡ଼(ବିଡ଼ିଏଲ) ପରିଦର୍ଶନ କରିଥିଲେ । ଭାରତର ପ୍ରତିରକ୍ଷା ଓ ମହାକାଶ ଉତ୍ପାଦନ ଇକୋସିଷ୍ଟମ ସହିତ ଓଡ଼ିଶାର ସମ୍ପର୍କକୁ ଆହୁରି ଘନିଷ୍ଠ କରିବା ଥିଲା ଗସ୍ତର ଲକ୍ଷ୍ୟ । ଓଡ଼ିଶାରେ ମଧ ଡିଫେନ୍ସ ମାନୁଫାକ୍ଚରିଙ୍ଗ ଇକୋ ସିଷ୍ଟମର ବିକାଶ କରାଯିବ ବୋଲି ସେ କହିଥିଲେ । ଏଥିପାଇଁ ଏମଏସଏମଇ , ଷ୍ଟାର୍ଟ ଅପ, ଦକ୍ଷ ମାନବସମ୍ବଳ ଓ ପ୍ରିସିସନ ମାନୁଫାକ୍ଚରିଂ ଉପରେ ଗୁରୁତ୍ୱ ଦିଆଯିବ । ଓଡ଼ିଶାରେ ମିଜାଇଲ କମ୍ପୋନେଣ୍ଟ ଉତ୍ପାଦନ ଉପରେ ପ୍ରସ୍ତୁତି ଚାଲିଛି ବୋଲି ସେ କହିଥିଲେ ।

ଗସ୍ତ କାଳରେ ୧୩ଟି ବୁଝାମଣାପତ୍ର ସ୍ୱାକ୍ଷର ହେବା ସହିତ ୨୭,୬୫୦କୋଟି ଟଙ୍କାର ନିବେଶ ସୁଯୋଗ ସମ୍ଭବ ହୋଇପାରିଛି । ଏହାଦ୍ୱାରା ୧୫,୯୦୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।  ଏହାବ୍ୟତୀତ ୯ଟି ଇନଭେଷ୍ଟମେଣ୍ଟ ଇଣ୍ଟେଣ୍ଟ ଫାଇଲିଂ ହୋଇଥିଲା । ଏହାଦ୍ୱାରା ୩୯,୧୩୧ କୋଟିରୁ ଅଧିକ ଟଙ୍କାର ନିବେଶ ସମ୍ଭାବନା ଏବଂ ୪୦,୪୩୫ ଲୋକଙ୍କ ପାଇଁ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି ।

ମୋଟ ଉପରେ ହାଇଦ୍ରାବାଦ ରୋଡ ଶୋ ୬୬,୭୮୧ କୋଟି ଟଙ୍କାର ନିବେଶ ସୁଯୋଗ ସୃଷ୍ଟି କରିଛି ଯାହା ୫୬,୩୪୦ ନିଯୁକ୍ତି ସମ୍ଭାବନା ସହିତ ଏହାକୁ ଓଡ଼ିଶା ସରକାରଙ୍କ ନେତୃତ୍ୱରେ ସବୁଠୁ ସଫଳ ନିବେଶ ପ୍ରସାର କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ କରିଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଉତ୍କର୍ଷ ଓଡ଼ିଶା ୨୦୨୫ ପରଠାରୁ ଏ ପର୍ଯ୍ୟନ୍ତ ଓଡ଼ିଶାରେ ୪ଲକ୍ଷ ୩୮ ହଜାର ୨୨୪କୋଟି ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଛି ଏବଂ ଏହାଦ୍ୱାରା ୨ଲକ୍ଷ ୫୫ହଜାର ୮୧୭ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି । ଗତ ୧୮ ମାସରେ ୨.୧୦ଲକ୍ଷ କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଛି । ଏହାଦ୍ୱାରା ୧ଲକ୍ଷ ୬୩ହଜାର ୭୨୫ ନିଯୁକ୍ତି ସୁନିଶ୍ଚିତ ହୋଇପାରିଛି ।  ଦିଲ୍ଲୀରେ ଅନୁଷ୍ଠିତ ସେମିକନ କନକ୍ଲେଭରେ ଓଡ଼ିଶା ଦୁଇଟି ଏମଓୟୁ କରିଥିଲା । ତେଣୁ ଶିଳ୍ପାୟନ ପାଇଁ ନିୟମିତ ଭାବେ ଆମର ଫୋକସ ଜାରି ରହିଛି ବୋଲି ସେ ପ୍ରକାଶ କରିଥିଲେ ।

ବୈଠକରେ ଅଂଶଗ୍ରହଣ କରିଥିବା ଶିଳ୍ପପତିମାନେ ଓଡ଼ିଶାର ସ୍ପଷ୍ଟ ନୀତି, ଭିତ୍ତିଭୂମିରେ ଉନ୍ନତି, ଦାୟିତ୍ୱବାନ ଶାସନ ଓ ସମସ୍ତ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଂପୃକ୍ତି ଯୋଗୁଁ ଓଡ଼ିଶା ଉପରେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି ବୋଲି ମତ ଦେଇଥିଲେ । ମୁଖ୍ୟମନ୍ତ୍ରୀ ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠାର ପ୍ରତ୍ୟେକ୍ଷ ଭାବେ ତଦାରଖ କରୁଥିବାରୁ ଶିଳ୍ପପତିମାନେ ଓଡ଼ିଶାରେ ନିବେଶପାଇଁ ଉତ୍ସାହ ପ୍ରକାଶ କରୁଛନ୍ତି । ସେମାନେ ଅନୁଭବ କରୁଛନ୍ତି ଯେ ଓଡ଼ିଶା ହେଉଛି ଆଗାମୀ ଦିନରେ ଭାରତର ଗ୍ରୋଥ ଇଞ୍ଜିନ ।




**୧୮ ମାସରେ ୩୯,୪୫୯ ସରକାରୀ ନିଯୁକ୍ତି**

# ନିଯୁକ୍ତିକୁ ପ୍ରାଥମିକତା

## ଦୁର୍ନୀତିମୁକ୍ତ ରହିବା ଓ ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ କରିବାକୁ ନବନିଯୁକ୍ତଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ରାଜ୍ୟରେ ନିଯୁକ୍ତିକୁ ପ୍ରାଥମିକତା ଦିଆଯାଇଛି । ଯୁବଶକ୍ତିଙ୍କୁ ନିଯୁକ୍ତି ଦେବା ଓ ସେମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଅଭିଯାନ ସରକାର ଜାରି ରଖିଛନ୍ତି । ନୂତନ ସରକାର ଗଠନ ହେବାର ୧୮ ମାସ ଭିତରେ ୩୯,୪୫୯ ଜଣଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି । ଡ଼ିସେମ୍ବରରେ ଆୟୋଜିତ ଦୁଇଟି ନିଯୁକ୍ତି ମେଳାରେ ଯଥାକ୍ରମେ ୫୯୧ ଏବଂ ୧୫୪୩ ଜଣଙ୍କୁ ନିଯୁକ୍ତି ପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଣ୍ଟନ କରିଛନ୍ତି । ସରକାର ଆସିବାର ୧୮ ମାସ ଭିତରେ ୧୪ଟି ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଛି ।

ନିକଟରେ ଆୟୋଜିତ ୧୪ତମ ନିଯୁକ୍ତି ମେଳାରେ ୧୧ଟି ବିଭାଗର ୧୫୪୩ଜଣଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି । ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୬୮୧ ଜଣ ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ, ୭୪ ସ୍ନାତକୋତ୍ତର ଶିକ୍ଷକ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ୭୭ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ୩୧୫ଜଣ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୮୬ଜଣ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ଏବଂ ୩୦ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ, ଅର୍ଥ ବିଭାଗର ୬୫ଜଣ ଓଡ଼ିଶା ଟିକସ ଓ ହିସାବ ସେବା ଅଧିକାରୀ ଏବଂ ୫୬ଜଣ ଓଡ଼ିଶା ଅର୍ଥ ସେବା ଅଧିକାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ୧୦୫ଜଣ ଓଡ଼ିଶା ଶ୍ରମ ସେବା ଅଧିକାରୀ ଏବଂ ଜଣେ ପରିସଂଖ୍ୟାନ ସହାୟକ, ସମବାୟ ବିଭାଗର ୧୨ ଜଣ ଓଡ଼ିଶା ସମବାୟ ସେବା ଅଧିକାରୀ ଏବଂ ୩ଜଣ ଓଡ଼ିଶା ସମବାୟ ସମୀକ୍ଷା ସେବା ଅଧିକାରୀ, ପର୍ଯ୍ୟଟନ ବିଭାଗର ୧୮ଜଣ ଓଡ଼ିଶା ପର୍ଯ୍ୟଟନ ସେବା ଅଧିକାରୀ, ଗୃହ ବିଭାଗର ୬ଜଣ ଓଡ଼ିଶା ପୁଲିସ ସେବା ଅଧିକାରୀ, ଖାଦ୍ୟ ଯୋଗାଣ ବିଭାଗର ୫ଜଣ ମାର୍କେଟିଂ ଇଣ୍ଟେଲିଜେନ୍ସ ଅଧିକାରୀ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଜଣେ ଓଡ଼ିଶା କର୍ମନିୟୋଜନ ସେବା ଅଧିକାରୀ ଏବଂ ଯୋଜନା ଓ ସଂଯୋଜନ ବିଭାଗର ୮ଜଣ ସହକାରୀ ନିର୍ଦ୍ଦେଶକ ଭାବେ ନିଯୁକ୍ତିପତ୍ର ପାଇଛନ୍ତି ।

ନବନିଯୁକ୍ତଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହି ନିଯୁକ୍ତିପତ୍ର ହେଉଛି ଆପଣଙ୍କ ବିଶ୍ୱାସ ଓ ସଫଳତାର ପ୍ରତୀକ । ଆମ ସରକାର ଆସିବାର ୧୮ ମାସର ସ୍ୱଳ୍ପ ସମୟ ଭିତରେ ଆମେ ୩୯,୪୫୯ ଜଣଙ୍କୁ ନିଯୁକ୍ତି ପ୍ରଦାନକରିଛୁ । ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବଜାୟ ରଖିବାକୁ ସେ ସେମାନଙ୍କୁ ଆହ୍ୱାନ ଦେଇଥିଲେ । ନିଜେ ଦୁର୍ନୀତିମୁକ୍ତ ରହିବା ସହିତ ବ୍ୟବସ୍ଥାକୁ ଦୁର୍ନୀତିମୁକ୍ତ କରିବାକୁ ପରାମର୍ଶ ଦେଇଥିଲେ । ସରକାର ଦୁଇ ବର୍ଷ ଭିତରେ ୬୫ହଜାର ସରକାରୀ ନିଯୁକ୍ତି ପ୍ରଦାନ ପାଇଁ ଲକ୍ଷ୍ୟ ରଖିଛନ୍ତି ଏବଂ ଗତ ୧୮ ମାସର ଗତିକୁ ଦେଖିଲେ ଆମେ ଏହି ଲକ୍ଷ୍ୟ ସହଜରେ ପୂରଣ କରିପାରିବୁ ବୋଲି ମନେ ହେଉଛି ।

ମୁଖ୍ୟମନ୍ତ୍ରୀ କହିଥିଲେ ସରକାର ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳ ନୀତି ଆପଣାଇଛନ୍ତି ଏବଂ ଦୁର୍ନୀତି ବିରୋଧରେ ଆମର ଯେଉଁ ଅଭିଯାନ ଚାଲିଛି ସେ ବିଷୟରେ ଆପଣମାନେ ଅବଗତ ଥିବେ । ତେଣୁ ପ୍ରଥମ ଦିନରୁ ହିଁ ଦୁର୍ନୀତିରୁ ଦୂରରେ ରହିବାକୁ ସେ ପରାମର୍ଶ ଦେଇଥିଲେ ।

କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ୨୦୩୬ ସୁଦ୍ଧା ଓଡ଼ିଶାରୁ ଅତି କମରେ ୧୦ଜଣ ଅଲମ୍ପିଆଡ ସୃଷ୍ଟି କରିବା ପାଇଁ ନବନିଯୁକ୍ତ କ୍ରୀଡ଼ା ପ୍ରଶିକ୍ଷକଙ୍କୁ ଆହ୍ୱାନ ଦେଇଥିଲେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ ୨୦୩୬ ପାଇଁ ଆପଣମାନେ ସ୍ୱପ୍ନଠାରୁ ସଂକଳ୍ପ ବଡ଼ ରଖନ୍ତୁ । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ ଆଜିଠାରୁ ଆପଣଙ୍କ ପରୀକ୍ଷକ ହେବେ ସାଧାରଣ ଜନତା, ସେମାନଙ୍କ ସ୍ୱୀକୃତି ଅନ୍ୟ ସମସ୍ତଙ୍କଠାରୁ ଊର୍ଦ୍ଧ୍ୱରେ । ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

# ଦୁର୍ନୀତିଗ୍ରସ୍ତଙ୍କୁ ନିସ୍ତାର ନାହିଁ

## ଓଡ଼ିଶା ଭିଜିଲାନ୍ସର ସର୍ବକାଳୀନ ରେକର୍ଡ




### ମିଳିଲା ଆଇଏସଓ ପ୍ରମାଣପତ୍ର

ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କୁ ଧରିବାରେ ଓଡ଼ିଶା ଭିଜିଲାନ୍ସ ରେକର୍ଡ ସୃଷ୍ଟି କରିଛି । ୨୦୨୫ ଏପ୍ରିଲ ପହିଲାରୁ ଡିସେମ୍ବର ୩୧ ମଧ୍ୟରେ ରାଜ୍ୟ ସରକାର ଭିଜିଲାନ୍ସକୁ ୧୨୫ଟି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ରାଜ୍ୟ ସରକାର ୯ ମାସର ଅବଧିରେ କେବେ ବି ଏତେ ସଂଖ୍ୟକ ମାମଲା ତଦନ୍ତ ପାଇଁ ରାଜ୍ୟ ଭଜିଲାନ୍ସକୁ ନିର୍ଦ୍ଦେଶ ଦେଇ ଥିବାର ନଜିର ନାହିଁ । ୨୦୨୫ରେ ସମୁଦାୟ ୪୮୮ଟି ମାମଲାର ଫଇସଲା ହୋଇଛି । ସର୍ବାଧିକ ୧୭୩ଟି ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାର ଫଇସଲା ହୋଇଛି । ଏହା ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ଏକ ସର୍ବକାଳୀନ ରେକର୍ଡ଼ ।

ଦୁର୍ନୀତି ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟ ସହନଶୀଳ ନୀତି ଆଧାରରେ ରାଜ୍ୟ ଭିଜିଲାନ୍ସ ଏକାଡ଼େମୀ ଏହାର ପ୍ରଶିକ୍ଷଣ ପ୍ରକ୍ରିୟାରେ ଉନ୍ନତି ଆଣିଛି । ଭିତ୍ତିଭୂମିରେ ଉନ୍ନତି ଓ ଗୁଣାତ୍ମକ ପ୍ରଶିକ୍ଷଣ ପାଇଁ ରାଜ୍ୟ ଭିଜିଲାନ୍ସ ଏକାଡ଼େମୀକୁ ଆଇଏସଓ ୯୦୦୧:୨୦୨୫ ପ୍ରମାଣପତ୍ର ମିଳିଛି । ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ  ଭିଜିଲାନ୍ସ ଏକାଡ଼େମୀ ଓ ରାଜ୍ୟ ଭିଜିଲାନ୍ସ ବିଭାଗର ଉଚ୍ଚ ପ୍ରଶଂସା କରିଛନ୍ତି । ୨୦୨୫ରେ ସମୁଦାୟ ୪୮୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ କରି ଆୟ ବହିର୍ଭୁତ ସମ୍ପତ୍ତି , ଲାଞ୍ଚ କାରବାର ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀଙ୍କ ୧୧୧୯ଟି ବ୍ୟାଙ୍କ ଆକାଉ  ବନ୍ଦ କରିଦିଆଯାଇଛି ।  ୧୫୩ କୋଠା, ୧୮.୩କିଗ୍ରାର ସୁନା, ୪୧୭ ପ୍ଲଟ, ୧୨ ଫାର୍ମ ହାଉସ ଠାବ କରାଯାଇଛି । ଏଥିସହିତ ୩୬.୬୯କୋଟି ଟଙ୍କା ଜମା ରାଶି ଏବଂ ୮.୮କୋଟି ଗଚ୍ଛିତ ନଗଦ ଟଙ୍କା ଜବତ କରାଯାଇଛି ।

ଲୋକସେବା ଭବନରେ ଆୟୋଜିତ ଏକ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବ ର୍ମାନ ଓଡ଼ିଶାକୁ ସମ୍ପୂର୍ଣ୍ଣ ଦୁର୍ନୀତିମୁକ୍ତ କରିବାର ସମୟ ଆସିଛି । ଆମେ ଏପରି ଉଦାହରଣ ସୃଷ୍ଟି କରିବା ଯାହାଦ୍ୱାରା ସରକାରୀ କର୍ମଚାରୀମାନେ ଦୁର୍ନୀତି କରିବାକୁ ଡ଼ରିବେ ଏବଂ ଦୁର୍ନୀତି ରାସ୍ତାରୁ ନିବୃତ ରହିବେ । ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର , ଭିଜିଲାନ୍ସ ନିର୍ଦ୍ଦେଶକ ଯଶୱନ୍ତ କୁମାର ଜେଠୱା, ଭିଜିଲାନ୍ସ ଅତିରିକ୍ତ ନିର୍ଦ୍ଦେଶକ ଅସିତ ପାଣିଗ୍ରାହୀ, ଭିଜିଲାନ୍ସ ଆଇ.ଜି ସଞ୍ଜୟ କୁମାର କୌଶଲ ପ୍ରମୁଖ ଯୋଗଦେଇଥିଲେ ।

### ୨୦୨୫ ଭିଜିଲାନ୍ସ ବାର୍ଷିକ ରିପୋର୍ଟ:

### ୨୧୨ ସରକାରୀ ବାବୁ ଗିରଫ, ୧୨୦କୋଟି ଟଙ୍କାର ସମ୍ପତ୍ତି ଜବତ

ରାଜ୍ୟରେ ଭିଜିଲାନ୍ସ ଏବେ ସକ୍ରିୟ । ଭିଜିଲାନ୍ସ ଜାଲରେ ଜଣକ ପରେ ଜଣେ ଲାଞ୍ଚୁଆ ବାବୁ ଧରାପଡ଼ି ଜେଲ ଯାଉଛନ୍ତି । ଭିଜିଲାନ୍ସ ବିଭାଗର ବାର୍ଷିକ ରିପୋର୍ଟ ତଥ୍ୟ ଅନୁସାରେ ୨୦୨୫ରେ ୨୦୨ଟି ଭିଜିଲାନ୍ସ ମାମଲାରେ ୨୧୨ଜଣ ସରକାରୀ ଅଧିକାରୀ ଓ କର୍ମଚାରୀ ଗିରଫ ହୋଇଛନ୍ତି । ଗିରଫଙ୍କ ମଧ୍ୟରେ ଜଣେ ଆଇଏଏସଙ୍କ ସମେତ ୫୪ଜଣ ପ୍ରଥମ ଶ୍ରେଣୀ ଅଧିକାରୀ ଅଛନ୍ତି । ଜଣେ ମୁଖ୍ୟ ଯନ୍ତ୍ରୀ, ୨ଜଣ ଅଧୀକ୍ଷଣ ଯନ୍ତ୍ରୀଙ୍କ ସମେତ ୩୬ଜଣ ଯନ୍ତ୍ରୀ, ୨ଜଣ ଡିଏଫଓଙ୍କ ସମେତ ୧୭ବନ ବିଭାଗ ଅଧିକାରୀ, ୬ ତହସିଲଦାରଙ୍କ ସମେତ ୨୦ ରାଜସ୍ୱ ଅଧିକାରୀ, ପରିବହନ ବିଭାଗର ଜଣେ ଯୁଗ୍ମ ଆୟୁକ୍ତ, ଜଳ ବିଭାଜିକା ବିଭାଗର ଜଣେ ଯୁଗ୍ମ ନିର୍ଦେଶକ, ୨ଜଣ ପ୍ରକଳ୍ପ ନିର୍ଦେଶକ, ସିଟି ଆଣ୍ଡ ଜିଏସଟି ବିଭାଗର ୨ଜଣ ସହାୟକ ଆୟୁକ୍ତ, ୨ଜଣ ଅବକାରୀ ଅଧୀକ୍ଷକ, ଜଣେ ଯୋଗାଣ ଅଧିକାରୀ, ଜଣେ ଡ଼ିଏଲଓ, ଜଣେ ଏମଭିଆଇ , ଜଣେ ଜିଲା ଶିକ୍ଷା ଅଧିକାରୀ, ବୟନଶିଳ୍ପ ବିଭାଗର ଜଣେ ଉପନିର୍ଦେଶକ, ପଞ୍ଚାୟତିରାଜ ବିଭାଗର ୨୨ ଅଧିକାରୀ ୧୬ ପୁଲିସ ଅଧିକାରୀ, ୫ଜଣ ଡାକ୍ତର , ୬ଜଣ ଆଇସିଡ଼ିଏସ କର୍ମଚାରୀ ଭିଜିଲାନ୍ସ ହାବୁଡ଼ରେ ପଡ଼ିଥିଲେ । ଏହି ବର୍ଷ ଭିତରେ ୪୯ଟି ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା ରୁଜୁ କରାଯାଇ ୧୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି ଏବଂ ୯୭ଟି ଲାଞ୍ଚ ମାମଲାରେ ୧୧୪ଜଣ ଗିରଫ ହୋଇଛନ୍ତି ।  ସେମାନଙ୍କ ଭିତରେ ଅଛନ୍ତି ୧୦୫ ସରକାରୀ ଅଧିକାରୀ । ସେମାନଙ୍କଠାରୁ ୨୬.୨୭ଲକ୍ଷ ଲାଞ୍ଚ ଟଙ୍କା ଜବତ ହୋଇଛି । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ୧୫୩ଟି କୋଠା, ୧୮କିଲୋ ୩୦୦ଗ୍ରାମ ସୁନା ଅଳଙ୍କାର , ୮କୋଟି ୮୧ଲକ୍ଷ ନଗଦ ଟଙ୍କା, ୭୧୪ ପ୍ଲଟ, ୧୨ ଫାର୍ମ ହାଉସ, ୩୬କୋଟି ୬୯ଲକ୍ଷ ଟଙ୍କା ଜମା ରାଶି ଜବତ କରାଯାଇଛି । ଆୟ ବହିର୍ଭୁତ ସମ୍ପତ୍ତି ଓ ଲାଞ୍ଚ ମାମଲାରେ ୪୮୭ଟି ସ୍ଥାନରେ ଚଢ଼ଉ କରାଯାଇଥିଲା । ୧୧୧୯ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଛି । ୧୧୯ ମାମଲାରେ ଜବତ କରାଯାଇଥିବା ୨୪୬କୋଠାର ମୂଲ୍ୟ ୫୧.୩୮କୋଟି ଟଙ୍କା ହେବ ।

### ଦୋଷୀ ସାବ୍ୟସ୍ତ ପରେ ୨୩ ଅଧିକାରୀ ଚାକିରିରୁ ବହିଷ୍କୃତ

ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହେବା ପରେ ୨୩ଜଣ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି । ଏଥିରେ ୨ଜଣ ପ୍ରଥମ ଶ୍ରେଣୀ, ୫ଜଣ ଦ୍ୱିତୀୟ ଶ୍ରେଣୀ ଓ ୧୬ ଜଣ ତୃତୀୟ ଶ୍ରେଣୀ କର୍ମଚାରୀ ଅଛନ୍ତି । ଭିଜିଲାନ୍ସ ମାମଲାରେ ଦାଷୀ ସାବ୍ୟସ୍ତ ୫୦ ଜଣ ସରକାରୀ ବାବୁଙ୍କ ପେନସନ ବନ୍ଦ କରାଯାଇଛି । ଆୟ ବଭିର୍ଭୁତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ

ପଞ୍ଝାରେ ପଡ଼ିଥିବା ୩୬ଜଣ ଅଧିକାରୀ ଓ ତାଙ୍କ ପତ୍ନୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ପତ୍ନୀଙ୍କୁ ସହ ଅଭିଯୁକ୍ତ ଭାବେ ଭିଜିଲାନ୍ସ ଦର୍ଶାଇଛି ।

### ଫଇସଲା ୨୩୭ପ୍ରତିଶତ

୨୦୨୫ରେ ୪୭୯ ମାମଲାର ତଦନ୍ତ ଫଇସଲା କରାଯାଇଛି ଯେଉଁଥିରେ ୭୬୬ଜଣଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରାଯାଇଥିଲା । ଏଥିରେ ୭୬ଜଣ ପ୍ରଥମ ଶ୍ରେଣୀ ଅଧିକାରୀ, ୭୩ଜଣ ଦ୍ୱିତୀୟ ଶ୍ରେଣୀ ଅଧିକାରୀ, ୩୫୪ ତୃତୀୟ ଶ୍ରେଣୀ କର୍ମଚାରୀ, ୮ ଚତୁର୍ଥ ଶ୍ରେଣୀ ଓ ୩୫ ଅନ୍ୟ କର୍ମଚାରୀ, ୨୨୦ ବେସରକାରୀ ବ୍ୟକ୍ତି ସାମିଲ ଥିଲେ । ଏହି ବର୍ଷ ଭିତରେ ଫଇସଲା ହାର ରହିଛି ସର୍ବାଧିକ ୨୩୭ପ୍ରତିଶତ । ୨୦୨୫ରେ ୧୦୮ଟି ମାମଲାରେ ୧୩୫ଜଣ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ୨୦ଜଣ ପ୍ରଥମ ଶ୍ରେଣୀ, ୨୩ ଦ୍ୱିତୀୟ ଶ୍ରେଣୀ ଅଧିକାରୀ ଏବଂ ୭୪ ତୃତୀୟ ଶ୍ରେଣୀ, ୨ ଚତୁର୍ଥ ଶ୍ରେଣୀ, ୧୧ଜଣ ଅନ୍ୟ ସରକାରୀ କର୍ମଚାରୀ ଥିବାବେଳେ ୫ଜଣ ବେସରକାରୀ ବ୍ୟକ୍ତି ଥିଲେ । ଦଣ୍ଡବିଧାନ ହାର ରହିଛି ୫୦ ପ୍ରତିଶତ ।  ଓଡ଼ିଶା ଭିଜିଲାନ୍ସର ବନ ବିଭାଗ ୮୧ଟି ମିଳିତ ଚଢ଼ଉ ଦ୍ୱାରା ୩.୯୭ କୋଟି ଟଙ୍କାରୁ ଅଧିକ ମୂଲ୍ୟର କାଠ, ଯନ୍ତ୍ରପାତି, ଯାନବାହନ ଜବତ କରିଥିଲା ।

୨୦୨୫ ବର୍ଷର ଭିଜିଲାନ୍ସ ସଫଳତା ବିଷୟରେ ଭିଜିଲାନ୍ସ ନିର୍ଦ୍ଦେଶକ ଯଶୋବନ୍ତ ଜେଠଓ୍ୱା ସୂଚନା ଦେବା ସହିତ ଏହି ଧାରା ୨୦୨୬ରେ ଜାରି ରହିବ ଏବଂ ଏଥିପାଇଁ ସରକାର ୬୦ରୁ ଅଧିକ ବିଭିନ୍ନ ପାହ୍ୟାର ଅଧିକାରୀଙ୍କୁ ନିଯୁକ୍ତି ଦେଇଥିବା କହିଛନ୍ତି । ୨୨ଟି ଭିଜିଲାନ୍ସ ଅଦାଲତରେ  ମାମଲା ବିଚାରାଧୀନ ରହିଛି ।  ବିଚାର ପ୍ରକ୍ରିୟା ଓ ତଦନ୍ତକୁ ତ୍ୱରାନ୍ୱିତ କରିବାକୁ ୧୭ଜଣ କ୍ୟାଡ଼ର ସରକାରୀ ଓକିଲ ଓ ଆଇନଗତ ପରାମର୍ଶଦାତାଙ୍କୁ ନିଯୁକ୍ତ କରାଯାଇଛି ବୋଲି ସେ କହିଛନ୍ତି ।

## ନୂଆ ବର୍ଷରେ ନୂଆ ସଂକଳ୍ପ: ୧୫ ସୂତ୍ରୀ ଯୋଜନା

### ଶାସନ ହେବ ସ୍ୱଚ୍ଛ, ଦୁର୍ନୀତିମୁକ୍ତ

ନୂଆ ବର୍ଷରେ ଶାସନ-ପ୍ରଶାସନର ନୂଆ କଳେବର କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଯୋଜନା କରିଛନ୍ତି । ଶାସନ-ପ୍ରଶାସନକୁ ଚଳଚଞ୍ଚଳ ଓ ଲୋକାଭିମୁଖୀ କରିବା ପାଇଁ ଏକ ପନ୍ଦର-ଦଫା ନିର୍ଦ୍ଦେଶାବଳୀ ପ୍ରଦାନ କରିଛନ୍ତି ।

ଓଡ଼ିଶା ଭିଜନ ଡକ୍ୟୁମେଣ୍ଟରେ ଆସନ୍ତା ଦୁଇବର୍ଷ ପାଇଁ ସରକାର ରେଖାଙ୍କିତ ଲକ୍ଷ୍ୟକୁ ହାସଲ ଦିଗରେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ୫୦୦ ବିଲିୟନ ଆମେରିକୀୟ ଡଲାର ଅର୍ଥନୀତି ଏବଂ ଓଡ଼ିଶାକୁ ଶ୍ରେଷ୍ଠ ପାଞ୍ଚଟି ବିକଶିତ ରାଜ୍ୟ ମଧ୍ୟରେ ଆଣିବାକୁ ଏକ 'ମିଶ୍ରିତ ଅର୍ଥନୀତି' ଆଡକୁ ନେବାପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ଜ୍ଞାନ-ସମ୍ବନ୍ଧୀୟ ଶିଳ୍ପ (Knowledge-based) ତଥା ସେବା କ୍ଷେତ୍ର (Services Sector)ର ଦ୍ରୁତ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ଶିଳ୍ପାୟନ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ କରିବା ଲାଗି ଏହି ଚିଠିରେ ଉଲ୍ଲେଖ ରହିଛି ।

ଆସନ୍ତା ଦୁଇବର୍ଷ ମଧ୍ୟରେ ଖାଲିଥିବା ସବୁ ସରକାରୀ ପଦ ପୂରଣ କରିବା ପାଇଁ ପଦକ୍ଷେପ ନେବା, ଦକ୍ଷ ଏବଂ ପ୍ରଶିକ୍ଷିତ ଅଧିକାରୀଙ୍କ ସେବା ଉପରେ ଗୁରୁତ୍ୱ ଆରୋପ କରିବା ସହ ଦୁର୍ନୀତିଗ୍ରସ୍ତ, ଅପାରଗ ଏବଂ ଦାୟିତ୍ୱହୀନ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବିଧାନର ୩୧୧ ଧାରା ଏବଂ ଓଡ଼ିଶା ସର୍ଭିସେସ ରୁଲ ଅନୁଯାୟୀ ଚିହ୍ନଟ କରି ତାଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ, ଏପରିକି ଅନିର୍ବାଯ୍ୟ ସେବା ନିବୃତ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଶାସନ-ପ୍ରଶାସନକୁ ସ୍ୱଚ୍ଛ, ଦକ୍ଷ ଏବଂ ଚଳଚଞ୍ଚଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଦୃଢ ସଂକଳ୍ପ ନେଇଛନ୍ତି । ବିଭିନ୍ନ ପ୍ରକଳ୍ପର ସଫଳ ରୂପାୟନ ପାଇଁ ନିୟମିତ ସମୀକ୍ଷା ଓ ମୂଲ୍ୟାୟନ ଉପରେ ଗୁରୁତ୍ୱାରୋପ କରାଯାଇଛି । ଗବେଷଣା ଓ ମୂଲ୍ୟାୟନକୁ ଜୋର୍ ଦେବା ପାଇଁ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ରକୁ ଏକ ଉତ୍କର୍ଷ କେନ୍ଦ୍ର ଭାବେ ଗଢି ତୋଳିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ମୁଖ୍ୟମନ୍ତ୍ରୀ ସବୁପ୍ରକାର ସରକାରୀ କାର୍ଯ୍ୟ,ବିଶେଷ ଭାବେ ନୋଟିସ, ବିଜ୍ଞପ୍ତି, ପତ୍ର ବିନିମୟକୁ କେବଳ ଓଡ଼ିଆ ଭାଷାରେ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସଚିବାଳୟ ଠାରୁ ବ୍ଲକ ସ୍ତରରେ ସମସ୍ତ ଅଧିକାରୀ ଏହି ନିର୍ଦ୍ଦେଶକୁ କଡାକଡି ଭାବେ ପାଳନ କରିବା ପାଇଁ କୁହାଯାଇଛି । ଏହି ଦିଗରେ ଖିଲାପକାରୀଙ୍କୁ କୈଫିୟତ ତଲବ କରିବା ପାଇଁ ବି କୁହା ଯାଇଛି । ଓଡ଼ିଆ ଭାଷାକୁ ସରକାରୀ ଭାଷା କରିବା ପାଇଁ ପ୍ରତିବଦ୍ଧତାର ବାର୍ତ୍ତା ଦିଆ ଯାଇଛି ।

ଲୋକଙ୍କ ଅଭିଯୋଗ ଶୁଣାଣିକୁ ଅତ୍ୟନ୍ତ ଗୁରୁତର ସହିତ ବିଚାରକୁ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସଚିବାଳୟଠାରୁ ଆରମ୍ଭ କରି ବ୍ଲକ ଓ ତହସିଲ ପର୍ଯ୍ୟନ୍ତ ସବୁ ଅଧିକାରୀ ଲୋକଙ୍କ ଅଭିଯୋଗ ଶୁଣି ତାକୁ ତୁରନ୍ତ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅଭିଯୋଗ ଶୁଣାଣି ପାଇଁ ସୋସିଆଲ ମିଡିଆର ବହୁଳ ବ୍ୟବହାର ପାଇଁ ପରାମର୍ଶ ଦେଇଛନ୍ତି ।

ଲୋକଙ୍କ ସମସ୍ୟାର ସମାଧାନ କରିବା ପାଇଁ ସବୁ ସ୍ତରର ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ପରାମର୍ଶ ଦେଇଛନ୍ତି । କ୍ଷେତ୍ର ପରିଦର୍ଶନ ସହିତ ସବୁ ଅଧିକାରୀଙ୍କୁ ପରିଦର୍ଶନର ଫଳାଫଳ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ଯାହା ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ମୂଲ୍ୟାୟନରେ ବିଚାରକୁ ନିଆଯିବ ।

ଏହି ପନ୍ଦର-ସୂତ୍ରୀ ପରାମର୍ଶ/ନିର୍ଦ୍ଦେଶାବଳୀ ରାଜ୍ୟ ପ୍ରଶାସନକୁ ନିଶ୍ଚିତ ଭାବେ  ଚଳଚଞ୍ଚଳ କରିବ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପ୍ରଶାସନକୁ ସ୍ୱଚ୍ଛ, ଦକ୍ଷ, ଲୋକାଭିମୁଖୀ, ତଥା ଗତିଶୀଳ କରିବା ।



**ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

# ୨୦୨୫ ସଂସ୍କାରର ବର୍ଷ

"ଭାରତ ବିଶ୍ୱ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଆମ ଲୋକମାନଙ୍କର ଅଭିନବ ଚିନ୍ତାଧାରା କାରଣରୁ ଏହା ସମ୍ଭବ ହୋଇପାରିଛି । ଆଜି ଦୁନିଆ ଭାରତକୁ ଆଶା ଏବଂ ଭରସାପୂର୍ଣ୍ଣ ଦୃଷ୍ଟିରେ ଦେଖୁଛି । ପରବର୍ତ୍ତୀ ପିଢିର ସଂସ୍କାରକୁ ନେଇ ଭାରତର ଦ୍ରୁତ ପ୍ରଗତିକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି । ପ୍ରତ୍ୟେକ କ୍ଷେତ୍ରରେ ଏଭଳି ପ୍ରଗତି ଦେଖିବାକୁ ମିଳିଛି ଏବଂ ଦେଶର ଅଭିବୃଦ୍ଧି କ୍ଷମତା ମଧ ବଢୁଛି । ଭାରତ ସଂସ୍କାର ଏକ୍ସପ୍ରେସରେ ସବାର ହୋଇସାରିଛି ବୋଲି ମୁଁ ଅନେକ ଲୋକଙ୍କୁ କହି ଆସୁଛି । ଏହି ସଂସ୍କାର ବା ରିଫର୍ମ ଏକ୍ସପ୍ରେସର ମୁଖ୍ୟ ଇଞ୍ଜିନ୍ ହେଉଛି ଭାରତର ଜନସଂଖ୍ୟା; ଆମର ଯୁବପିଢ଼ି ଏବଂ ଆମର ନାଗରିକମାନଙ୍କର ଅଦମ୍ୟ ସାହସ । ୨୦୨୫ ବର୍ଷ ଭାରତପାଇଁ ସଂସ୍କାରର ବର୍ଷ ରୂପେ ସ୍ମରଣୀୟ ହୋଇ ରହିଯିବ । ଗତ ୧୧ ବର୍ଷ ମଧରେ ହାସଲ କରାଯାଇଥିବା ପ୍ରଗତିକୁ ଆଧାର କରି କ୍ରମାଗତ ସଂସ୍କାରର ଏକ ଜାତୀୟ ମିଶନକୁ ଏହି ବର୍ଷ ଦେଶ ଗ୍ରହଣ କରିଥିଲା । ଆମେ ପ୍ରତିଷ୍ଠାନ ଗୁଡ଼ିକୁ ଆଧୁନିକ ରୂପ ଦେଇଥିଲୁ । ପ୍ରଶାସନକୁ ସହଜ କରିଥିଲୁ ଏବଂ ଦୀର୍ଘସ୍ଥାୟୀ ତଥା ସମାବେଶୀ ବିକାଶର ମୂଳଦୁଆକୁ ଅଧିକ ମଜବୁତ କରିଥିଲୁ । ମୁଁ ଏଠାରେ କେତେକ ସଂସ୍କାରର ଉଦାହରଣ ଦେବାକୁ ଚାହୁଁଛି ।"

## ଜିଏସଟି ସଂସ୍କାର

- ୫% ଏବଂ ୧୮% ଏକ ସ୍ପଷ୍ଟ ଦୁଇଟିକିଆ ସ୍ଲାବ୍ ଢାଞ୍ଚା କାର୍ଯ୍ୟକାରୀ ହୋଇଛି ।
- ସାଧାରଣ ପରିବାର, ଏମଏସଏମଇ, ଚାଷୀ ଏବଂ ଶ୍ରମିକ ସଘନ କ୍ଷେତ୍ର ଉପରେ ବୋଝ ହ୍ରାସ କରାଯାଇଛି ।
- ଆମର ଉଦ୍ଦେଶ୍ୟ ହେଉଛି ବିବାଦ ହ୍ରାସ କରିବା ଏବଂ ଉନ୍ନତ ଅନୁପାଳନ ସୁନିଶ୍ଚିତ କରିବା ।
- ଏହି ସଂସ୍କାର ଉପଭୋକ୍ତାଙ୍କ ଭାବନାକୁ ପ୍ରୋତ୍ସାହିତ କରିଛି । ପାର୍ବଣ ଋତୁରେ ବିକ୍ରି ବୃଦ୍ଧି ପାଇଛି ।

## ମଧବିତ୍ତଙ୍କ ପାଇଁ ଅତୁଳନୀୟ ଆଶ୍ୱସ୍ତି

- ପ୍ରଥମତଃ ଗୋଟିଏ ବର୍ଷରେ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରୁଥିବା ବ୍ୟକ୍ତିବିଶେଷଙ୍କୁ ଆଦୌ ଆୟକର ଦେବାକୁ ପଡ଼ିବ ନାହିଁ ।
- ୧୯୬୧ର ପୁରୁଣା ଆୟକର ଆଇନ ସ୍ଥାନରେ ଆଧୁନିକ ସହଜ ଆୟକର ଆଇନ, ୨୦୨୫ କାର୍ଯ୍ୟକାରୀ ହୋଇଛି ।
- ଏସବୁ ସଂସ୍କାର ଭାରତକୁ ଏକ ସ୍ୱଚ୍ଛ, ପ୍ରଯୁକ୍ତି ଆଧାରିତ ଟିକସ ପ୍ରଶାସନ ଦିଗରେ ନେଇ ଯାଉଛି ।

## କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟକୁ ପ୍ରୋତ୍ସାହନ

- 'କ୍ଷୁଦ୍ର କମ୍ପାନୀ'ର ପରିଭାଷାକୁ ବଦଳାଇ ସେଥିରେ ୧୦୦କୋଟି ଟଙ୍କା ପର୍ଯ୍ୟନ୍ତ କାରବାର ଥିବା କମ୍ପାନୀଗୁଡ଼ିକୁ ସାମିଲ କରାଯାଇଛି ।
- ହଜାର ହଜାର କମ୍ପାନୀଙ୍କ ପାଇଁ ଅନୁପାଳନ ବୋଝ ଏବଂ ଏହା ସହିତ ଜଡ଼ିତ ଖର୍ଚ୍ଚ ହ୍ରାସ ପାଇପାରିବ ।

## ୧୦୦% ଏଫଡିଆଇ ବୀମା ସଂସ୍କାର

- ଭାରତୀୟ ବୀମା କମ୍ପାନୀରେ ୧୦୦% ଏଫଡିଆଇକୁ ମଞ୍ଜୁରୀ ମିଳିଛି ।
- ଏହାଦ୍ୱାରା ବୀମାର ପ୍ରସାର ବଢିବ ଏବଂ ଲୋକମାନଙ୍କୁ ସୁରକ୍ଷା ମିଳିପାରିବ ।
- ବର୍ଦ୍ଧିତ ପ୍ରତିଦ୍ୱନ୍ଦ୍ୱିତା ବ୍ୟତୀତ, ଏହା ଲୋକମାନଙ୍କୁ ଉନ୍ନତ ବୀମା ବିକଳ୍ପ ଏବଂ ଉନ୍ନତ ସେବା ବିତରଣ ପ୍ରଦାନ କରିବ ।

## ସାମୁଦ୍ରିକ ଏବଂ ନୀଳ ଅର୍ଥବ୍ୟବସ୍ଥା ଦିଗରେ ସଂସ୍କାର

- ସଂସଦର ମୌସୁମୀ ଅଧିବେଶନରେ, ପାଞ୍ଚଟି ଐତିହାସିକ ସାମୁଦ୍ରିକ ଆଇନ ଗୃହୀତ ହୋଇଛି । ଦ ବିଲ୍ସ ଅଫ୍ ଲ୍ୟାଡିଂ ଆଇନ, ୨୦୨୫ ଉପକୂଳ ଜାହଜ ଚଳାଚଳ ବି୍ଲ, ୨୦୨୫ ଦ ମର୍ଚ୍ଚ୍ୟାଣ୍ଟ ଶିପିଂ ବିଲ, ୨୦୨୫ ଏବଂ ଦ ଇଣ୍ଡିଆନ୍ ପୋର୍ଟ୍‌ସ ବିଲ୍, ୨୦୨୫ ।
- ଏସବୁ ସଂସ୍କାର କାଗଜପତ୍ର କାମକୁ ସରଳ କରିବ, ବିବାଦ ସମାଧାନକୁ ସହଜ କରିବ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରିବ ।
- ୧୯୦୮, ୧୯୨୫ ଏବଂ ୧୯୫୮ର ପୁରୁଣା ଆଇନକୁ ପରିବର୍ତ୍ତନ କରାଯାଇଛି ।

## ଜନବିଶ୍ୱାସ; ଅପରାଧୀକରଣର ଯୁଗ ଶେଷ

- ଶତାଧିକ ପୁରୁଣା ଆଇନକୁ ଉଚ୍ଛେଦ କରାଯାଇଛି ।
- ଉଚ୍ଛେଦ ଏବଂ ସଂଶୋଧନ ବିଲ ୨୦୨୫ ମାଧମରେ ୭୧ଟି ପୁରୁଣା ଆଇନ ଉଚ୍ଛେଦ କରାଯାଇଛି ।

## ବ୍ୟବସାୟିକ ସୁଗମତାକୁ ପ୍ରୋତ୍ସାହନ

- ସିନ୍ଥେଟିକ, ଫାଇବର, ୟାର୍ନ, ପ୍ଲାଷ୍ଟିକ୍, ପଲିମର୍ ଏବଂ ବେସ୍ ମେଟାଲ୍‌ରେ ୨୨ଟି କ୍ୟୁସିଓକୁ ରଦ୍ଦ କରାଯାଇଛି । ଅନ୍ୟପଟେ ବିଭିନ୍ନ ଷ୍ଟିଲ୍, ଇଞ୍ଜିନିୟର୍ଡ ଇଲେକ୍ଟ୍ରିକାଲ, ଆଲଏ ଏବଂ ଉପଭୋକ୍ତା ଉତ୍ପାଦ ବର୍ଗରେ ୫୩ଟି କ୍ୟୁସିଓକୁ ବାତିଲ କରାଯାଇଛି, ଏଥିରେ ବହୁସଂଖ୍ୟାରେ ଶିଳ୍ପ ଏବଂ ଉପଭୋକ୍ତା ସାମଗ୍ରୀ ସାମିଲ ରହିଛି ।
- ଏହାଦ୍ୱାରା ଭାରତର ପୋଷାକ ରପ୍ତାନି ବୃଦ୍ଧିପାଇବ ଜୋତା, ଅଟୋମୋବାଇଲ ଭଳି ଭିନ୍ନଭିନ୍ନ ଶିଳ୍ପରେ ଉତ୍ପାଦନ ଖର୍ଚ୍ଚ କମିବ ଏବଂ ଘରୋଇ ଉପଭୋକ୍ତାଙ୍କୁ ଇଲେକ୍ଟ୍ରୋନିକ୍ସ, ସାଇକେଲ ଏବଂ ଅଟୋମୋବାଇଲ୍ ଉତ୍ପାଦ କମ୍ ଦାମରେ ମିଳିପାରିବ ।

## ଐତିହାସିକ ଶ୍ରମ ସଂସ୍କାର

- ଶ୍ରମ ଆଇନକୁ ନୂଆ ରୂପ ଦିଆଯାଇଛି, ଯେଉଁଥିରେ ୨୯ଟି ଭିନ୍ନଭିନ୍ନ ଆଇନକୁ ମିଶାଇ ଚାରିଟି ଆଧୁନିକ ଶ୍ରମ ସଂହିତା ପ୍ରସ୍ତୁତ କରାଯାଇଛି ।
- ଭାରତ ଏପରି ଏକ ଶ୍ରମ ଢାଞ୍ଚା ପ୍ରସ୍ତୁତ କରିଛି ଯାହା ଶ୍ରମିକମାନଙ୍କର ହିତ ରକ୍ଷା କରିବା ସହିତ ବ୍ୟବସାୟ ପାଇଁ ଅନୁକୂଳ ପରିବେଶକୁ ମଧ ପ୍ରୋସାହନ ଦେବ ।
- ଏସବୁ ସଂସ୍କାର ଉର୍ଚ୍ଚ ବେତନ, ଠିକ୍ ସମୟରେ ବେତନ ପୈଠ, ଉନ୍ନତ ଶିଳ୍ପ ସମ୍ପର୍କ, ସାମାଜିକ ସୁରକ୍ଷା ଏବଂ ସୁରକ୍ଷିତ କାର୍ଯ୍ୟ ପରିବେଶ ଉପରେ ଧାନ କେନ୍ଦ୍ରିତ କରିଥାଏ ।
- ଏହାଦ୍ୱାରା ଶ୍ରମଶକ୍ତିରେ ମହିଳାଙ୍କ ଅଧିକ ଭାଗିଦାରୀ ସୁନିଶ୍ଚିତ ହେବ ।
- ଠିକା ଶ୍ରମିକଙ୍କ ସମେତ ଅସଂଗଠିତ କ୍ଷେତ୍ରର ଶ୍ରମିକମାନଙ୍କୁ ଇଏସଆଇସି ଏବଂ ଇପିଏଫଓ ଅଧୀନକୁ ଅଣାଯାଇଛି, ଏହାଦ୍ୱାରା ଔପଚାରିକ ଶ୍ରମଶକ୍ତିର ପରିସର ବୃଦ୍ଧି ପାଇଛି ।

## ଭାରତୀୟ ଉତ୍ପାଦ ପାଇଁ ବିବିଧ ଏବଂ ବିସ୍ତୃତ ବଜାର

- ନ୍ୟୁଜିଲାଣ୍ଡ, ଓମାନ ଏବଂ ବ୍ରିଟେନ୍ ସହ ବାଣିଜ୍ୟିକ ରାଜିନାମା ସ୍ୱାକ୍ଷରିତ ହୋଇଛି! ଏହା ନିବେଶ ବଢାଇବା ସହିତ ନିଯୁକ୍ତି ସୃଷ୍ଟିକୁ ପ୍ରୋତ୍ସାହିତ କରିବ । ଏହାଦ୍ୱାରା ସ୍ଥାନୀୟ ଉଦ୍ୟୋଗୀମାନେ ମଧ ଲାଭ ପାଇବେ । ଏହା ବିଶ୍ୱ ଅର୍ଥବ୍ୟବସ୍ଥାରେ ଏକ ଭରସାଯୋଗ୍ୟ ଏବଂ ଦକ୍ଷ ସହଯୋଗୀ ରୂପେ ଭାରତର ସ୍ଥିତିକୁ ମଜବୁତ କରିଥାଏ ।
- ସ୍ୱିଜରଲ୍ୟାଣ୍ଡ, ନରୱେ, ଆଇସଲ୍ୟାଣ୍ଡ ଏବଂ ଲିକ୍ଟେନଷ୍ଟାଇନକୁ ନେଇ ଗଠିତ ୟୁରୋପୀୟ ବାଣିଜ୍ୟ ସଂଘ ସହିତ ଏଫଟିଏକୁ କାର୍ଯ୍ୟକାରୀ କରାଯାଇଛି । ଏହା ବିକଶିତ ୟୁରୋପୀୟ ଅର୍ଥବ୍ୟବସ୍ଥା ସହିତ ଭାରତର ପ୍ରଥମ ଏଫଟିଏ ।

## ଆଣବିକ ଶକ୍ତି ସଂସ୍କାର

- 'ଶାନ୍ତି' ଆଇନ ଭାରତର ସ୍ୱଚ୍ଛ ଶକ୍ତି ଏବଂ ପ୍ରଯୁକ୍ତିବିଦ୍ୟାର ଯାତ୍ରାରେ ଏକ ବଡ଼ ପରିବର୍ତ୍ତନକାରୀ ପଦକ୍ଷେପ ।
- ଏହା ଆଣବିକ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ସୁରକ୍ଷିତ, ନିରାପଦ ଏବଂ ଉତ୍ତରଦାୟୀ ବିସ୍ତାର ଲାଗି ଏକ ମଜବୁତ ଢାଞ୍ଚା ସୁନିଶ୍ଚିତ କରିଥାଏ ।
- ଏହା ଡାଟା ସେଣ୍ଟର, ଅତ୍ୟାଧୁନିକ ତଥା ଉନ୍ନତ ଉତ୍ପାଦନ, ସବୁଜ ହାଇଡ୍ରୋଜେନ ଏବଂ ଉଚ୍ଚ-ପ୍ରଯୁକ୍ତି ଆଧାରିତ ଶିଳ୍ପକୁ ଶକ୍ତି ପ୍ରଦାନ କରି ଭାରତକୁ ଏଆଇ ଯୁଗରେ ବର୍ଦ୍ଧିତ ଶକ୍ତି ଆବଶ୍ୟକତାକୁ ପୂରଣ କରିବାରେ ସହାୟତା କରିବ ।
- ସ୍ୱାସ୍ଥ୍ୟ ସେବା, କୃଷି, ଖାଦ୍ୟ ସୁରକ୍ଷା, ଜଳ ପରିଚାଳନା, ଉଦ୍ୟୋଗ, ଗବେଷଣା ଓ ପରିବେଶ ସ୍ଥିରତାରେ ପରମାଣୁ ପ୍ରଯୁକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହନ ମିଳିବ, ଯାହାଦ୍ୱାରା ସମାବେଶୀ ବିକାଶ ଏବଂ ଜୀବନର ଉନ୍ନତ ଗୁଣବତ୍ତାକୁ ସମର୍ଥନ ମିଳିପାରିବ ।
- ଘରୋଇ କ୍ଷେତ୍ରର ଭାଗିଦାରୀ, ନବୋନ୍ମେଷ ଏବଂ ଦକ୍ଷତା ବିକାଶ ପାଇଁ ନୂଆ ରାସ୍ତା ଖୋଲିବା ଭାରତର ଯୁବପିଢିଙ୍କୁ ନୂଆ ପ୍ରଯୁକ୍ତିବିଦ୍ୟା ଏବଂ ପରବର୍ତ୍ତୀ ପିଢ଼ିର ଶକ୍ତି ସମାଧାନରେ ଆଗକୁ ବଢିବାର ସୁଯୋଗ ସୃଷ୍ଟି କରିବ ।

ଏହା ନିବେଶକ, ଉଦ୍ଭାବକ ଏବଂ ପ୍ରତିଷ୍ଠାନଗୁଡ଼ିକ ପାଇଁ ଭାରତ ସହ ଭାଗିଦାରୀ ପ୍ରତିଷ୍ଠା କରିବା, ଭାରତରେ ନିବେଶ କରିବା, ନବସୃଜନ ଏବଂ ଏକ ସ୍ୱଚ୍ଛ, ମଜବୁତ ଭବିଷ୍ୟତ ପାଇଁ ପ୍ରସ୍ତୁତ ଶକ୍ତ ଇକୋସିଷ୍ଟମ ନିର୍ମାଣ କରିବା ପାଇଁ ଏକ ଉପଯୁକ୍ତ ମୁହୂର୍ତ୍ତ ।

## ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟିରେ ସଂସ୍କାର

- ବିକଶିତ ଭାରତ- ଜୀ ରାମ ଜୀ ଆଇନ, ୨୦୨୫ ରୋଜଗାର ଗ୍ୟାରେଣ୍ଟି ବ୍ୟବସ୍ଥା ନିଶ୍ଚିତ ରୋଜଗାର ଦିବସ ସଂଖ୍ୟାକୁ ୧୦୦ ଦିନରୁ ବଢ଼ାଇ ୧୨୫ ଦିନ କରିଛି ।
- ଏହାଦ୍ୱାରା ଗାଁର ଭିତ୍ତିଭୂମି ଏବଂ ଜୀବିକାକୁ ମଜବୁତ କରିବା ଦିଗରେ ଖର୍ଚ୍ଚ ବଢ଼ିବ ।
- ଏହାର ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ରୋଜଗାର ଏବଂ ଉନ୍ନତ ଭିତ୍ତିଭୂମି ସୁନିଶ୍ଚିତ କରିବାର ମାଧମରେ ପରିଣତ କରିବା ।

## ଶିକ୍ଷା ସଂସ୍କାର

### ସଂସଦରେ ବିଲ୍ ଉପସ୍ଥାପିତ ହୋଇଛି

- ଏକକ, ଏକୀକୃତ ଉଚ୍ଚଶିକ୍ଷା ନିୟାମକ ପ୍ରତିଷ୍ଠା କରାଯିବ ।
- ୟୁଜିସି, ଏଆଇସିଟିଇ, ଏନସିଟିଇ ପରି ଏକାଧିକ ପ୍ରତିଷ୍ଠାନ ସ୍ଥାନରେ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ କାର୍ଯ୍ୟକାରୀ କରାଯିବ ।
- ଉଦ୍ଭାବନ ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ସହିତ ସଂସ୍ଥାଗୁଡ଼ିକର ସ୍ୱାୟତ୍ତ କ୍ଷମତାକୁ ସୁଦୃଢ଼ କରାଯିବ ।

କେବଳ ପରିମାଣ ଦୃଷ୍ଟିରୁ ନୁହେଁ ଅନ୍ତର୍ନିହିତ ଦର୍ଶନ ଦୃଷ୍ଟିରୁ ମଧ ୨୦୨୫ର ସଂସ୍କାରଗୁଡ଼ିକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଆମ ସରକାର ଏକ ଆଧୁନିକ ଗଣତନ୍ତ୍ରର ପ୍ରକୃତ ଭାବନା ନେଇ ନିୟନ୍ତ୍ରଣ ପରିବର୍ତ୍ତେ ସହଯୋଗ ଏବଂ ନିୟାମକ ପରିବର୍ତ୍ତେ ସୁବିଧାକୁ ପ୍ରାଥମିକତା ଦେଇଛି ।

ସହାନୁଭୂତି ସହିତ ଏହି ସଂସ୍କାରଗୁଡ଼ିକୁ ପ୍ରସ୍ତୁତ କରାଯାଇଛି । ଏଥିରେ କ୍ଷୁଦ୍ର ବ୍ୟବସାୟିକ ସଂସ୍ଥା, ଯୁବ ପେସାଦାର, କୃଷକ, ଶ୍ରମିକ ଏବଂ ମଧବିତ୍ତ ବର୍ଗର ବାସ୍ତବତା ପ୍ରତି ଧାନ ଦିଆଯାଇଛି । ବିଚାରବିମର୍ଶ ଦ୍ୱାରା ଏହାକୁ ଆକାର ଦିଆଯାଇଛି । ଏହା ତଥ୍ୟ ଦ୍ୱାରା ପରିଚାଳିତ ହୋଇଛି ଏବଂ ଭାରତର ସାମ୍ବିଧାନିକ ମୂଲ୍ୟବୋଧ ଆଧାରରେ ସ୍ଥିର ହୋଇଛି । ଏଗୁଡ଼ିକ ଅନେକ ଦଶନ୍ଧି ଧରି ଚାଲି ଆସୁଥିବା ନିୟନ୍ତ୍ରଣ -ଆଧାରିତ ଅର୍ଥବ୍ୟବସ୍ଥା ଠାରୁ ଦୂରେଇ ଯାଇ ବିଶ୍ୱାସର ଢାଞ୍ଚାରେ କାର୍ଯ୍ୟ କରୁଥିବା ଅର୍ଥବ୍ୟବସ୍ଥା ଆଡ଼କୁ ସ୍ଥାନାନ୍ତରିତ ହେବା ପାଇଁ ଆମର ପ୍ରୟାସକୁ ଗତି ପ୍ରଦାନ କରୁଛି । ଏଥିରେ ନାଗରିକ କଲ୍ୟାଣ ପ୍ରତି ଗୁରୁତ୍ୱ ଦିଆଯାଇଛି ।

ଏସବୁ ସଂସ୍କାରର ଲକ୍ଷ୍ୟ ହେଉଛି ଏକ ସମୃଦ୍ଧ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନ । ବିକଶିତ ଭାରତ ନିର୍ମାଣ କରିବା ଆମ ବିକାଶ ଯାତ୍ରାର ମୂଳ ଲକ୍ଷ୍ୟ । ଆଗାମୀ ଦିନରେ ମଧ ଆମେ ସଂସ୍କାର ଲକ୍ଷ୍ୟକୁ ନେଇ ଆଗକୁ ବଢ଼ିବୁ ।

ଭାରତର ବିକାଶ ଗାଥା ସହ ନିଜର ସମ୍ପର୍କକୁ ଆହୁରି ଘନିଷ୍ଠ କରିବା ଲାଗି ମୁଁ ଭାରତ ଏବଂ ବିଦେଶରେ ରହୁଥିବା ସମସ୍ତଙ୍କୁ ଅନୁରୋଧ କରୁଛି । ଭାରତ ଉପରେ ଭରସା କରି ଆମ ଲୋକଙ୍କ ଉପରେ ନିବେଶ କରନ୍ତୁ !

# ବରଗଡ଼ ଧନୁଯାତ୍ରା



## କଂସ ମହାରାଜଙ୍କ ଦରବାରରେ ଅତିଥି ହେଲେ ମୁଖ୍ୟମନ୍ତ୍ରୀ

ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ତଥା ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚ ମହାରାଜା କଂସଙ୍କ ଦରବାରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ବେଶ ଖୁସି ପ୍ରକଟ କରିବା ସହିତ ଧନୁଯାତ୍ରା ସାମାଜିକ ଜୀବନରେ ଆଧାତ୍ମିକତାର ଏକ ପ୍ରକୃଷ୍ଟ ନିଦର୍ଶନ ବୋଲି କହିଛନ୍ତି । ସେ କହିଛନ୍ତି ଧନୁଯାତ୍ରାର ପ୍ରସିଦ୍ଧି ଆଜି କେବଳ ଓଡ଼ିଶା କି ଭାରତ ନୁହେଁ, ବିଶ୍ୱର କୋଣ ଅନୁକୋଣକୁ ବ୍ୟାପିଗଲାଣି । ଦେଶ ସ୍ୱାଧୀନ ହେବା ପରଠାରୁ ପ୍ରତିବର୍ଷ ନିରନ୍ତର ଭାବେ ୧୧ ଦିନ ବ୍ୟାପି ଏହି ଯାତ୍ରା ଅନୁଷ୍ଠିତ ହେଉଛି ଏବଂ କୌଣସି ହସ୍ତଲିପି ବା ସ୍କ୍ରିପ୍ଟ ବିନା ୨୨ରୁ ଅଧିକ ମଞ୍ଚରେ ୨୦୦ରୁ ଅଧିକ କଳାକାର ଏହି ଯାତ୍ରାରେ ଅଭିନୟ କରୁଛନ୍ତି । ୨୫୦ରୁ ଅଧିକ ଜିଲ୍ଲା, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସାଂସ୍କୃତିକ ଦଳ ଦ୍ୱାରା ଅଭିନୟ ଓ ନୃତ୍ୟ ପ୍ରଦର୍ଶିତ ହେଉଛି । ୧୫ଲକ୍ଷରୁ ଅଧିକ ଲୋକ ଏହି ଅନନ୍ୟ ଉତ୍ସବ ଦେଖିବାକୁ ଆସୁଛନ୍ତି । ପ୍ରୟାଗର କୁମ୍ଭ ମେଳା, କଟକର ବାଲିଯାତ୍ରା, ପୁରୀର ରଥଯାତ୍ରା, ମହୀଶୂରର ଦଶହରା ଭଳି ବରଗଡ଼ର ଧନୁଯାତ୍ରା ସାଂସ୍କୃତିକ ଅର୍ଥନୈତିକ ମଡ଼େଲର ଏକ ସୁନ୍ଦର ଉଦାହରଣ, ଯେଉଁଠି କେବଳ ଧର୍ମୀୟ ନୃତ୍ୟ ସଙ୍ଗୀତ ପରିବେଷଣ ହୁଏ ନାହିଁ, ଏଠାରେ ପାରମ୍ପରିକ ବେପାର ବଣିଜ ବି ହୋଇଥାଏ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକାଶ ଭି , ବିରାଶତ ଭି' ମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ଆମ ସରକାର ଓଡ଼ିଆ ଅସ୍ମିତାକୁ ଶାସନ-ପ୍ରଶାସନର ଏକ ଅଭିନ୍ନ ଅଙ୍ଗ ଭାବେ ବିବେଚନା କରୁଛନ୍ତି । ଗତ ଥର ଧନୁଯାତ୍ରା କାଳରେ ଏହି ଉତ୍ସବ ପାଇଁ ଅନୁଦାନ ରାଶିକୁ ମୁଖ୍ୟମନ୍ତ୍ରୀ ୧କୋଟି ଟଙ୍କାକୁ ବୃଦ୍ଧି କରିଥିବାବେଳେ ଏ ବର୍ଷ ଦେଢ଼ କୋଟିକୁ ବଢ଼ାଇଛନ୍ତି । ୨୦୦ ପ୍ରମୁଖ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ମଧ ପ୍ରଦାନ କରାଯାଉଛି । ଧନୁଯାତ୍ରା ଯେପରି ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟ ମାନ୍ୟତା ପାଇବ ସେଥିପାଇଁ ଏକ ସ୍ୱତନ୍ତ୍ର କମିଟି ଏହାର ଅଧ୍ୟୟନ ଜାରି ରଖିଛି । ଏଥିରେ ଆମେ ନିଶ୍ଚିତ ସଫଳ ହେବୁ, ଆଜି ନହେଲେ କାଲି ବରଗଡ଼ର ଧନୁଯାତ୍ରା ବିଶ୍ୱ  ଐତିହ୍ୟ ମାନ୍ୟତା ହାସଲ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି । ଧନୁଯାତ୍ରା ପାଇଁ ସ୍ଥାୟୀ ରଙ୍ଗମହଲ ନିର୍ମାଣ ଲାଗି ମୁଖ୍ୟମନ୍ତ୍ରୀ ଗତବର୍ଷ ଘୋଷଣା କରିଥିବାବେଳେ ଏଥର ଏହାର ଶିଳାନ୍ୟାସ କରିଛନ୍ତି । ଏଥିପାଇଁ ପ୍ରାୟ ୧୨.୭୯ କୋଟି ଖର୍ଚ୍ଚ ହେବ ଏବଂ ଏହା କେବଳ ରାଜ୍ୟ ବା ଦେଶର ନୁହେଁ ସାରା ବିଶ୍ୱର ଏକ ଶ୍ରେଷ୍ଠ ରଙ୍ଗ ମହଲ ଭାବେ ପରିଚୟ ସୃଷ୍ଟି କରିବ ।

## ୧୩୬୨ କୋଟି ଟଙ୍କା ପ୍ରକଳ୍ପର ଶିଳାନ୍ୟାସ, ଲୋକାର୍ପଣ

ଏହି ଅବସରରେ ମୁଖ୍ୟମନ୍ତ୍ରୀ ବରଗଡ଼ ଜିଲାର ବିକାଶ ପାଇଁ ୧,୩୬୨କୋଟି ଟଙ୍କା ନିବେଶରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ବରଗଡ଼ କେନାଲ ସୌନ୍ଦର୍ଯ୍ୟକରଣର ଶିଳାନ୍ୟାସ ସହିତ ବରଗଡ଼ ସହରର ଜୀବନରେଖା ଜିରା ନଦୀରେ ଏକ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ବରଗଡ଼ ଜିଲ୍ଲା ପାଇଁ ସମୁଦାୟ ୮୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏଥିପାଇଁ ୯୮୦କୋଟି ୫୮ଲକ୍ଷ ଟଙ୍କା ବିନିଯୋଗ କରାଯିବ ।  ଏଥିସହିତ ୩୮୨କୋଟି ୨୬ଲକ୍ଷ ଟଙ୍କାର ୩୮ଟି ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି । ସମୁଦାୟ ୧୨୩ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି ।

ବରଗଡ଼ର ବିକାଶ ପାଇଁ ୧୩୨କୋଟି ଟଙ୍କା ବିନିଯୋଗରେ ଜିରା ନଦୀ ଉପରେ ଏକ ସିୱେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ, ବରଗଡ଼ ମ୍ୟୁନିସିପାଲିଟି ହାଟପଦାଠାରେ ୩୦କୋଟି ଟଙ୍କା ବିନିଯୋଗରେ ଏକ ଭେଣ୍ଡିଂ ଜୋନ ନିର୍ମାଣ ସହିତ ବରଗଡ଼ ସଦରରେ ୬୫କୋଟି ଟଙ୍କା ବିନିଯୋଗରେ ଅଟଳ ବସଷ୍ଟାଣ୍ଡ ଯୋଜନାରେ ଏକ ଅତ୍ୟାଧୁନିକ ବସ ଟର୍ମିନାଲ ନିମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ୪ଟି ପ୍ରକଳ୍ପ ପାଇଁ ୩୮୦କୋଟି ଟଙ୍କା ଖର୍ଚ୍ଚ ହେବ ।

## ଉଭୟ ଓଡ଼ିଆ ଓ ଇଂରାଜୀରେ ଉପଲବ୍ଧ ହେବ ଆଦିବାସୀଙ୍କ ଜମିପଟା

ଜନଜାତି ଉପଦେଷ୍ଟା ପରିଷଦ ବୈଠକରେ ରାଜ୍ୟ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି ।  ଏଣିକି ଆଦିବାସୀଙ୍କ ଜମି ପଟ୍ଟା ବା ଏସଟି ତାଲିକାରେ ଥିବା ରେକର୍ଡ଼ ଅଫ ରାଇଟ୍ସ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଲେଖାଯିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଆଦିବାସୀଙ୍କ ଜୀବନଜୀବିକା, ଧାର୍ମିକ ଭାବନା ପ୍ରତି ଆମକୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ । ଆଦିବାସୀ ଗ୍ରାମର ପୂଜକଙ୍କ  ପାଇଁ ଭତ୍ତା ବ୍ୟବସ୍ଥା, ସେମାନଙ୍କ ପୂଜାସ୍ଥଳୀଗୁଡ଼ିକର ବିକାଶ ଓ ସୁରକ୍ଷା ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପରିଷଦକୁ ପ୍ରସ୍ତାବ ଦେଇଛନ୍ତି । ତଦନୁଯାୟୀ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯିବ । ଏଥିସହିତ ଆଦିବାସୀ ଅଞ୍ଚଳରେ ଅଧିକ ସଂଖ୍ୟାରେ ପରିବେଶ ଅନୁକୂଳ ପର୍ଯ୍ୟଟନ(ଇକୋ ଟୁରିଜିମ୍) ପ୍ରକଳ୍ପ, ଟ୍ରାଇବାଲ୍ ହୋମ ଷ୍ଟେ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି । ଏକାଦଶ ଓ ଦ୍ୱାଦଶ ଶ୍ରେଣୀରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟଗୁଡ଼ିକରେ ବିଜ୍ଞାନ ସହିତ କଳା ଓ ବାଣିଜ୍ୟ ବିଷୟ ରଖିବା ପାଇଁ ମଧ ସୁପାରିସ କରାଯାଇଛି ।

# ମାଧୋ ସିଂ ବଳିଦାନ ଦିବସ

**ଘେଁସ କଲେଜ ଶହୀଦ ମାଧୋ ସିଂ ସ୍ମାରକୀ ମହାବିଦ୍ୟାଳୟରେ ନାମିତ**

**ଘେଁସରେ ନିର୍ମାଣ ହେବ ଶହୀଦ ମାଧୋ ସିଂ ସ୍ମାରକୀ, ୧୦୦ ଆସନର ଛାତ୍ରୀନିବାସ:ମୁଖ୍ୟମନ୍ତ୍ରୀ**




ଘେଁସ ଗ୍ରାମରେ ଶହୀଦ ମାଧୋ ସିଂଙ୍କ ସ୍ମାରକୀ ପ୍ରତିଷ୍ଠା ହେବ । ଏଥିରେ ତାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ସହିତ ଏକ ସ୍ୱାଗତ ତୋରଣ, କମ୍ୟୁନିଟି ସେଣ୍ଟର ପ୍ରତିଷ୍ଠା ହେବ । ଏଥିପାଇଁ ୬.୨୬କୋଟି ଟଙ୍କା ଖର୍ଚ୍ଚ ହେବ । ବରପୁତ୍ର ଐତିହ୍ୟ ଗ୍ରାମ ଯୋଜନାରେ ୧୫କୋଟି ଟଙ୍କା ବିନିଯୋଗରେ ଶହୀଦ ମାଧୋ ସିଂଙ୍କ ଜନ୍ମପୀଠ ଓ ଗ୍ରାମର ବିକାଶ କରାଯିବ ବୋଲି ଘେଁସଠାରେ ଆୟୋଜିତ ରାଜ୍ୟସ୍ତରୀୟ ଶହୀଦ ମାଧୋ ସିଂ ସ୍ମୃତି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି । ଏଥିସହିତ ଘେଁସ କଲେଜକୁ ଶହୀଦ ମାଧୋ ସିଂ ସ୍ମାରକୀ ମହାବିଦ୍ୟାଳୟ ନାମରେ ନାମିତ କରାଗଲା ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଏଠାରେ ୪କୋଟି ୪୦ଲକ୍ଷ ୫୯ ହଜାର ଟଙ୍କା ବିନିଯୋଗରେ ୧୦୦ ଆସନ ବିଶିଷ୍ଟ ଏକ ଆଧୁନିକ ଛାତ୍ରୀନିବାସ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଶହୀଦ ମାଧୋ ସିଂଙ୍କ ତ୍ୟାଗ କେବଳ ଓଡ଼ିଶା ନୁହେଁ ବିଶ୍ୱ ଇତିହାସରେ ବିରଳ । ଦେଶ ପାଇଁ ସେ ନିଜ ଜୀବନ ସହିତ ନିଜର ୪ପୁଅ ଓ ଜାମାତାଙ୍କ ବଳିଦାନ ଦେଇଥିଲେ । ସେ କହିଥିଲେ, ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍କୁଲ ଡ୍ରପ ଆଉଟ ହାର ରୋକିବା ପାଇଁ ଶହୀଦ ମାଧୋ ସିଂ ହାତଖର୍ଚ୍ଚ ଯୋଜନା ପ୍ରସ୍ତୁତ ହୋଇଛି ଏବଂ ଏଥିରେ ଛାତ୍ରଛାତ୍ରୀଙ୍କୁ ନବମ ଓ ଏକାଦଶ ଶ୍ରେଣୀରେ ପାଠପଢ଼ା ପାଇଁ ଏକକାଳୀନ ସହାୟତା ରାଶି ଭାବେ ଛାତ୍ରଛାତ୍ରୀ ପିଛା ୫ହଜାର ଟଙ୍କା ପ୍ରଦାନ କରାଯାଉଛି । ଘେଁସ ଗ୍ରାମ ପଞ୍ଚାୟତର ୧୦୦ ଛାତ୍ରଛାତ୍ରୀ ଏହି ଯୋଜନାରେ ସାମିଲ ହୋଇଛନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ମସିହା ପାଇଁ ବିକଶିତ ଓଡ଼ିଶାର ଯେଉଁ ରୋଡ଼ମ୍ୟାପ ପ୍ରସ୍ତୁତ କରାଯାଇଛି ସେଥିରେ ଘେଁସ ଅଞ୍ଚଳର ଭାଗୀଦାରି ରହିଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶହୀଦ ମାଧୋ ସିଂଙ୍କ ବାସଗୃହ ପରିସରରେ ତାଙ୍କ ପରିବାର ବର୍ଗଙ୍କୁ ଭେଟିଥିଲେ । କାର୍ଯ୍ୟକ୍ରମରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତକୁମାର ଗଡ଼ତିଆ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବିଶିଷ୍ଟ କୋଶଳି କବି ପଦ୍ମଶ୍ରୀ ଡ.ହଳଧର ନାଗ, ଶହୀଦ ମାଧୋ ସିଂଙ୍କ ଦାୟାଦ ଲୋକେଶ୍ୱର ସିଂ ବରିହା ଓ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦାଦନ ମୁକ୍ତ କରିଛି ଶ୍ରୀଅନ୍ନ ଅଭିଯାନ

ବଲାଙ୍ଗିର ଜିଲ୍ଲାର ଖପ୍ରାଖୋଲ ବ୍ଲକ ଦାଦନ ପ୍ରବଣ ଅଞ୍ଚଳ ଭାବେ ପରିଚିତ । କିନ୍ତୁ ଏହି ପରିଚୟ ବଦଳାଇବାର ପ୍ରୟାସରେ ଓଡ଼ିଶା ସରକାରଙ୍କର ଶ୍ରୀ ଅନ୍ନ ଅଭିଯାନ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଯାହାର ଉଦାହରଣ ସାଜିଛନ୍ତି ସୁଧୀର ସାହୁ । ସେ ଦିନେ ଦାଦନ ଥିଲେ, ଆଉ ଆଜି ଏହି ଅଭିଯାନ ମାଧ୍ୟମରେ ଜଣେ ସୁପରିଚିତ ସଫଳ ଚାଷୀହେବା ସହିତ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ।

ଶ୍ରୀ ଅନ୍ନ ଅଭିଯାନ ସମ୍ପର୍କରେ ଆସିବା ପୂର୍ବରୁ ସୁଧୀର ବାହାର ରାଜ୍ୟକୁ ପ୍ରତିବର୍ଷ ଦାଦନ ଖଟିବାକୁ ଯାଉଥିଲେ । ଦିନ ମଜୁରିଆ ଭାବେ ଦାଦନ ଖଟି ଯାହା ସଞ୍ଚୟ କରୁଥିଲେ ସେତିକିରେ ତାଙ୍କ ପରିବାର ଚଳୁଥିଲା । କିନ୍ତୁ ରାଜ୍ୟ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ତାଙ୍କୁ ଏବେ ବେଶ ସ୍ୱାବଲମ୍ବୀ କରିଛି । ବର୍ତ୍ତମାନ ସେ ବାହାର ରାଜ୍ୟର ଦାଦନ ନୁହଁ ବରଂ ନିଜ ବ୍ଲକର ଜଣେ ସଫଳ ଚାଷୀ । ଶ୍ରୀ ଅନ୍ନ ଅଭିଯାନ ତାଙ୍କୁ ଦାଦନମୁକ୍ତ କରିଛି । ସରକାରଙ୍କର ଏହି ଲୋକାଭିମୁଖୀ ଯୋଜନାରେ ସୌରଚାଳିତ ନଳକୂପ ମିଳିଲା; ଯଦ୍ୱାରା ଜଳସେଚନର ବ୍ୟବସ୍ଥା ପାଇ ସୁଧୀର ଦୁଇ ଏକର ଜମିରେ ମାଣ୍ଡିଆ ଚାଷ ଆରମ୍ଭ କଲେ । ବର୍ଷକୁ ଖରିଫ ଏବଂ ରବି, ଏଭଳି ଦୁଇଟି ଋତୁରେ ଚାଷ ସମ୍ଭବ ହୋଇପାରିଲା । ଉତ୍ପାଦନ ସହ ଆୟ ମଧ୍ୟ ବଢ଼ିଲା ।

ଏହାଛଡା ଉକ୍ତ ଅଭିଯାନ ଦ୍ୱାରା ବିଭିନ୍ନ ସମୟରେ ଦିଆଯାଉଥିବା ପ୍ରଶିକ୍ଷଣରେ ଭାଗ ନେଇ ଅନେକ ଚାଷ ପଦ୍ଧତି ସମ୍ପର୍କରେ ଶିକ୍ଷା ଗ୍ରହଣ କରିପାରିଛନ୍ତି ସୁଧୀର । ତେବେ ସରକାରୀସ୍ତରରେ ମିଳିଥିବା ସୁବିଧାସୁଯୋଗ ଯୋଗୁଁ ସେ ୨ ଏକରରେ କରିଥିବା ମାଣ୍ଡିଆ ଚାଷରୁ ଲାଭବାନ ହୋଇପାରିଥିଲେ । ଏହି ଲାଭରୁ ପ୍ରେରିତ ହୋଇ ସେ, ବର୍ତ୍ତମାନ ୪ ଏକର ଜମିରେ ମାଣ୍ଡିଆ ଚାଷ କରି ନିଜେ ସ୍ୱାବଲମ୍ବୀ ହେବବା ସହ ଅନ୍ୟକୁ ପ୍ରେରଣା ଯୋଗାଉଛନ୍ତି । ଶ୍ରୀ ଅନ୍ନ ଅଭିଯାନ ସୁଧୀରଙ୍କୁ କେବଳ ଚାଷ କରିବା କୌଶଳ ଶିଖାଇନି ବରଂ ଏହା ତାଙ୍କୁ ଉପାର୍ଜନକ୍ଷମ କରାଇଛି । ସେ ଏବେ କାହା ଉପରେ ନିର୍ଭର କରୁନାହାନ୍ତି, ଏବେ ସେ ଆତ୍ମନିର୍ଭର ।

# ବିଧାନସଭାକୁ ସମ୍ବୋଧିତ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



## ଆଚରଣ, ଉଚ୍ଚାରଣରେ ସଂଯମତା ରଖିବାକୁ ଦେଲେ ପରାମର୍ଶ

ଗୃହ ଭିତରେ ଓ ଗୃହ ବାହାରେ ଜନପ୍ରତିନିଧିଙ୍କ ଆଚରଣ ଓ ଉଚ୍ଚାରଣରେ ସଂଯମତା ରହିବା ଉଚିତ। ଏହାକୁ ପାଥେୟ କରି ଆପଣଙ୍କ ପ୍ରଶଂସକ ଓ ଅନୁଗାମୀ ଦେଶ ତଥା ରାଜ୍ୟ ଗଠନରେ ବ୍ରତୀ ହେବେ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରିବା ଅବସରରେ ଜନପ୍ରତିନିଧିଙ୍କୁ ପରାମର୍ଶ ଦେଇଛନ୍ତି।

ଓଡ଼ିଶାରେ ପ୍ରଥମ ଥର ପାଇଁ ବିଧାନସଭାକୁ ସମ୍ବୋଧିତ କରିବାରେ ଶ୍ରୀମତୀ ମୁର୍ମୁ ହେଉଛନ୍ତି ପ୍ରଥମ ରାଷ୍ଟ୍ରପତି। ଗତ ନଭେମ୍ବର ୨୭ ତାରିଖରେ ସପ୍ତଦଶ ବିଧାନସଭା ଶୀତ ଅଧିବେଶନର ପ୍ରଥମ ଦିନରେ ଓଡ଼ିଶା ବିଧାନସଭାରେ ଐତିହାସିକ ଭାଷଣ କ୍ରମେ ରାଷ୍ଟ୍ରପତି ଜନପ୍ରତିନିଧିଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ ଭାରତରେ ଜନତାଙ୍କ ହାତରେ ପ୍ରକୃତ କ୍ଷମତା ଥାଏ। ଆପଣମାନେ ଜନଗଣଙ୍କ ପ୍ରତିନିଧି ଏବଂ ସେମାନଙ୍କ ସେବକ। ବର୍ତ୍ତମାନ ଟେକ୍ନୋଲୋଜିର ଯୁଗ। ଆପଣମାନେ ଗୃହ ଭିତରେ ଓ ବାହାରେ କ'ଣ କହୁଛନ୍ତି ଓ କ'ଣ କରୁଛନ୍ତି ତାହା ସମସ୍ତେ ଦେଖୁଛନ୍ତି। ଆପଣଙ୍କ ଆଚରଣ ଓ ଉଚ୍ଚାରଣ ଉଭୟ ମୂଲ୍ୟବାନ। ଯେଉଁ ଆଶା, ଭରସା ନେଇ ସେମାନେ ଆପଣଙ୍କ ହାତରେ କ୍ଷମତା ଅର୍ପଣ କରିଛନ୍ତି ସେମାନଙ୍କ ଆଶା ପୂରଣ କରିବା ଆପଣମାନଙ୍କ ପରମ କର୍ତ୍ତବ୍ୟ। ଦେଶର ଦରିଦ୍ରତମ ଲୋକଙ୍କ ପାଇଁ କାମ କରିବା ହିଁ ଅନ୍ତ୍ୟୋଦୟର ବାର୍ତ୍ତା।

ରାଷ୍ଟ୍ରପତି କହିଥିଲେ ଯେ ଦେଶର ଏକାଧିକ ବିଧାନସଭା, ଅନେକ ଦେଶର ସଂସଦକୁ ସମ୍ବୋଧିତ କରିଛି। କିନ୍ତୁ ଓଡ଼ିଶା ବିଧାନସଭାକୁ ସମ୍ବୋଧିତ କରିବା ମୋ ପାଇଁ ବିଶେଷ ଖୁସିର ବିଷୟ। ଗାଁରୁ ସାଧାରଣ ଝିଅ ଭାବେ ଆସିଥିଲି। ଏହି ପବିତ୍ର ଗୃହ ମୋତେ ସବୁକିଛି ଶିଖାଇଛି। ଆଜି ମୁଁ ଯେଉଁଠି ଅଛି ତାର ସବୁ ଶ୍ରେୟ ଏହି ଗୃହର। ଓଡ଼ିଶାବାସୀ ଏବଂ ଜଗନ୍ନାଥଙ୍କ ଆଶୀର୍ବାଦ ନଥିଲେ ମୁଁ ଯେଉଁଠି ଅଛି ସେ ସ୍ଥାନରେ ପହଞ୍ଚିପାରି ନଥାନ୍ତି। ଅନେକ ବର୍ଷ ପରେ ଏ ପବିତ୍ର ଗୃହରେ ଉପସ୍ଥିତ ରହିବା ପରେ ଅତୀତର ସବୁ ସ୍ମୃତି ତାଜା ହୋଇ ଉଠୁଛି। ମୋର ଅନେକ ବନ୍ଧୁ ଏ ଗୃହରେ ଉପସ୍ଥିତ ଅଛନ୍ତି। ଏଠିକାର ଆତ୍ମୀୟ ପରିବେଶରେ ମୁଁ ଭାବପ୍ରବଣ ହୋଇଯାଇଛି। ଏହି ଗୃହରେ ମୁଁ ଅନେକ ପ୍ରଶ୍ନ ପଚାରିଛି, ମନ୍ତ୍ରୀ ଭାବେ ଉତ୍ତର ବି ଦେଇଛି।

ରାଷ୍ଟ୍ରପତି କହିଥିଲେ ଓଡ଼ିଶା ମହାପ୍ରଭୁ ଜଗନ୍ନାଥଙ୍କ ପୂଣ୍ୟ ମାଟି। ପ୍ରକୃତି ସବୁପ୍ରକାର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି ଓଡ଼ିଶାରେ। କୃଷି, ଶିଳ୍ପ, ବାଣିଜ୍ୟ ଆଦିର ବିକାଶ ପାଇଁ ଓଡ଼ିଶାର ପରିବେଶ ବେଶ ଅନୁକୂଳ। ଏସବୁ ସମ୍ପଦର ବିନିଯୋଗ କରାଯାଇ ଓଡ଼ିଶାକୁ ଦେଶର ଅଗ୍ରଣୀ ପ୍ରଦେଶରେ ପରିଣତ କରାଯାଇପାରିବ। ୨୦୪୭ରେ ସ୍ୱାଧୀନତାର ଶତାବ୍ଦୀ ସମାରୋହ ପାଳନ ବେଳକୁ ଭାରତ ବିକଶିତ ଦେଶରେ ପରିଣତ ହୋଇସାରିଥିବ। ୨୦୩୬ରେ ଓଡ଼ିଶା ଗଠନର ଶତବାର୍ଷିକ ପୂରଣ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ କରିପାରିଲେ ତାହା ବିକଶିତ ଭାରତ ଗଠନ ପାଇଁ ଓଡ଼ିଶାର ଶ୍ରେଷ୍ଠ ଅବଦାନ ହେବ। ଓଡ଼ିଶାର ନେତୃବୃନ୍ଦ, କୃଷକ, ଶ୍ରମିକ, ମହିଳା, ପ୍ରଶାସକ, ବୁଦ୍ଧିଜୀବୀ ଏବଂ ଯୁବକ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କଲେ ଅସାଧ ସାଧନ କରିହେବ।

ଭାରତ ଏବେ ପୃଥିବୀର ଏକ ବୃହତ୍ ଅର୍ଥନୀତି ଭାବେ ଉଭା ହୋଇଛି। ଆଗାମୀ ଦିନରେ ଏହା ଆହୁରି ଶକ୍ତିଶାଳୀ ହେବ। ମହାକାଶ ବିଜ୍ଞାନ, ଆଇଟି, ଏଆଇ କ୍ଷେତ୍ରରେ ଭାରତର ଅଗ୍ରଗତିକୁ ବିଶ୍ୱ ବେଶ ପ୍ରଶଂସା କରୁଛି। ଏକ ବିକଶିତ ଭାରତର ଏହା ପ୍ରାକ ସୂଚନା। ଓଡ଼ିଶା ପ୍ରଗତି କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ଚାଲିଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଅଳ୍ପ ଦିନର କାର୍ଯ୍ୟକାଳ ମଧ୍ୟରେ ଅନେକ ନୂଆ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି। ଓଡ଼ିଶାର ମହିଳାମାନେ ସୁଭଦ୍ରା ଯୋଜନା ମାଧ୍ୟମରେ ସ୍ୱାବଲମ୍ବୀ ହେଉଛନ୍ତି। ଧାନ କିଣା ଉପରେ ରାଜ୍ୟ ସରକାର ରିଆତି ଦେବା ଏକ ଉତ୍ତମ ପଦକ୍ଷେପ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଓଡ଼ିଶାରେ ଶିଳ୍ପାୟନ ନୂଆ ରୂପ ନେଉଛି। ଓଡ଼ିଶାର ପ୍ରଗତି ପାଇଁ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ।

ଅଭିଭାଷଣ ଦେବା ଅବସରରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ବିଧାନସଭାରେ ଥିବା ୧୧ନମ୍ବର ପ୍ରକୋଷ୍ଠରେ କିଛି ସମୟ ବିତାଇଥିଲେ। ବିଜେପି-ବିଜେଡ଼ି ମେଣ୍ଟ ସରକାର ଥିବା ସମୟରେ ମନ୍ତ୍ରୀ ଭାବେ ଶ୍ରୀମତୀ ମୁର୍ମୁ ଏହି କାର୍ଯ୍ୟାଳୟରେ ବସି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଥିଲେ। ଏଠାରେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ଚୌକିରେ କିଛି ସମୟ ଅତିବାହିତ କରିଥିଲେ। ଏହି ସମୟରେ ତାଙ୍କ ସହିତ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀ, ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକ, ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକବର୍ଦ୍ଧନ ସିଂହଦେଓ, ବିଧାୟକ ଶ୍ରୀ ତାରାପ୍ରସାଦ ବାହିନୀପତି ଓ ଶ୍ରୀମତୀ ପ୍ରମିଳା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି



**୧୬ଟି ପାଳିରେ ୫୬ହଜାରରୁ ଊର୍ଦ୍ଧ୍ୱ ଅଭିଯୋଗ**

**୧୫ପାଳି ସୁଦ୍ଧା ୯୫ପ୍ରତିଶତ ଅଭିଯୋଗର ସମାଧାନ**

**ସାଧାରଣ ଲୋକଙ୍କ ଆସ୍ଥା ଓ ଆଗ୍ରହ ବଢ଼ିଛି: ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ଏ ପର୍ଯ୍ୟନ୍ତ ଅନୁଷ୍ଠିତ ୧୬ଟି ପାଳି ସୁଦ୍ଧା ୫୬ ହଜାରରୁ ଅଧିକ ଲୋକ ଅଭିଯୋଗ ପ୍ରକୋଷ୍ଠକୁ ଆସିଛନ୍ତି । ଗତ୫ ତାରିଖରେ ଅନୁଷ୍ଠିତ ୧୬ ତମ ଅଭିଯୋଗ ଶୁଣାଣିରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀଙ୍କ ସମେତ ମନ୍ତ୍ରିମଣ୍ଡଳର ୭ଜଣ ବରିଷ୍ଠ ମନ୍ତ୍ରୀ ଅଭିଯୋଗ ଶୁଣିଥିଲେ ।

ପ୍ରତିଥର ଭଳି ଏଥର ବି ମୁଖ୍ୟମନ୍ତ୍ରୀ ପ୍ରଥମେ ବାହାରେ ଅପେକ୍ଷା କରିଥିବା ୩୦ଜଣ ଦିବ୍ୟାଙ୍ଗ ଓ ଦୁରାରୋଗ୍ୟରେ ପୀଡ଼ିତ ଲୋକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିବା ସହିତ ଅଭିଯୋଗପତ୍ର ଗ୍ରହଣ କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ପ୍ରକୋଷ୍ଠ ଭିତରେ ପଞ୍ଜୀକରଣ କରିଥିବା ଲୋକଙ୍କ ଅଭିଯୋଗ  ଶୁଣିଥିଲେ ।

ଜଟିଳ ରୋଗରେ ପୀଡ଼ିତ କେନ୍ଦୁଝର ଜିଲ୍ଲାର ପପୁନ ମହାରଣା, ଖୋର୍ଦ୍ଧା ଜିଲ୍ଲାର ପ୍ରିୟବ୍ରତ ପ୍ରଧାନ ଏବଂ କଟକ ଜିଲ୍ଲାର ଦିପ୍ତିମୟୀ ଦାଶଙ୍କ ପାଇଁ ସିଙ୍ଗଲ ଉଇଣ୍ଡୋ ସିଷ୍ଟମ ଜରିଆରେ ମୁଖ୍ୟମନ୍ତ୍ରୀ ଚିକିତ୍ସା ସହାୟତା ରାଶି ମଞ୍ଜୁର କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ଜନାଭିମୁଖୀ କାର୍ଯ୍ୟକ୍ରମ ଯୋଗୁଁ ସାଧାରଣ ଲୋକଟିଏ ତାର ସମସ୍ୟା ଓ ଅଭିଯୋଗକୁ ସିଧାସଳଖ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇ ପାରୁଛି । ସରକାରଙ୍କ ପକ୍ଷରୁ ସବୁ ଅଭିଯୋଗକୁ ସମାନ ଗୁରୁତ୍ୱ ଦିଆଯାଇ ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିଆଯାଉଛି ।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ମାଧ୍ୟମରେ ଗତ ୧୫ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୩,୩୫୮ଟି ଅଭିଯୋଗ ମଧ୍ୟରୁ ୧୨,୭୪୮ଟି ଅଭିଯୋଗର ସମାଧାନ କରାଯାଇଛି; ଯାହା ପ୍ରାୟ ୯୫ପ୍ରତିଶତ । ବାକି ଅଭିଯୋଗଗୁଡ଼ିକର ସମାଧାନ ପ୍ରକ୍ରିୟା ଚାଲୁରହିଛି ।

ଅଭିଯୋଗଗୁଡ଼ିକ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଭାବେ ଆସୁଛି । ଗୋଟିଏ ଗୋଟିଏ ଅଭିଯୋଗ ସହିତ ଅତି କମ୍‌ରେ ଦୁଇ ତିନି ଜଣରୁ ଆରମ୍ଭ କରି ୧୦ ଜଣ ପର୍ଯ୍ୟନ୍ତ ରହୁଛନ୍ତି । ସେ ଦୃଷ୍ଟିରୁ ଏ ପର୍ଯ୍ୟନ୍ତ ୫୬ ହଜାରରୁ ଊର୍ଦ୍ଧ୍ୱ ଲୋକ ଜନଶୁଣାଣି ପ୍ରକୋଷ୍ଠକୁ ଆସି ଅଭିଯୋଗ ଶୁଣାଇଛନ୍ତି ।  ଏଥିସହିତ ଜନଶୁଣାଣି ପୋର୍ଟାଲ ଏବଂ ଡାକ ଇତ୍ୟାଦି ଜରିଆରେ ଆସିଥିବା ୧, ୪୯, ୪୧୮ ଅଭିଯୋଗ ମଧ୍ୟରୁ ୧, ୩୦, ୮୪୫ ଅର୍ଥାତ ୮୮ ପ୍ରତିଶତ ଅଭିଯୋଗର ସମାଧାନ କରାଯାଇଛି ।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆମ ସରକାର ଲୋକଙ୍କ ଅଭିଯୋଗ ଓ ସମସ୍ୟାର ସମାଧାନ ପ୍ରତି ଗୁରୁତ୍ୱ ଦେଇ ପଦକ୍ଷେପ ନେଉଛି । ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଲୋକଙ୍କ ବହୁ ଦିନର ସମସ୍ୟାର ସମାଧାନ ହୋଇପାରୁଛି । ସାଧାରଣ ଲୋକେ ନ୍ୟାୟ ପାଇପାରୁଛନ୍ତି । ଏଥିଯୋଗୁଁ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଉପରେ ଜନସାଧାରଣଙ୍କ ଆସ୍ଥା ଓ ଆଗ୍ରହ ବଢ଼ିଛି । ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ନିୟମିତ ବ୍ୟବଧାନରେ ଜାରି ରହିବ । ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍ୱାସ୍ଥ୍ୟ ଓ ପରିବାରର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଉଚ୍ଚଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ପ୍ରମୁଖ ଅଭିଯୋଗ ଶୁଣିଥିଲେ ।

ଉନ୍ନୟନ ଆୟୁକ୍ତ ଦେଓରଂଜନ କୁମାର ସିଂହ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀ ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ ।

## ସ୍କୁଲ ପିଲାଙ୍କୁ ମିଳିବ ମାଗଣା ବସ୍ ସେବା

ରାଜ୍ୟରେ ସ୍କୁଲ ପିଲାଙ୍କ ପାଇଁ ଆରମ୍ଭ ହେବାକୁ ଯାଉଛି ମାଗଣା ବସ୍ ସେବା । ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ଏହି ସେବା ମିଳିବ । ବିଦ୍ୟାଳୟରେ ଡ୍ରପ ଆଉଟ୍ ହାର ହ୍ରାସ କରାଯିବାକୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଉଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବାଣିଜ୍ୟ ଓ ପରିବହନ ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା । ରାଜ୍ୟ ସରକାରଙ୍କ ଅନୁମୋଦନ ପରେ ପରିବହନ ବିଭାଗ ପକ୍ଷରୁ ଏଥିନେଇ ନିର୍ଦ୍ଦେଶନାମା ଜାରି ହୋଇଛି । ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଗତ ଅଗଷ୍ଟରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା । ତେବେ ବସ୍ ଯାତ୍ରା ସମୟରେ ସମସ୍ତ ଛାତ୍ରଛାତ୍ରୀ ୟୁନିଫର୍ମ ବା ପରିଚୟପତ୍ର ପାଖରେ ରଖିବେ । ଉଭୟ ଏସି ଓ ନନ୍‌ଏସି ବସରେ ଏହି ସେବା ଉପଲବ୍ଧ ହେବ ।



# ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ
## ସବୁଜ ସୁନ୍ଦର ହେବ ନୂଆପଡା

ପ୍ଲାଷ୍ଟିକ୍ ପ୍ରଦୂଷଣ କେବଳ ପରିବେଶକୁ କ୍ଷତି କରୁନାହିଁ, ଏହା ମାନବ ସ୍ୱାସ୍ଥ୍ୟ, ଜୀବଜନ୍ତୁ, ମାଟି ଓ ଜଳ ସମ୍ପଦକୁ ମଧ ବିଷାକ୍ତ କରୁଛି । ଏହି ପରିସ୍ଥିତିରେ, ଓଡ଼ିଶାର ଉପାନ୍ତ ଜିଲ୍ଲା ନୂଆପଡ଼ା "ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଅଭିଯାନ" ଆରମ୍ଭ କରି ସମଗ୍ର ଦେଶକୁ ପ୍ରେରଣା ଦେଉଛି । "Mission Against Single Use Plastic (ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ )" କେବଳ ଏକ ପରିବେଶୀୟ ହସ୍ତକ୍ଷେପ ନୁହେଁ, ଏହା ପ୍ରଶାସନ ଦ୍ୱାରା, ସାମାଜିକ ସଚେତନତା, ନାରୀ- ସଶକ୍ତୀକରଣ, ଜୀବିକା ସୃଷ୍ଟି, ଡିଜିଟାଲ ପ୍ରଶାସନ ଓ ବହୁମୁଖୀ ଆନ୍ଦୋଳନ ସହିତ ପରିବର୍ତ୍ତନର ଏକ ସଂଯୁକ୍ତ ଛବି । ପ୍ଲାଷ୍ଟିକ୍‌ର ଅତିରିକ୍ତ ବ୍ୟବହାର ଦ୍ୱାରା ଉଭୟ ଗ୍ରାମ ଓ ସହରରେ ନାଳ ଅବରୋଧ, ପଶୁ ମୃତ୍ୟୁ, ମାଟିର ଉର୍ବରତା ହ୍ରାସ ଓ ପରିବେଶ ପ୍ରଦୂଷଣ ଭଳି ପରିସ୍ଥିତି ସୃଷ୍ଟି ହେଉଛି । ଜାତୀୟ ସ୍ତରରେ ୨୦୨୨ରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ଉପରେ ନିଷେଧାଦେଶ ଲାଗୁ ହେବା ସତ୍ତ୍ୱେ, ବିକଳ୍ପର ଅଭାବ, ଲୋକମାନଙ୍କର ଅଜ୍ଞତା, ବଜାର ନିୟନ୍ତ୍ରଣ ଅଭାବ ଆଦି କାରଣରୁ ଏହାର ବ୍ୟବହାର ଅବ୍ୟାହତ ରହିଛି । ଏମିତି ଏକ ସମୟରେ, ନୂଆପଡ଼ା ପ୍ରଶାସନ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ନେତୃତ୍ୱରେ "ମ୍ୟାକ୍ସିମମ୍ ସେନ୍ସିଟାଇଜେସନ୍, ମିନିମମ ଏନଫୋର୍ସମେଣ୍ଟ-Maximum Sensitisation, Minimum Enforcement" ନୀତି ଆଧାରିତ ଏକ ବ୍ୟବସ୍ଥିତ ମାନବିକ ମଡେଲ୍ ହାତକୁ ନେଇଛି । ଏହା ଦ୍ୱାରା ଜନ ସାଧାରଣଙ୍କୁ ସମ୍ମିଳିତ କରି ବୁଝାଇ, ନିୟମକୁ ଅଭ୍ୟାସରେ ପରିବର୍ତ୍ତନ କରାଯାଇପାରିଛି । ଏହି ଅଭିନବ ପ୍ରୟାସ ଜିଲ୍ଲାର ସମସ୍ତ ୧୩୧ଟି ଗ୍ରାମପଞ୍ଚାୟତ, ୫ ଟି ବ୍ଲକ୍ ଓ ୩ ଟି ବିଜ୍ଞାପିତ ଅଞ୍ଚଳ ପରିଷଦରେ କାର୍ଯ୍ୟକାରୀ ହୋଇଛି । ୬୫୦୦ରୁ ଅଧିକ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଲୋକମାନଙ୍କ ମନରେ ଏକ ସ୍ଥାୟୀ ପରିବର୍ତ୍ତନ ସଂକଳ୍ପ ସୃଷ୍ଟି କରାଗଲା । ପ୍ରାୟ ୪.୫ ଲକ୍ଷ ଲୋକ ଏହି ଅଭିଯାନରେ ଅଂଶଗ୍ରହଣ କରିଥିଲେ, ଏହା ହେଉଛି ସଂଯୁକ୍ତ ପ୍ରୟାସ ଓ ନେତୃତ୍ୱର ସଫଳ ଦିଗଦର୍ଶନ । ଏହା ସହିତ ୭.୫ ଲକ୍ଷ ଚାରା ରୋପଣ, ୫୫୦୦ ଗ୍ରାମ ବସ୍ତି ଅଞ୍ଚଳରେ ସଫେଇ ଅଭିଯାନ, ୭୫ ଟନ୍ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ ଆଦି କାର୍ଯ୍ୟକ୍ରମ ଜିଲ୍ଲାର ପରିବେଶୀୟ ସନ୍ତୁଳନକୁ ପୁନଃସ୍ଥାପନ କରିଛି । ଏହା ମାଧ୍ୟମରେ ଜିଲ୍ଲାରେ ପ୍ରଧାନମନ୍ତ୍ରୀଙ୍କ " ଏକ୍ ପେଡ ମା କେ ନାମ୍" କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇ ପାରିଛି । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ ଏଚ୍ ଜି) ଏହି ଅଭିଯାନର ମୂଳ ଶକ୍ତି । କପଡା ବ୍ୟାଗ, ପତ୍ର ଖଲି, ବିଭିନ୍ନ ପେପର ଆଇଟମ୍, ପ୍ରାକୃତିକ ଡେକୋରେସନ୍ ସାମଗ୍ରୀ ଇତ୍ୟାଦି ଉତ୍ପାଦନ କରି ସେମାନେ କେବଳ ପ୍ଲାଷ୍ଟିକର ବିକଳ୍ପ ଦେଉନାହାନ୍ତି, ଏହା ସେମାନଙ୍କ ପାଇଁ ସ୍ଥାୟୀ ଆୟର ସ୍ରୋତ ମଧ ହୋଇ ପାରିଛି । ଜିଲ୍ଲାରେ ୧୦୦ ଟି ବର୍ତ୍ତନ ବ୍ୟାଙ୍କ ସ୍ଥାପନ କରାଯାଇ ହଜାର ହଜାର ସଂଖ୍ୟାରେ ଷ୍ଟିଲ ଥାଳି, ଗିନା, ଗ୍ଲାସ୍, ଟ୍ରେ ଇତ୍ୟାଦି ଗଚ୍ଛିତ ରଖାଯାଇଛି । ଏହାକୁ ମିଶନ ଶକ୍ତି ମହିଳା ଦଳ ପରିଚାଳନା କରୁଛନ୍ତି । ଏହାଦ୍ୱାରା ଜିଲ୍ଲାର ପ୍ରତ୍ୟେକ ବିବାହ, ବ୍ରତ,ସଭା, ସରକାରୀ କାର୍ଯ୍ୟ ଓ ଉତ୍ସବ ସବୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ (SUP) ମୁକ୍ତ ହୋଇପାରିଛି । ପ୍ରଶାସନର ସୁଶାସନ ମଡେଲ୍ ଏଠାରେ ଉନ୍ନତ ପର୍ଯ୍ୟାୟକୁ ପହଞ୍ଚିଛି । ପ୍ରତ୍ୟେକ ଶନିବାର୍ ଜିଲ୍ଲା ସ୍ୱଚ୍ଛତା ଦିବସ ପାଳନ ସହିତ ୫୬ ଅଭିଯୋଗ ଶିବିର, ଟୋଲ୍ ଫ୍ରି ହେଲ୍ପ ଲାଇନ୍ ୧୪୪୮୦ କାର୍ଯ୍ୟକ୍ଷମ, ହ୍ୱାଟ୍ସ ଆପ୍ -ଆଧାରିତ ମନିଟରିଙ୍ଗ୍, ଡିଜିଟାଲ ଡ୍ୟାସବୋର୍ଡ, ୮୦ରୁ ଅଧିକ ଆଭାସୀ ବୈଠକ ଏସବୁ ମିଶି ସୁଶାସନର ଏକ ଅଭିନବ ନମୂନା ତିଆରି ହୋଇଛି । ସୋସିଆଲ ମିଡିଆ ଭିତ୍ତିକ ଅଭିଯାନ ଜିଲ୍ଲାର ୧.୫ ଲକ୍ଷରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ବ୍ୟବହାର ଓ ମନୋଭାବରେ ସକରାତ୍ମକ ପରିବର୍ତ୍ତନ ଆଣି ପାରିଛି । ଜିଲ୍ଲାର "ପ୍ଲାଷ୍ଟିକ ମୁକ୍ତ ଅଭିଯାନ" କୁ ମୁଖ୍ୟମନ୍ତ୍ରୀ ନୂଆପଡା ଗସ୍ତ ସମୟରେ ପ୍ରଶଂସା କରିଥିଲେ । ୟୁନିସେଫ୍, ଡିଡିଡବ୍ଲ୍ୟୁଏସ, ( UNICEF, DDWS), ରାଜ୍ୟ ଓ କେନ୍ଦ୍ର ଦ୍ୱାରା ଜାତୀୟ ମଞ୍ଚରେ ହୋଇଥିବା ପ୍ରଶଂସା ଏହି ମଡେଲ୍‌ର ସଫଳତାକୁ ସ୍ପଷ୍ଟ କରେ ।



# ସହାୟତାର ହାତ ବଢାଇଲା ସମ୍ବଲପୁର ଜିଲ୍ଲା ପ୍ରଶାସନ

## ରତ୍ନାବତୀ କୁମ୍ବାରଙ୍କୁ ଆଶ୍ରୟସ୍ଥଳୀ ପାଇଁ ଜମି ପ୍ରଦାନ

ସମାଜର ଅନାଥ ଓ ଅସହାୟ ଶିଶୁମାନଙ୍କ ପୁନର୍ବାସ ଓ ସମ୍ମାନଜନକ ଜୀବନ ସୃଷ୍ଟି କରିବାରେ ଜିଲ୍ଲା ପ୍ରଶାସନ ସକ୍ରିୟ ଭୂମିକା ତୁଲାଉଛି । ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମାନେଶ୍ୱର ବ୍ଲକ୍‌ରେ ରତ୍ନାବତୀ କୁମ୍ବାର (୨୫)ଙ୍କ ପାଇଁ ବସୁନ୍ଧରା ଯୋଜନା ମାଧ୍ୟମରେ ୪ ଡିସିମିଲ ଜମି ପ୍ରଦାନକରି ଆଶ୍ରୟସ୍ଥଳୀ ନିର୍ମାଣ ପଥକୁ ସୁଗମ କରିଛନ୍ତି ।

ରତ୍ନାବତୀ କୁମ୍ବାରଙ୍କ ପାଖରେ କେହି ପରିବାର ବା ସମ୍ପର୍କୀୟ ନଥିବାରୁ ସେ ଶିଶୁଥିବା ସମୟରୁ ସମ୍ବଲପୁରରେ ରୁକ୍ମିଣୀ ଲାଠ ବାଲ୍ ନିକେତନରେ ରହି ପାଠ ପଢୁଥିଲେ । ଦୃଢ ସଙ୍କଳ୍ପ ଓ ପ୍ରଶାସନର ସହଯୋଗରେ ସେ ବି.ଟେକ୍ ପାଠ ଶେଷ କରି ଜୀବନରେ ସ୍ୱାବଲମ୍ବୀ ହେବା ପାଇଁ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ।

ସୂଚନା ଅନୁଯାୟୀ ରତ୍ନାବତୀ କୁମ୍ବାରଙ୍କ ପରିବାରରେ ବାପା, ମାଆ, ଆଇ, ଆଉ ତାଙ୍କ ଭାଇ ଥିଲେ । ୨୦୦୭ ମସିହାରେ ଯେତବେଳେ ରତ୍ନାବତୀଙ୍କୁ ୭ ବର୍ଷ ଏବଂ ତାଙ୍କ ସାନ ଭାଇଙ୍କୁ ସାଢେ ତିନି ବର୍ଷ ହୋଇଥିଲା, ସେତେବେଳେ ତାଙ୍କ ବାପାଙ୍କର ଦେହାନ୍ତ ହୋଇଥିଲା । ବାପାଙ୍କର ଦେହାନ୍ତ ପରେ ତାଙ୍କ ସମ୍ପର୍କୀୟ ମାମୁ ତାଙ୍କୁ ରୁକ୍ମିଣୀ ଲାଥ ବାଲ୍ ନିକେତନ ଆଶ୍ରମଠାରେ ଛାଡିଦେଇଥିଲେ । ଯେଉଁଠାରେ ରହି ସେ ଦ୍ୱିତୀୟ ଶ୍ରେଣୀରେ ନାମ ଲେଖାଇଲେ ଆଉ ଭାଇ ଅଙ୍ଗନବାଡିରେ ପଢୁଥିଲେ । ସେ ଯେତେବେଳେ ଶିଶୁ ଯତ୍ନ କେନ୍ଦ୍ର ରୁକ୍ମିଣୀ ଲାଥ ବାଲ୍ ନିକେତନ ଆଶ୍ରମରେ ରହି ପାଠପଢୁଥିଲେ, ସେତେବେଳ ତାଙ୍କ ମା' ୫ ରୁ ୭ ଥର ଦେଖାକରିବାକୁ ଆସିଥିଲେ, ମାତ୍ର ପରେକିଛି ବର୍ଷ ପରେ ସେ ତାଙ୍କ ମା' ଙ୍କ ମୃତ୍ୟୁ ହୋଇସାରିଥିବା ଜାଣିବାକୁ ପାଇଥିଲେ । ୨୦୧୭ ରେ ସେ ଦଶମ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ,+୨ ସରକାରୀ ମହିଳା ବିଦ୍ୟାଳୟରେ ପଢିଲା ପରେ, ୨୦୨୧ ମସିହାରେ କଟକର ଡ଼ିଆଇପି କଲେଜରୁ ଡିପ୍ଲୋମା କରି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ । ଏବେ ସେ ଢେଙ୍କାନାଳର ସିନର୍ଜି ବୈଷୟିକ କଲେଜରେ ଫାଇନାଲ ଇୟରରେ ପାଠ ପଢୁଛନ୍ତି । ତାଙ୍କର ପାଠପଢା ଖର୍ଚ୍ଚ ସରକାରଙ୍କ ଯଶୋଦା ଯୋଜନା ମାଧ୍ୟମରେ ବହନ କରାଯାଉଛି ।

ଜମି ପ୍ରଦାନ ଅବସରରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖତ୍ରୀ(ଭାପ୍ରସେ), ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀମତୀ ସୁଚିସ୍ମିତା ପଟ୍ଟନାୟକ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

## କର୍ତ୍ତବ୍ୟପଥରେ ଗଡ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ଼

ଆଗାମୀ ସାଧାରଣତନ୍ତ୍ର ଦିବସରେ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ଗଡ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ଼ । ଚଳିତବର୍ଷ ପାଇଁ ପ୍ରଜ୍ଞାପନ ମେଢ଼ର ବିଷୟବସ୍ତୁ ରହିଛି 'ସମୃଦ୍ଧିର ମନ୍ତ୍ର ଆତ୍ମନିର୍ଭର ଭାରତ' । ଓଡ଼ିଶାର ପ୍ରଜ୍ଞାପନ ମେଢ଼ରେ କୃଷିରୁ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ଆତ୍ମନିର୍ଭର ଭାରତ ଗଠନରେ ଓଡ଼ିଶାର ଅବଦାନ ଦେଖିବାକୁ ମିଳିବ । ଏଥିରେ ଓଡ଼ିଶାର କୃଷି ଓ ସାଂସ୍କୃତିକ ସମୃଦ୍ଧିରୁ ଆଧୁନିକ ଶିଳ୍ପ, ଦକ୍ଷତା ବିକାଶ ଏବଂ ନବସୃଜନ ଓ ପ୍ରଯୁକ୍ତିର ଏକ ସମ୍ମିଳିତ ଦୃଶ୍ୟ ଉପସ୍ଥାପନ କରାଯିବ । ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ଓଡ଼ିଶା କିପରି ତାହାର ପ୍ରାକୃତିକ ସମ୍ପଦ, ସାଂସ୍କୃତିକ ଐତିହ୍ୟ, ମାନବ ସମ୍ବଳ ଏବଂ ପ୍ରଯୁକ୍ତିବିଦ୍ୟା ଉପଯୋଗରେ ଏକ ଆତ୍ମନିର୍ଭର ଭାରତ ଗଠନକୁ ଇନ୍ଧନ ଯୋଗାଇଛି ତାହା ଓଡ଼ିଶାର ପ୍ରଜ୍ଞାପନ ମେଢ଼ ମାଧ୍ୟମରେ ପ୍ରଦର୍ଶିତ ହେବ । ପ୍ରଜ୍ଞାପନ ମେଢ଼ର ବିଭିନ୍ନ ଅଂଶରେ କୋରାପୁଟ କଫିରୁ ସିଲିକନ ସେମିକଣ୍ଡକ୍ଟର ପର୍ଯ୍ୟନ୍ତ ନିରନ୍ତର ଯାତ୍ରାକୁ ଉପସ୍ଥାପନ କରାଯିବ ।

ଶ୍ରୀଜଗନ୍ନାଥ ରଥର ଭୂମି ଭାବେ ନିର୍ମିତ ପ୍ରଜ୍ଞାପନ ମେଢ଼ର ସମ୍ମୁଖ ଭାଗ ଉପରେ ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତୀକରଣ ପ୍ରତି ଓଡ଼ିଶାର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରାଯାଇଛି । ମଧ୍ୟଭାଗରେ ସ୍ଥାୟୀ ଜୀବିକା ଓ ରାଜ୍ୟର କୃଷି ଉତ୍କୃଷ୍ଟତାର ପ୍ରତିନିଧି ସ୍ୱରୂପ କୋରାପୁଟ କଫି ଏବଂ ଏହାର ଅପରପାର୍ଶ୍ୱରେ ଉନ୍ନତ ପ୍ରଯୁକ୍ତି ବିଦ୍ୟା ଆଧାରିତ ଜଟିଳ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଉତ୍ପାଦନ ଦିଗରେ ଓଡ଼ିଶାର ପ୍ରଗତିକୁ ସିଲିକନ୍ ସେମିକଣ୍ଡକ୍ଟର ଚିପ୍ ମାଧ୍ୟମରେ ପ୍ରଦର୍ଶିତ କରାଯିବ । ପଶ୍ଚାତ ଭାଗରେ କାଳଜୟୀ କଳାତ୍ମକ ଐତିହ୍ୟର ପ୍ରଦର୍ଶନ ସ୍ୱରୂପ କୋଣାର୍କ ସୂର୍ଯ୍ୟ ମନ୍ଦିରର ଏକ ପ୍ରତିରୂପ ସ୍ଥାନିତ ହେବ । ସମ୍ବଲପୁରୀ ବସ୍ତ୍ର ଆଚ୍ଛାଦିତ ପ୍ରଜ୍ଞାପନ ମେଢ଼ର ଉଭୟ ପାର୍ଶ୍ୱରେ ପାରମ୍ପରିକ ଜନଜାତି ଚିତ୍ରକଳା ଉପରେ ରୂପା ତାରକସୀ କାରୁକାର୍ଯ୍ୟ, ଓଡ଼ିଶାର ସାଂସ୍କୃତିକ ପରିଚୟ ଏବଂ ଉତ୍କୃଷ୍ଟ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରାଯିବ । ଲୋକନୃତ୍ୟ ଚଇତି ଘୋଡ଼ା ଗୀତ ଓ ନୃତ୍ୟ ମାଧ୍ୟମରେ ନୃତ୍ୟଶିଳ୍ପୀ ଆତ୍ମନିର୍ଭର ଭାରତରେ ଓଡ଼ିଶାର ଭୂମିକାକୁ ପ୍ରଜ୍ଞାପନ ମେଢ଼ର ଉଭୟ ପାର୍ଶ୍ୱରେ ଉପସ୍ଥାପନ କରିବେ । ସୂଚନାଯୋଗ୍ୟ ଯେ ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତ ମାଧ୍ୟମରେ ମହିଳା ସଶକ୍ତୀକରଣକୁ ନେଇ ୨୦୨୪ରେ ପ୍ରଦର୍ଶିତ ଓଡ଼ିଶାର ପ୍ରଜ୍ଞାପନ ମେଢ଼ କର୍ତ୍ତବ୍ୟପଥରେ ପରାକାଷ୍ଠା ପ୍ରଦର୍ଶନ କରି ସମଗ୍ର ଦେଶରେ ପ୍ରଥମ ସ୍ଥାନ ହାସଲ କରିଥିଲା ।




**ସରକାର ଓ ସାଧାରଣ ଜନତାଙ୍କ ମଧ୍ୟରେ ଥିବା ଦୂରତା ହଟାଇବ**

# ଆମ ଶାସନ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଆମ ଶାସନ' ନାମରେ ଏକ ନୂଆ ଜନସଂପର୍କ ଅଭିଯାନ ଆରମ୍ଭ କରିଛନ୍ତି । ଏହାର ଉ ଲକ୍ଷ୍ୟ ହେଉଛି ସରକାର ଓ ନାଗରିକମାନଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସୃଷ୍ଟି କରିବା ।

ଏହି କାର୍ଯ୍ୟକ୍ରମ ଅଧୀନରେ ମୁଖ୍ୟମନ୍ତ୍ରୀ, ତାଙ୍କର ମନ୍ତ୍ରିମଣ୍ଡଳ ସଦସ୍ୟ ଓ ବରିଷ୍ଠ ଅଧିକାରୀମାନେ ସାରା ରାଜ୍ୟରେ ସାଧାରଣ ଲୋକଙ୍କ ସହ ମିଶି ଜନକଲ୍ୟାଣ ଯୋଜନା ଓ ପ୍ରଶାସନିକ ପଦକ୍ଷେପ ସମ୍ପର୍କରେ ମତାମତ ସଂଗ୍ରହ କରିବେ ।

ଲୋକ ସେବା ଭବନରେ ଏହି ଯୋଜନା ଉଦଘାଟନ କରି ମୁଖ୍ୟମନ୍ତ୍ରୀ 'ଆମ ଶାସନ'କୁ ଏକ ଆଧୁନିକ ପ୍ରତିକ୍ରିୟା ପ୍ରଣାଳୀ ବୋଲି ବର୍ଣ୍ଣନା କରିଛନ୍ତି , ଯାହା ଶାସନକୁ ଅଧିକ ପାରଦର୍ଶୀ, ଦାୟିତ୍ୱବାନ ଓ ନାଗରିକ କେନ୍ଦ୍ରିତ କରିବା ପାଇଁ ରୂପାୟିତ । ଡିଜିଟାଲ ମଞ୍ଚ ଉପରେ ନିର୍ମିତ ଏହି ପ୍ରଣାଳୀ ମାଧ୍ୟମରେ ନାଗରିକମାନେ ନିର୍ଦ୍ଦିଷ୍ଟ ୱେବସାଇଟ ଚାଟ୍‌ବଟ୍ (amashasana.odisha.gov.in), ହ୍ୱାଟସ୍‌ଆପ (+91-7400221903) ଓ ଟୋଲ୍-ଫ୍ରି ହେଲ୍ପଲାଇନ (14471) ଦ୍ୱାରା ତାଙ୍କର ମତାମତ ପ୍ରଦାନ କରିପାରିବେ । ଏହାସହ ମନ୍ତ୍ରୀମାନେ ଓ ବରିଷ୍ଠ ଅଧିକାରୀମାନେ ଫୋନ୍ ମାଧ୍ୟମରେ ସିଧାସଳଖ ଭାବେ ପ୍ରତିକ୍ରିୟା ସଂଗ୍ରହ କରିବେ ।

"ଭଲ ଶାସନର କେନ୍ଦ୍ରବିନ୍ଦୁ ହେଉଛନ୍ତି ନାଗରିକ । ସାଧାରଣ ଲୋକଙ୍କ ମତାମତ ବିନା କୌଣସି ଯୋଜନା ସଫଳ ହୋଇପାରେ ନାହିଁ," ବୋଲି ଶ୍ରୀ ମାଝି କହିଥିଲେ । ସେ ଆହୁରି କହିଥିଲେ ଯେ, ଏହି ଉଦ୍ୟମର ଉଦ୍ଦେଶ୍ୟ ହେଉଛି ପ୍ରଶାସନ ଓ ସାଧାରଣ ଜନତାଙ୍କ ମଧ୍ୟରେ ଥିବା ଦୂରତାକୁ ହଟାଇବା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଜିଟାଲ ପଦକ୍ଷେପକୁ ଏହି ଉଦ୍ୟମର ପ୍ରେରଣା ଭାବେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନଧନ, ଆଧାର ଓ ମୋବାଇଲ (JAM) ପରି ଯୋଜନାଗୁଡ଼ିକ ମଧ୍ୟସ୍ଥମାନଙ୍କୁ ହଟାଇ ସିଧାସଳଖ ଭାବେ ଲାଭ ନାଗରିକଙ୍କ ପାଖକୁ ପହଞ୍ଚାଇବାରେ ସାହାଯ୍ୟ କରିଛି । "ଆମେ ମାଲିକ ନୁହେଁ, ଆମେ ସାଧାରଣ ଲୋକଙ୍କ ସେବକ," ବୋଲି ସେ କହିଥିଲେ ।

**ସୁଶାସନ: ସ୍ୱଚ୍ଛତାକୁ ଅଗ୍ରାଧିକାର**

# ୟୁନିଫାଏଡ଼ ହ୍ୱାଟ୍ସଆପ ଚାଟ୍‌ବଟ୍‌ର ଲୋକାର୍ପଣ

ସୁଶାସନ ଦିବସ ତଥା ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ସିଏମ ଡ୍ୟାସ୍‌ବୋର୍ଡ଼, ଓସ୍ୱାସ ବ୍ୟବସ୍ଥାକୁ ଜିଲ୍ଲା ଓ ବ୍ଲକ ସ୍ତର ପର୍ଯ୍ୟନ୍ତ ସମ୍ପ୍ରସାରଣ ଓ ଉନ୍ନତମାନର ଚିକିତ୍ସା ସେବା ଓ ଜଳଯୋଗାଣ ତଥ୍ୟ ପାଇଁ ଜନସେବାରେ ସମର୍ପିତ 'ଆମ ସାଥୀ ୟୁନିଫାଏଡ଼ ହ୍ୱାଟ୍ସଆପ ଚାଟ୍‌ବଟ୍'ର ଲୋକାର୍ପଣ କରିଛନ୍ତି ।

ସିଏମ ଡ୍ୟାସ୍‌ବୋର୍ଡ଼ ଜରିଆରେ ବିଭିନ୍ନ ପ୍ରକଳ୍ପ ଓ ଯୋଜନାର ରିଅଲ ଟାଇମ୍ ମନିଟରିଂ କରାଯାଇପାରିବ । ଆମ ସାଥୀ ଚାଟ୍‌ବଟ୍ ଜରିଆରେ ୧୫୦ରୁ ଅଧିକ ଜରୁରୀ ସରକାରୀ ସେବା ଉପଲବ୍ଧ ହେବ ଏବଂ ଓସ୍ୱାସର ସମ୍ପ୍ରସାରଣ ମାଧ୍ୟମରେ ଏଣିକି ଜିଲ୍ଲା ଓ ବ୍ଲକ ସ୍ତରରେ ସରକାରୀ କାର୍ଯ୍ୟଗୁଡ଼ିକ ପେପରଲେସ ବା କାଗଜବିହୀନ ହେବ । ଏହା ମାଧ୍ୟମରେ ରାଜ୍ୟର ସୁଶାସନର ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ।

# ଟ୍ରିପଲ ଆଇଟିରେ ୪୦୦ କୋଟିରେ ହେବ ସେମିକଣ୍ଡକ୍ଟର ଉତ୍କର୍ଷ କେନ୍ଦ୍ର



ଭୁବନେଶ୍ୱରସ୍ଥିତ ଟ୍ରିପଲ ଆଇଟିରେ ୪୦୦ କୋଟି ଟଙ୍କା ବ୍ୟୟରେ ସେମିକଣ୍ଡକ୍ଟରକୁ ନେଇ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯିବ । ଏହି କେନ୍ଦ୍ର ଭାରତର ଜାତୀୟ ସେମିକଣ୍ଡକ୍ଟର ମିଶନ ସହିତ ସମନ୍ୱିତ ହୋଇ ସେମିକଣ୍ଡକ୍ଟର ଡିଜାଇନ ଏବଂ ଉତ୍ପାଦନରେ ଦକ୍ଷତା, ଗବେଷଣା, ନବସୃଜନ ଏବଂ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବ । ଟ୍ରିପଲ ଆଇଟିରେ ଆୟୋଜିତ ଇଣ୍ଡୋକ୍ରିପ୍ଟ-୨୦୨୫ରେ ମୁଖ୍ୟମନ୍ତ୍ରୀ ଏହି ସୂଚନା ଦେବା ସହିତ ଟ୍ରିପଲ ଆଇଟିରେ ଇ-ଶାସନ ଓ ଡ଼ିଜିଟାଲ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଛନ୍ତି ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ସାଇବର ସୁରକ୍ଷା, ଡ଼ିଜିଟାଲ ଶାସନ ଏବଂ ଉନ୍ନତ ପ୍ରଯୁକ୍ତି ବିଦ୍ୟା ଗବେଷଣାକୁ ସୁଦୃଢ଼ କରାଯିବ । ଡିଜିଟାଲ ପ୍ଲାଟଫର୍ମ ଜରିଆରେ ସାର୍ବଜନୀନ ସେବା ପ୍ରଦାନ, ଭୂମି ଓ ରାଜସ୍ୱ ରେକର୍ଡ଼, ଇ-ଗଭର୍ଣ୍ଣାନ୍ସ ସେବା ଏବଂ ପ୍ରାକ୍ ବିପର୍ଯ୍ୟୟ ସୂଚନା ସଂଗ୍ରହରେ ଓଡ଼ିଶା ଆଗରେ ରହିଛି । ଛାତ୍ରଛାତ୍ରୀଙ୍କ ଶିକ୍ଷା, ସାଂସ୍କୃତିକ ଓ ବିଭିନ୍ନ ସମ୍ମିଳନୀ ଆୟୋଜନ ପାଇଁ ଏଠାରେ ଏକ ଆଧୁନିକ କାର୍ଯ୍ୟକଳାପ କେନ୍ଦ୍ର ଓ ସେଣ୍ଟ୍ରାଲ ଅଡ଼ିଟୋରିୟମ ପ୍ରତିଷ୍ଠା କରାଯିବ । ଏଠାରେ ଏକ କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ କରାଯିବ । ସେଣ୍ଟର ଫର ଇ-ଗଭର୍ଣ୍ଣାନ୍ସ ଓ ଡ଼ିଜିଟାଲ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ ହେଲେ ସାଇବର ସୁରକ୍ଷା, କୃତ୍ରିମ ବୁଦ୍ଧିମତ୍ତା, ମେସିନ ଲର୍ଣ୍ଣିଂ, ଡାଟା ସାଇନ୍ସ, ନବୀକରଣୀୟ ଶକ୍ତି ମାଇକ୍ରୋ ଗ୍ରୀଡ଼ ତଥା ଅତ୍ୟାଧୁନିକ ବେତାର ଯୋଗାଯୋଗ କ୍ଷେତ୍ରରେ ବ୍ୟାପକ ଉନ୍ନତି ଆସିବ । ରାଜ୍ୟ ଆଇଟି ବିଭାଗ ସହାୟତାରେ ଏହି କେନ୍ଦ୍ରରେ ବୃତ୍ତିଧାରୀଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା ରହିବ । ଶିକ୍ଷା, ଗବେଷଣା ଓ ନବସୃଜନରେ ଭୁବନେଶ୍ୱର ଟ୍ରିପଲ ଆଇଟି ଅନେକ ଉତ୍କର୍ଷ ହାସଲ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବ ଏବଂ ଓକାକ୍ ର ସିଇଓ ପ୍ରଦୀପ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ସବୁ ସବଡ଼ିଭିଜନରେ ପ୍ରତିଷ୍ଠା ହେବ ଶୀତଳଭଣ୍ଡାର
## ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ



କୃଷିର ନିରନ୍ତର ଅଭିବୃଦ୍ଧି ପାଇଁ ଶୀତଳଭଣ୍ଡାର ପ୍ରତିଷ୍ଠା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ର ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ଆପିକଲ, ଆସୋଚାମର ମିଳିତ ସହଯୋଗରେ ଶୀତଳଭଣ୍ଡାର କନକ୍ଲେଭ ଏବଂ କ୍ରେତା-ବିକ୍ରେତା ସମ୍ମିଳନୀକୁ ଉଦଘାଟନ କରିବା ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ ରାଜ୍ୟ ସରକାର କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ନିବେଶ, ନବସୃଜନ ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ଏକ ସକ୍ଷମ ଇକୋସିଷ୍ଟମ ସୃଷ୍ଟି କରିବାକୁ ପ୍ରତିଶ୍ରୁତିବଦ୍ଧ। ସରକାର ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ମଧ୍ୟରେ ୫୮ଟି ସବଡ଼ିଭିଜନରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରିବାକୁ ଏକ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ରଖିଛନ୍ତି ଏବଂ ଏଥିପାଇଁ ୨୫୨ କୋଟି ଟଙ୍କାର ବ୍ୟୟବରାଦ ରଖାଯାଇଛି। ଏଥିସହିତ ଅଚଳ ଶୀତଳ ଭଣ୍ଡାରଗୁଡ଼ିକର ପୁନରୁଦ୍ଧାର କରିବା ଏବଂ ନୂତନ ପ୍ରକଳ୍ପଗୁଡ଼ିକର ଦୀର୍ଘକାଳୀନ କାର୍ଯ୍ୟକ୍ଷମତା ସୁନିଶ୍ଚିତ କରିବା ପାଇଁ ପୁଞ୍ଜିନିବେଶ ରିଆତି ଓ ସୁଧ ପରିଶୋଧ ଭଳି ପ୍ରମୁଖ ନୀତିଗତ ନିଷ୍ପତ୍ତି ମଧ୍ୟ ଗ୍ରହଣ କରାଯାଇଛି। ବ୍ୟାଙ୍କ, ଶିଳ୍ପ ସଂଘ, ପ୍ରଯୁକ୍ତି ବିଦ୍ୟା ପ୍ରଦାନକାରୀ ଏବଂ ବଡ଼ କ୍ରେତାଙ୍କୁ ଓଡ଼ିଶାର ଚାଷୀ ଏବଂ ଉଦ୍ୟୋଗୀଙ୍କ ସହିତ ଘନିଷ୍ଠ ଭାବେ ସହଯୋଗୀ ହେବାକୁ ଆହ୍ୱାନ କରି ଶ୍ରୀ ସିଂହଦେଓ କହିଛନ୍ତି ଯେ କୃଷି କ୍ଷେତ୍ରର ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ମୂଲ୍ୟ ଶୃଙ୍ଖଳରେ ଦୃଢ଼ ସହଯୋଗ ଜରୁରୀ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଥିଲେ ଯେ ଗତ ୧୬ ବର୍ଷ ଧରି ଓଡ଼ିଶା ଧାନ ଉତ୍ପାଦନରେ ବଳକା ରାଜ୍ୟ ହୋଇ ଆସିଛି, ୧୨ରୁ ଅଧିକ ରାଜ୍ୟକୁ ଚାଉଳ ଯୋଗାଣ କରୁଛି ଏବଂ ଗତ କୃଷି ବର୍ଷରେ ସମାନ ପରିମାଣର ଉଦ୍ୟାନ କୃଷି ଉତ୍ପାଦ ସହିତ ପ୍ରାୟ ୧୫ ନିୟୁତ ଟନ ଖାଦ୍ୟଶସ୍ୟ ଉତ୍ପାଦନ କରିଛି। କୃଷିର ନିରନ୍ତର ବିକାଶ ଦିଗରେ ଉଦ୍ୟମ ଜାରି ରହିଛି।

## ମାଓବାଦୀ ଦମନ ଅଭିଯାନ: ବଢ଼ିଲା ଯବାନଙ୍କ ଭତ୍ତା

ସରକାର ଆରମ୍ଭ କରିଛନ୍ତି ମାଓ ଦମନ ଅଭିଯାନ। ହିଂସାରେ ଲିପ୍ତ ସଙ୍ଗଠନ ଓ ବ୍ୟକ୍ତିବିଶେଷଙ୍କୁ ସରକାର କଠୋର ଭାବେ ଦମନ କରିବା ପାଇଁ ବଦ୍ଧପରିକର। ମାଓବାଦୀ ଆତ୍ମସମର୍ପଣ କରି ସମାଜର ମୁଖ୍ୟ ଧାରାରେ ସାମିଲ ହେବାକୁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଆହ୍ୱାନ ଦେଇଛନ୍ତି। ୨୦୨୬ ମାର୍ଚ୍ଚ ସୁଦ୍ଧା ଦେଶରୁ ନକ୍ସଲବାଦ ଲୋପ କରିବା ପାଇଁ କେନ୍ଦ୍ର ସରକାର ଯେଉଁ ଡେଡ୍‌ଲାଇନ ରଖିଛନ୍ତି ସେଥିରେ ଆମେ ସଫଳ ହୋଇଚାଲିଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବିଶେଷ କରି ନକ୍ସଲ ଦମନ ଅଭିଯାନରେ ସାମିଲ ଥିବା ଏସଓଜି ଗ୍ରୁପ ବା ଏସଓଜିର ଅଫିସରମାନେ ୨୦୨୫, ଡ଼ିସେମ୍ବରଠାରୁ ମାସିକ ସର୍ବାଧିକ ୨୫ହଜାର ଟଙ୍କା ଭତ୍ତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏସଓଜି ସୁବେଦାର ଓ ଡେପୁଟି ସୁବେଦାର ମାସିକ ୨୪ ହଜାର, ହାବିଲଦାର ମାସିକ ୨୦ ହଜାର, କନଷ୍ଟେବଲ ଓ ସିପାହୀ ମାସିକ ୧୬ ହଜାର ଟଙ୍କା ଭତ୍ତା ପାଇବେ। ସେହିପରି ଏସଓଜି ଏବଂ ଏଇଟି ଓ ଆରସିର ଅଧିକାରୀ ଓ କର୍ମଚାରୀ ତାଲିମ ଓ ଅନ୍ୟ ଡ୍ୟୁଟିରେ ଥିଲେ ମାସିକ ୧୨ ହଜାର, ଡିଷ୍ଟ୍ରିକ ଭଲ୍ୟୁଣ୍ଟିଅର ଫୋର୍ସର କର୍ମଚାରୀ ମାସିକ ୧୦ ହଜାର ଏସଆଇଡବ୍ଲ୍ୟୁ ସ୍ପେସାଲ ଇଣ୍ଟେଲିଜେନ୍ସ ୱିଙ୍ଗର କର୍ମଚାରୀ ମାସିକ ୨୦ ହଜାର ଟଙ୍କା ଭତ୍ତା ପାଇବେ। ମୁଖ୍ୟମନ୍ତ୍ରୀ ଏସଓଜି ଚନ୍ଦକାର ନୂତନ ପ୍ରଶିକ୍ଷଣ ଓ ବ୍ରିଫିଙ୍ଗ କେନ୍ଦ୍ର ଉଦଘାଟନ କରିଛନ୍ତି। ଏଠାରେ ଏକ



ସମୟରେ ୪୦୦ ଯବାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିହେବ। ମୁଖ୍ୟମନ୍ତ୍ରୀ ସେଠାରେ ଏକ ଅତ୍ୟାଧୁନିକ ଆତଙ୍କବାଦ ବିରୋଧୀ ପ୍ରଶିକ୍ଷଣ କେନ୍ଦ୍ରର ଉଦଘାଟନ କରିବା ସହିତ ୧୬ଟି ଜିଲାର ୧୬ଟି ଥାନା ଗୃହ, ୭୦ଟି କ୍ୱାର୍ଟର ଅଫିସ ଗୃହ, ବାରାକ, ଅସ୍ତ୍ରାଗାର, ପ୍ରଶାସନିକ କୋଠା ଆଦି ଉଦଘାଟନ କରିଛନ୍ତି।

# ଇଞ୍ଜିନିୟରରୁ ସଫଳ ଚାଷୀ



ପାଠପଢ଼ା ସରିବା ପରେ ଯେତେବେଳେ ସାଙ୍ଗମାନେ ସରକାରୀ ଓ ବେସରକାରୀ ଚାକିରି ପାଇଁ ସୁଯୋଗ ଖୋଜୁଥିଲେ, ସେତେବେଳେ ବି-ଟେକ ସ୍ନାତକ ଡିଗ୍ରୀଧାରୀ ହୃଦାନନ୍ଦ ବିଶି କିନ୍ତୁ ଭିନ୍ନ ବାଟ ବାଛିଥିଲେ । ଚାକିରି ନୁହେଁ, ନିଜ ଗାଁକୁ ଫେରି ମାଟିରେ ସୁନା ଫଳାଇବାକୁ ସେ ସ୍ଥିର କଲେ । ଝାରସୁଗୁଡ଼ା ଜିଲ୍ଲାର ଲଖନପୁର ବ୍ଲକ ଅନ୍ତର୍ଗତ ଅଇଁଲାପଡ଼ା ଗ୍ରାମର ୩୬ ବର୍ଷୀୟ ହୃଦାନନ୍ଦ ଆଜି 'ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା' (PMKSY) ର ସୁବିଧା ନେଇ ଏକ ସଫଳତାର କାହାଣୀ ପାଲଟିଛନ୍ତି ।

ବି-ଟେକ୍ ପଢ଼ିଥିବା ହୃଦାନନ୍ଦ କିଛି ନୂଆ କରିବାର ଇଚ୍ଛା ରଖିଥିଲେ । ଅନଲାଇନ ମାଧ୍ୟମରେ ନୂତନ କୃଷି ଜ୍ଞାନକୌଶଳ ଖୋଜୁଥିବା ବେଳେ ତାଙ୍କୁ ମଲଚିଂ ପଦ୍ଧତିରେ ଚାଷ ବେଶୀ ପ୍ରଭାବିତ କରିଥିଲା । ଲଖନପୁର ବ୍ଲକର ଉଦ୍ୟାନ ବିଭାଗ ପକ୍ଷରୁ ସେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା (PMKSY) ଅଧୀନରେ ବୁନ୍ଦା ଜଳସେଚନ (Drip Irrigation) ସିଷ୍ଟମ ସ୍ଥାପନ ପାଇଁ ସହାୟତା ପାଇଲେ । ମାତ୍ର ୨୦,୦୦୦ ଟଙ୍କାର ରିହାତି ଦରରେ ସେ ଏହି ସିଷ୍ଟମ ନିଜ ୫ ଏକର ଚାଷ ଜମିରେ ଲଗାଇବାରେ ସଫଳ ହେଲେ । ହୃଦାନନ୍ଦ ବର୍ତ୍ତମାନ ୫ ଏକର ଜମିରେ ବାଇଗଣ, କଲରା, ଝୁଡ଼ଙ୍ଗ, ବିଲାତି ଏବଂ ତରଭୁଜ ଆଦି ବିଭିନ୍ନ ପନିପରିବା ଚାଷ କରୁଛନ୍ତି । ପାରମ୍ପରିକ ସାର ବଦଳରେ ସେ ଅଧିକରୁ ଅଧିକ ଜୈବିକ ପଦ୍ଧତିର ସାର ବ୍ୟବହାର ଉପରେ ଗୁରୁତ୍ୱ ଦେଉଛନ୍ତି ।

ନିଜର ଉନ୍ନତ ଚାଷ ପଦ୍ଧତି ଯୋଗୁଁ ଆଜି ହୃଦାନନ୍ଦ ବର୍ଷକୁ ମାତ୍ର ୨ ଲକ୍ଷ ଟଙ୍କା ବ୍ୟୟ କରି ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ଅର୍ଜନ କରିପାରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ହୃଦାନନ୍ଦ କେବଳ ନିଜେ ଉପାର୍ଜନକ୍ଷମ ହୋଇନାହାଁନ୍ତି । ସେ ନିଜ ଜମିରେ ୬ ଜଣ ସ୍ଥାନୀୟ ଲୋକଙ୍କୁ ନିୟୋଜିତ କରି ସେମାନଙ୍କୁ ରୋଜଗାର ଯୋଗାଇ ଦେଇଛନ୍ତି ।

ଏହି ସରକାରୀ ଯୋଜନାର ଲାଭ ସମ୍ପର୍କରେ ହୃଦାନନ୍ଦ କୁହନ୍ତି, "ନୂଆ କିଛି କରିବାର ଇଚ୍ଛା ଥିଲା । ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାର ସୁବିଧା ଫଳରେ ମୁଁ ବିଶେଷ ଉପକୃତ ହେଉଛି । ମୋର ପ୍ରତ୍ୟେକଟି ଗଛକୁ ମୁଁ ଅତ୍ୟନ୍ତ ଯତ୍ନ ସହକାରେ ବଢ଼ାଉଛି ।" ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାର ସୁବିଧା ଚାଷୀମାନଙ୍କ ପାଇଁ ମୁଖ୍ୟତଃ ବୁନ୍ଦା ଜଳସେଚନ ଓ ସ୍ପ୍ରିଙ୍କଲର ଜଳସେଚନ ପାଇଁ ରିଆତି ପ୍ରଦାନ କରିଥାଏ । ଏହାଦ୍ୱାରା ୩୦ରୁ ୬୦% ପର୍ଯ୍ୟନ୍ତ ଜଳ ସଞ୍ଚୟ ହୋଇପାରୁଛି । ଏଥିସହ କୃଷି ଋଣ ଚାଷୀମାନଙ୍କୁ କମ୍ ସୁଧ ହାରରେ ଆଧୁନିକ ଉପକରଣ, ଉନ୍ନତ ବିହନ ଏବଂ ସାର କିଣିବାକୁ ସାହାଯ୍ୟ କରୁଛି ।

## ଗଠନ ହେବ ଇକୋନୋମିକ ରିଜିଅନ, ନିର୍ମାଣ ହେବ ୬୪୫କିମି ରିଙ୍ଗରୋଡ

ଭୁବନେଶ୍ୱର-କଟକ-ପୁରୀ-ପାରାଦ୍ୱୀପ ଅଞ୍ଚଳକୁ ନେଇ ଇକୋନୋମିକ ଜୋନ ଗଠନ କରାଯିବ । ଏଥିସହିତ ୬୪୫କିମି ଦୈର୍ଘ୍ୟର ୩ଟି ରିଙ୍ଗ ରୋଡ ନିର୍ମାଣ କରାଯିବ । ସମଗ୍ର ଅଞ୍ଚଳର ସହରଗୁଡ଼ିକୁ ଅଭିବୃଦ୍ଧି ବା ଗ୍ରୋଥ୍‌ର ହବ୍ ଭାବେ ବିକଶିତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ କହିଛନ୍ତି ।

କ୍ୟାପିଟାଲ ରିଙ୍ଗ ରୋଡ ଅଧୀନରେ ପାରାଦ୍ୱୀପରୁ ଟାଙ୍ଗି, ସପ୍ତଶଯ୍ୟା, ରାମେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ୪୩୨କିମି ରିଙ୍ଗରୋଡ ନିର୍ମାଣ କରାଯିବ । ଏହାକୁ କେନ୍ଦ୍ର ସରକାରଙ୍କ କ୍ୟାପିଟାଲ ରିଜିଅନ ରିଙ୍ଗ୍‌ରୋଡ(୧୧୧କିମି) ସହିତ ସମନ୍ୱିତ କରି ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି । ଏଥିସହିତ କଟକ ଜିଲ୍ଲା ଜାତମୁଣ୍ଡିଆ-ତ୍ରିଶୁଳିଆ-ଉରାଳି ଦେଇ ବାଲିପାଟଣା-ପିପିଲି-ଜଟଣୀ-ଖୋର୍ଦ୍ଧା ପର୍ଯ୍ୟନ୍ତ ୧୪୮କିମିର ଆଉ ଏକ ରିଙ୍ଗରୋଡ ଏବଂ ଖୋର୍ଦ୍ଧା ଜିଲ୍ଲା ତମାଣ୍ଡୋଠାରୁ ଚନ୍ଦକା-ପାହାଳ-ଧଉଳି ଦେଇ ୬୫କିମିର ଏକ ଇନର ରିଙ୍ଗ ରୋଡ ନିର୍ମାଣ କରାଯିବାର ଯୋଜନା ରହିଛି ଏହିପରି ସମୁଦାୟ ୬୪୫କିମିର ୩ଟି ରିଙ୍ଗ ରୋଡ ନିର୍ମାଣ କରାଯିବ । ଏହି ଯୋଜନାରେ ପୁରୀଠାରୁ କୋଣାର୍କ ପର୍ଯ୍ୟନ୍ତ ୩୨କିମି ରେଳପଥ ଏବଂ କୋଣାର୍କରୁ ଭୁବନେଶ୍ୱର ଭାୟା ନିମାପଡ଼ା ଦେଇ ୭୦କିମି ରେଳପଥ ନିର୍ମାଣର ଯୋଜନା ରହିଛି । ଏସବୁ ରିଙ୍ଗରୋଡ ପାରାଦ୍ୱୀପ ସହିତ ସଂଯୋଗ ରହୁଥିବାରୁ ଏହି ଇକୋନାମିକ ରିଜିଅନ ଗଠନ ହେବା ପରେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ଶିଳ୍ପ କ୍ଷେତ୍ରରେ ବ୍ୟାପକ ଅଭିବୃଦ୍ଧି ଘଟିବ ।

## ବଢ଼ିଲା କଳାକାର ଭତ୍ତା

୮୦ରୁ ଊର୍ଦ୍ଧ୍ୱ କଳାକାର ମାସକୁ ୨୫୦୦ ଟଙ୍କା ପରିବର୍ତ୍ତେ ଏଣିକି ମାସକୁ ୩୫୦୦ ଟଙ୍କା ପାଇବେ । ଏହାଦ୍ୱାରା ରାଜ୍ୟର ୪୭,୬୦୪ ଜଣ କଳାକାର ଓ ସେମାନଙ୍କ ପରିବାର ବର୍ଗ ଉପକୃତ ହେବେ । ପାଲା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ ଓଡ଼ିଆ ଅସ୍ମିତା ସମ୍ମାନରେ ସମ୍ମାନିତ କରାଯାଇଛି । ରାଜ୍ୟସ୍ତରୀୟ ପାଲା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ  ମାଝୀ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ମାସିକ ଭତ୍ତା ପରିମାଣ ବୃଦ୍ଧି କରିଛନ୍ତି । ୪୦ ରୁ ୮୦ ବର୍ଷ ବୟସର କଳାକାରଙ୍କ ସହାୟତା ରାଶି ୨୦୦୦ ରୁ ୩୦୦୦  ଟଙ୍କାକୁ ବୃଦ୍ଧି କରାଯାଇଛି। ଏଥିସହିତ ୮୦ ବର୍ଷରୁ ଊର୍ଦ୍ଧ୍ୱ କଳାକାରଙ୍କ ସହାୟତା ରାଶି ୨୫୦୦ ରୁ ୩୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି ।

# ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ନିୟମିତ ସୁଧ ଫେରସ୍ତ ହେବ
## ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା



ସ୍ୱୟଂସହାୟକ ଗୋଷ୍ଠୀ(ଏସଏଚଜି)ଙ୍କୁ ନିୟମିତ ସୁଧ ଫେରସ୍ତ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏହା ସଦସ୍ୟମାନଙ୍କ ଅର୍ଥନୈତିକ ଭାଗିଦାରୀତାକୁ ଆହୁରି ସଶକ୍ତ କରିବ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଛନ୍ତି। ମିଶନ ଶକ୍ତି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ମିଶନଶକ୍ତି ବିଭାଗ ଆନୁକୂଲ୍ୟରେ ରାଜ୍ୟର ୧ ଲକ୍ଷ ୫୫ ହଜାର ୮୫୨ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୯୦ କୋଟି ୨୦ ଲକ୍ଷ ୫୨,୬୨୧ ଟଙ୍କା ବ୍ୟାଙ୍କ ଋଣ ସୁଧ ଫେରସ୍ତ ଆକାରରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯାଇଛି।

କାର୍ଯ୍ୟକ୍ରମରେ ବିଭାଗୀୟ ଶାସନ ସଚିବ ଗିରିଶ ଏସ. ଏନ, ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସମ୍ପୃକ୍ତ ବ୍ୟାଙ୍କ ପ୍ରତିନିଧିଙ୍କ ସହ ଏସଏଚଜିଙ୍କ ବ୍ୟାଙ୍କ ଋଣ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିବା ସହ ଏସଏଚଜି ସଦସ୍ୟାଙ୍କୁ ବିତ୍ତୀୟ ପରିଚାଳନା ବିଷୟରେ ସଚେତନ କରାଇବା ପାଇଁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ ବର୍ତ୍ତମାନ ସୁଦ୍ଧା ୩୧୮କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସୁଧ ଫେରସ୍ତ କରାଗଲାଣି।

# ଲକ୍ଷପତି ଦିଦି ମିନତୀ ମଲ୍ଲିକ



କନ୍ଧମାଳ ଜିଲ୍ଲା ଫୁଲବାଣୀ ବ୍ଲକ ଗଞ୍ଜୁଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ନିଳାପଦର ଗ୍ରାମର ମିନତୀ ମଲ୍ଲିକ ଜଣେ ଆଦିବାସୀ ଗରିବ ଶ୍ରେଣୀର ଚାଷୀ। ସେ ମା ପିତାବଳୀ ଜନଜାତି ଜୀବିକା ପରିଷଦର ଜଣେ ସଦସ୍ୟା। ବର୍ଷା ଜଳ ଉପରେ ନିର୍ଭର କରି କେବଳ ଧାନ ଚାଷ କରିବା ସହ ବାଡିବଗିଚାରେ ନିଜ ପରିବାର ଭରଣ ପୋଷଣ ପାଇଁ ଅଳ୍ପ କିଛି ପନିପରିବା ଚାଷ କରୁଥିଲେ। ଅନ୍ୟ ଋତୁରେ ପାଣିର ଅଭାବ, ଟ୍ରାକ୍ଟର ଓ ଡିଜେଲ ପମ୍ପସେଟରେ ଅଧିକ ଖର୍ଚ୍ଚ ତାଙ୍କୁ ଅଧିକ ପରିମାଣ ଜମିରେ ଚାଷ କରିବାରେ ବାଧା ସୃଷ୍ଟି କରୁଥିଲା। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ତାଙ୍କୁ ବଞ୍ଚିବାର ରାହା ଦେଖାଇଛି। ଗତବର୍ଷ ମିନତୀ ମଲ୍ଲିକଙ୍କୁ ମିଠା ମକା, ବିନ୍ସ, ଫୁଲକୋବି, ବନ୍ଧାକୋବି, ବାଇଗଣ, କାକୁଡି, ସୂର୍ଯ୍ୟମୁଖୀ ଇତ୍ୟାଦି ବାବଦରେ ମୋଟ ୩ ଏକର ଜମିପାଇଁ ୩ଟି ଋତୁରେ ସହାୟତା ପ୍ରଦାନ କରାଯାଇଥିଲା।

ହାଟର ଚାହିଦା ଅନୁସାରେ ସେ ପନିପରିବା ଅଳ୍ପମାତ୍ରାରେ କରି ମିଠାମକା ଚାଷକୁ ପ୍ରାଧାନ୍ୟ ଦେଇଥିଲେ। ୨୦୨୪-୨୫ ବର୍ଷରେ ମିନତୀଙ୍କୁ ନିଜର ୨ ଏକର ଜମିରେ ମିଠା ମକା ଚାଷ କରିବା ପାଇଁ ଆଇ.ଟି.ଡି.ଏ., ଫୁଲବାଣୀ ତରଫରୁ ମିଠାମକା (ମିଷ୍ଟି ଭେରାଇଟି) ବିହନ ସହିତ ନିମ୍ବ ମିଶ୍ରିତ ଖତ, ନିମ୍ବ ତେଲ, ବାୟୋବିଟା, ଟ୍ରାଇକୋଷ୍ଟାର ଭଳି ଜୈବିକ ଖତ ଓ ସାର ସହାୟତା ଯୋଗାଇ ଦିଆଯାଇଥିଲା। ଚାଷ ପ୍ରଣାଳୀ ଓ ଖତ ସାରର ବ୍ୟବହାର ନିମନ୍ତେ ପ୍ରଶିକ୍ଷଣ ଓ କୌଶଳ ମଧ୍ୟ ପ୍ରଦାନ କରାଯାଇଥିଲା। ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମ ଦ୍ୱାରା ସେ ମିଠାମକା ଚାଷରୁ ହାରାହାରି ୨.୫୦ ଲକ୍ଷ ଟଙ୍କା ଲାଭ ପାଇଥିଲେ। ସେ ନିକଟସ୍ଥ ହାଟ ଓ ବେପାରୀଙ୍କୁ ମିଠାମକା ବିକ୍ରି କରିବା ସହିତ ବିଭିନ୍ନ ପ୍ରକାର ପନିପରିବା ବିକ୍ରି କରି ମୋଟ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ପାଇଛନ୍ତି। ଏଥିପାଇଁ ତାଙ୍କୁ ରାଜ୍ୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ଆଦିବାସୀ ମେଳା ୨୦୨୫ରେ ସମ୍ମାନିତ କରାଯାଇଥିଲା।

# ଔଷଧ ଉତ୍ପାଦନରେ ଓଡ଼ିଶା ହେବ ପ୍ରମୁଖ କେନ୍ଦ୍ର

**ବିଭିନ୍ନ ଫାର୍ମା ଶିଳ୍ପ ସଂସ୍ଥା ସହ ୬,୨୬୩ କୋଟି ଟଙ୍କାର ୪୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ**

**ସୃଷ୍ଟି ହେବ ୩୮,୪୦୬ ନିଯୁକ୍ତି ସୁଯୋଗ**

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଓଡ଼ିଶା ଫାର୍ମାସ୍ୟୁଟିକାଲ ଏବଂ ମେଡ଼ିକାଲ ଡିଭାଇସ ନୀତି ୨୦୨୫ ଶୁଭାରମ୍ଭ କରିବା ସହିତ ଖୋର୍ଦ୍ଧାଠାରେ ଏକ ଉତ୍ସର୍ଗୀକୃତ ଫାର୍ମା ପାର୍କ ତଥା ଏକ ମେଡ଼ିକାଲ ଡିଭାଇସ ପାର୍କ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ସମୁଦାୟ ୬,୨୬୩ କୋଟି ଟଙ୍କାର ୪୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ରାଜ୍ୟରେ ୩୮,୪୦୬ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସେଥିମଧ୍ୟରୁ ଫାର୍ମାସ୍ୟୁଟିକାଲ ପାଇଁ ୩୨ଟି, ମେଡ଼ିକାଲ ଉପକରଣ ପାଇଁ ୧୨ଟି ଏବଂ ଏକ ଲ୍ୟାଣ୍ଡମାର୍କ ଶିଳ୍ପ ପାର୍କ ପ୍ରସ୍ତାବ ପାଇଁ ଆଉ ଗୋଟିଏ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଗୁଣାତ୍ମକ ଔଷଧ ଉତ୍ପାଦନ ଏବଂ ଚିକିତ୍ସା ପାଇଁ ଉନ୍ନତ ମାନର ଡିଭାଇସ ପ୍ରସ୍ତୁତ କରି ଓଡ଼ିଶା ପୂର୍ବ ଭାରତର ଏକ ପ୍ରମୁଖ ଫାର୍ମା କେନ୍ଦ୍ର ଭାବେ ଉଭା ହେବା ପାଇଁ ପ୍ରସ୍ତୁତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସମ୍ମିଳନୀକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାକୁ ନିବେଶକମାନଙ୍କର ପ୍ରଥମ ପସନ୍ଦର ରାଜ୍ୟ କରିବାକୁ ସରକାର ସମସ୍ତ ପ୍ରକାର ଆବଶ୍ୟକତାକୁ ପୂରଣ କରୁଛନ୍ତି । ଏଥିସହିତ ରାଜ୍ୟରେ ଅଣପାରମ୍ପରିକ ଉଦ୍ୟୋଗର ବିକାଶ କରିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ । ଓଡ଼ିଶା ବର୍ତ୍ତମାନ ପୁଞ୍ଜିନିବେଶ ପାଇଁ ଦେଶର ସବୁଠାରୁ ଉତ୍କୃଷ୍ଟ ରାଜ୍ୟ ମଧ୍ୟରୁ ଗୋଟିଏ । ଆମର ଶିଳ୍ପ ଇକୋସିଷ୍ଟମ ଦେଶର ସର୍ବୋତ୍ତମ ପରିବେଶ ମଧ୍ୟରେ ଅନ୍ୟତମ । ଅନ୍ୟାନ୍ୟ ଶିଳ୍ପ ସହିତ ଔଷଧ ଉତ୍ପାଦନରେ ଓଡ଼ିଶାକୁ ଏକ ପ୍ରମୁଖ କେନ୍ଦ୍ର କରିବା ଆମର ଲକ୍ଷ୍ୟ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଗତ ଦେଢ଼ବର୍ଷ ମଧ୍ୟରେ ରାଜ୍ୟରେ ଶିଳ୍ପର ବ୍ୟାପକ ବିବିଧକରଣ ହୋଇଛି । ଓଡ଼ିଶାରେ କେମିକାଲ୍ସ, ପେଟ୍ରୋକେମିକାଲ୍ସ, ଗ୍ରୀନ ଏନର୍ଜି, ଫିନଟେକ, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ବୟନଶିଳ୍ପ, ପର୍ଯ୍ୟଟନ ଆଦି କ୍ଷେତ୍ରରେ ନିବେଶ ହୋଇଛି । ଆଜିଠାରୁ ଫାର୍ମା କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି ।

ସେ କହଛନ୍ତି ଆଗାମୀ କିଛି ବର୍ଷ ଭିତରେ ଓଡ଼ିଶାର ଫାର୍ମା କ୍ଷେତ୍ର ନୂତନ ଶିଖର ଛୁଇଁବ । ଗୁଣବତ୍ତା ଏବଂ ମୂଲ୍ୟ ଦୃଷ୍ଟିରୁ ଓଡ଼ିଶାର ଫାର୍ମା ଉତ୍ପାଦ ବିଶ୍ୱରେ ସବୁଠୁ ଆକର୍ଷଣୀୟ ହେବ ଏବଂ ମେଡ଼-ଟେକ୍ ଉତ୍ପାଦନରେ ଏହା ଓଡ଼ିଶାର ସୁନାମ ଆଣିବ । ଶିଳ୍ପ ପାଇଁ ଯାହା କିଛି ଆବଶ୍ୟକ ସେସବୁ ଓଡ଼ିଶାରେ ରହିଛି । ଓଡ଼ିଶାରେ ଦେଶର ସର୍ବାଧିକ ଖଣିଜ ପଦାର୍ଥ, ତିନିଟି ପ୍ରମୁଖ ବନ୍ଦର, ଦୁଇଟି ବାଣିଜ୍ୟିକ ବିମାନବନ୍ଦର, ୫୭୫କିଲୋମିଟର ପରିବ୍ୟାପ୍ତ ଉପକୂଳ, ଉନ୍ନତ ରେଳ ଏବଂ ସଡ଼କ ନେଟୱାର୍କ, ଅତିରିକ୍ତ ବିଦ୍ୟୁତ୍, ପର୍ଯ୍ୟାପ୍ତ ଜଳର ଉପଲବ୍ଧତା ସହ ତାଲିମପ୍ରାପ୍ତ ମାନବଶକ୍ତି ମଧ୍ୟ ଅଛି । ତେଣୁ ଓଡ଼ିଶା ପୂର୍ବ ଭାରତର ମାନୁଫାକ୍ଚରିଙ୍ଗ ହବ୍ ହେବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ।

କାର୍ଯ୍ୟକ୍ରମରେ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଓଡ଼ିଶା ଫାର୍ମା ସମ୍ମିଳନୀ ୨୦୨୫ ଆମ ରାଜ୍ୟର ବିକାଶ କେନ୍ଦ୍ରିତ ଶିଳ୍ପାୟନ ରଣନୀତିକୁ ପ୍ରତିଫଳିତ କରୁଛି । ପ୍ରଗତିଶୀଳ ନୀତି, ସମର୍ପିତ ଶିଳ୍ପ ପାର୍କ, ଦକ୍ଷ ମାନବସମ୍ବଳ ସହିତ ଓଡ଼ିଶା ବର୍ତ୍ତମାନ ଔଷଧ ଓ ଚିକିତ୍ସା ଉପକରଣ ନିର୍ମାତାଙ୍କ ପାଇଁ ଏକ ପ୍ରକୃଷ୍ଟ ପରିବେଶ ସୃଷ୍ଟି କରିବ ।




## ଆଗାମୀ ଶିକ୍ଷାବର୍ଷରୁ ଦଶମ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ମାଗଣା ବହି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦିଗ୍‌ଦର୍ଶନରେ ରାଜ୍ୟରେ ନୂତନ ଶିକ୍ଷାନୀତି ଲାଗୁ କରାଯାଇଛି । ଜାତୀୟ ପାଠ୍ୟକ୍ରମ ଢାଞ୍ଚାରେ ଆମେ ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା ଆରମ୍ଭ କରିଛୁ । ଏହାଦ୍ୱାରା ଶିକ୍ଷାର୍ଥୀମାନେ ଅଧିକ ସୃଜନଶୀଳ ଓ ସ୍ୱାବଲମ୍ବୀ ହେବେ । ଆସନ୍ତା ଶିକ୍ଷାବର୍ଷାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ସରକାରଙ୍କ ତରଫରୁ ନିଃଶୁଳ୍କ ପୁସ୍ତକ ପ୍ରଦାନ କରାଯିବ । ପାଠ୍ୟପୁସ୍ତକରେ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଏନସିଇଆରଟିକୁ ବିକାଶ କରାଯିବ ଏବଂ ଉଚ୍ଚମାନର ପାଠ୍ୟ ଉପକରଣ ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ କରିବା ପାଇଁ ସରକାର ସ୍ଥିର କରିଛନ୍ତି । କେନ୍ଦୁଝର ବଣିଆପାଟ ଶିଶୁ ମନ୍ଦିର ବାର୍ଷିକ ଉତ୍ସବରେ ଯୋଗଦେବା ଅବସରରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ।

## ଆୟୁର୍ବେଦ ଓ ହୋମିଓପାଥି ମେଡ଼ିକାଲ କଲେଜ ପିଜି ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି

ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ରାଜ୍ୟର ବିଭିନ୍ନ ସରକାରୀ ଆୟୁର୍ବେଦ ଓ ହୋମିଓପାଥି କଲେଜରେ ପଢୁଥିବା ପିଜି ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ ବୃଦ୍ଧି କରିଛନ୍ତି । ଏହାଦ୍ୱାରା ଉଭୟ ପାଠ୍ୟକ୍ରମରେ ପିଜି କରୁଥିବା ୧୨୦ ଛାତ୍ରଛାତ୍ରୀ ଉପକୃତ ହେବେ । ପିଜି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡରେ ୫୫ପ୍ରତିଶତ ବୃଦ୍ଧି କରାଯାଇ ଏହି ରାଶି ୩୧ ହଜାର ଟଙ୍କାରୁ ୪୮ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ୩୨ହଜାରରୁ ୫୨ହଜାରକୁ ବୃଦ୍ଧି କରାଯାଇଛି ଏବଂ ଏହି ବୃଦ୍ଧିର ପରିମାଣ ହେଉଛି ୬୭ପ୍ରତିଶତ । ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଷ୍ଟାଇପେଣ୍ଡ ୬୭ପ୍ରତିଶତ ବୃଦ୍ଧି କରାଯାଇ ୩୩ହଜାରରୁ ୫୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି । ସେହିପରି ଉଭୟ କଲେଜର ହାଉସ ସର୍ଜନଙ୍କ ପାଇଁ ଷ୍ଟାଇପେଣ୍ଡ ୧୭ହଜାରରୁ ୩୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି ଏବଂ ପିଜି ଛାତ୍ରଛାତ୍ରୀଙ୍କ ଷ୍ଟାଇପେଣ୍ଡ୍ ଜାନୁଆରୀ ପହିଲାରୁ ଏବଂ ହାଉସ ସର୍ଜନଙ୍କ ଷ୍ଟାଇପେଣ୍ଡ୍ ଅଗଷ୍ଟ ପହିଲରୁ ଲାଗୁହେବ ।

# ପାଞ୍ଚଟି ଶ୍ରେଷ୍ଠ ରାଜ୍ୟ ଭିତରେ ରହିବ ଓଡ଼ିଶା: ମୁଖ୍ୟମନ୍ତ୍ରୀ

## ବିଧାନସଭାରେ ୧୭,୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ ଗୃହୀତ



୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆଗତ ୧୭ହଜାର ୪୪୦ କୋଟି ଟଙ୍କାର ଅତିରିକ୍ତ ବଜେଟ୍ ବିଧାନସଭାରେ ପାରିତ ହୋଇଛି । ଗୃହରେ ହୋଇଥିବା ଆଲୋଚନାର ଉତ୍ତର ରଖିବାବେଳେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀ କହିଥିଲେ ଯେ ବଜେଟରେ ବରାଦ ଅର୍ଥର ବିନିଯୋଗ ହାର ଗତବର୍ଷଠାରୁ ଅଧିକ ରହିଛି । ଗତ ନଭେମ୍ବର ସୁଦ୍ଧା ରାଜସ୍ୱ ସଂଗ୍ରହ ୮.୩୩ ପ୍ରତିଶତ ବଢ଼ିଛି ଯାହା ବଜେଟ ଆକଳନର ୫୪ ପ୍ରତିଶତ । ଏହି ସମୟ ମଧ୍ୟରେ ୫୦୪୬୨ କୋଟି ଟଙ୍କାର କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ସହ କେନ୍ଦ୍ରୀୟ ମାନ୍ୟତା ମିଳିଛି । ଯାହା ଗତବର୍ଷଠାରୁ ୬ହଜାର କୋଟି ଟଙ୍କା ଅଧିକ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ମୁଣ୍ଡ ପିଛା ଋଣ ୨୬,୯୭୮ ଟଙ୍କା ରହିଛି । ଆଶା ରଖିଛୁ, ୨୦୩୬ ସୁଦ୍ଧା ଓଡ଼ିଶାକୁ ଦେଶର ୫ଟି ଶ୍ରେଷ୍ଠ ରାଜ୍ୟ ଭିତରେ ରଖିବୁ । ରାଜ୍ୟରେ ପ୍ରତିଷ୍ଠା ହେବାକୁ ଯାଉଥିବା ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଦେଶରେ ମଡ଼େଲ୍ ହେବାକୁ ଯାଉଛି । ଆମେ କହିଥିଲୁ ୨ବର୍ଷରେ ୬୫ ହଜାର ନିଯୁକ୍ତି ଦେବୁ । ବର୍ତ୍ତମାନ ସୁଦ୍ଧା ୩୭ହଜାର ସରକାରୀ ନିଯୁକ୍ତି ଦିଆଯାଇଛି । ଆସନ୍ତା ୪ମାସ ମଧ୍ୟରେ ଆଉ ୩୦ ହଜାର ନିଯୁକ୍ତି ଦିଆଯିବ । ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବାତାବରଣରେ ପରୀକ୍ଷା କରିବା ପାଇଁ ସରକାର ସଂକଳ୍ପବଦ୍ଧ । ମୁଖ୍ୟମନ୍ତ୍ରୀ କହିଥିଲେ, ସରକାର ଆସିବା ପରେ ମିଳିଥିବା ୭୧୯ ପ୍ରସ୍ତାବ ମଧ୍ୟରୁ ୪୧୬ଟି ଶିଳ୍ପ ପ୍ରସ୍ତାବ ମଞ୍ଜୁର ହୋଇଛି । ଏହା ଦ୍ୱାରା ୪ଲକ୍ଷ ୧୨ ହଜାର ୩୭୯ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୨ଲକ୍ଷ ୮୩ହଜାର ୧୯୪କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ ରହିଛି । ଆସନ୍ତା ଦୁଇ ବର୍ଷରେ ସବୁ ଘରକୁ ପାଣି, ସବୁ ଗ୍ରାମକୁ ରାସ୍ତା ଓ ଆଲୋକ ଦିଆଯିବ ।

୧୭,୪୪୦କୋଟିର ଅତିରିକ୍ତ ବ୍ୟୟବରାଦ ଭିତରୁ କେବଳ କାର୍ଯ୍ୟକ୍ରମ ବ୍ୟୟ ବାବଦକୁ ୧୩.୭୧୬କୋଟି ଟଙ୍କା ରହିଛି । ସବୁଠୁ ଅଧିକ ଅନୁଦାନ ୪,୩୨୯କୋଟି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପାଇଁ ରହିଛି । ଗଣଶିକ୍ଷା ପାଇଁ ୨୦୦୦କୋଟି, ସ୍ୱାସ୍ଥ୍ୟ ବିଭାଗ ପାଇଁ ୧୧୫୯, କୃଷି ପାଇଁ ୧୬୭୩, ମହିଳା ଓ ଶିଶୁ କଲ୍ୟାଣ ତଥା ମିଶନ ଶକ୍ତି ପାଇଁ ୧୫୫୭ କୋଟି ଟଙ୍କା ବରାଦ କରାଯାଇଛି ।

# ବାରବାଟୀ ବିଜୟ




ଟ୍ୱେଣ୍ଟି୨୦ କ୍ରିକେଟରେ କଟକ ବାରବାଟୀ ଷ୍ଟାଡ଼ିୟମରେ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକତରଫା ବିଜୟ ହାସଲ କରିଛି । ପୂର୍ବରୁ ଏହି ଷ୍ଟାଡ଼ିୟମରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ଦୁଇଟି ଟ୍ୱେଣ୍ଟି ୨୦ ମ୍ୟାଚ ଖେଳି ଉଭୟ ମ୍ୟାଚ ହାରିଥିବାବେଳେ ତୃତୀୟ ମୁକାବିଲାରେ ଏହି ଧାରାକୁ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଟିମ ଭାଙ୍ଗିପାରିଛି । ଓଡ଼ିଶାର ଦର୍ଶକ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ ଦେଖିବାକୁ ବାରବାଟୀ ଆସିଥିଲେ ହେଁ ଭାରତ ଏହି ମ୍ୟାଚରେ ପ୍ରାଧାନ୍ୟ ବିସ୍ତାର କରିଥିଲା ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପ୍ରତି ବାଉଣ୍ଡରୀ ଏବଂ ପରେ ପ୍ରତି ଭାରତୀୟ ବୋଲରଙ୍କ ପ୍ରତି ଉଇକେଟ ସହ ଦର୍ଶକଙ୍କ ହର୍ଷନାଦରେ ବାରବାଟୀ ଷ୍ଟାଡ଼ିୟମ ପ୍ରକମ୍ପିତ ହୋଇଥିଲା । ପ୍ରଥମେ ବ୍ୟାଟିଂ କରି ଭାରତ ୧୭୫ ରନ୍ କରିଥିବାବେଳେ ଦକ୍ଷିଣ ଆଫ୍ରିକା ଏହାର ଟ୍ୱେଣ୍ଟି୨୦ ଇତିହାସରେ ସର୍ବନିମ୍ନ ସ୍କୋର ୭୪ ରନରେ ଅଲ ଆଉଟ ହୋଇ ଯାଇଥିଲା । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଣ୍ଟି ବଜାଇ ମ୍ୟାଚର ଶୁଭାରମ୍ଭ କରିଥିଲେ । ପୁରୁଣା ପାଭିଲିୟନରେ ସ୍ୱତନ୍ତ୍ର ଭାବେ ଏହି ଘଣ୍ଟି ବଜାଇବାର ବ୍ୟବସ୍ଥା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ବାରବାଟୀରେ ଖେଳ ଦେଖିବା ପରେ ବିଜୟୀ ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଥିଲେ । ଏହି ଅବସରରେ ସେ ବିଜୟୀ ଭାରତୀୟ ଦଳର ଅଧିନାୟକ ସୂର୍ଯ୍ୟକୁମାର ଓ ଅନ୍ୟ ଖେଳାଳିଙ୍କ ପ୍ରଶଂସା କରିବା ସହ ଉପହାର ପ୍ରଦାନ କରିଥିଲେ । ତେବେ ମୁଖ୍ୟମନ୍ତ୍ରୀ ଖେଳ ଦେଖିବାକୁ ଆସିବା ସେମାନଙ୍କ ପାଇଁ ବେଶ ଶୁଭଙ୍କର ଥିଲା ବୋଲି ଭାରତୀୟ ଦଳର କ୍ୟାପଟେନ୍ କହିଥିଲେ ।

# ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା: ଗଜପତି ଜିଲ୍ଲାର ଗୋପାଳକଙ୍କ ଆୟ ଦୁଇଗୁଣ ବୃଦ୍ଧି



ଗଜପତି ଜିଲ୍ଲାର ଗୋ-ପାଳକ ମାନେ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ଗୋ-ମାତା ଯୋଜନାରେ ନିଜକୁ ସାମିଲ କରି ନିଜର ଆୟ ବୃଦ୍ଧି ଓ ଦୁଗ୍ଧ ଦ୍ୱିଗୁଣ ଉତ୍ପାଦନ କରାଇବାରେ ସମର୍ଥ ହୋଇଛନ୍ତି ଓ ଅନ୍ୟ ପାଇଁ ଉଦାହରଣ ପାଲଟିଛନ୍ତି । ଜିଲ୍ଲାରେ ଟୀକାକରଣ, ରୋଗନିୟନ୍ତ୍ରଣ, ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା, ଟେଲି ଭେଟନାରୀ ଗୋ-ଶାଳା ପ୍ରତିଷ୍ଠା, ଲିଙ୍ଗ ନିରୁପିତ ଶୁକ୍ରାଣୁ ମାଧମରେ ମାଈ ବାଛୁରୀ ପାଇବା ଆଦି ଅନେକ ସୁବିଧା ସରକାର ଚାଷୀଙ୍କୁ ଯୋଗାଇ ଦେଇଛନ୍ତି । ଗୋସାଣୀ ବ୍ଲକ ବୋମିକା ଗ୍ରାମ ପଞ୍ଚାୟତର ଶ୍ରୀମତୀ ପଦ୍ମାବତୀ ରାଉତ,ବୟସ୪୫, ସ୍ୱାମୀ-ଗୋପୀନାଥ ରାଉତ, ଚଳିତ ବର୍ଷ ଜିଲ୍ଲା ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ରାଜ୍ୟ ସରକାରଙ୍କ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗୋ-ପାଳନ କରି ଅକ୍ଟୋବର ୨୦୨୫ ରେ ସରକାରୀ ରିହାତି (୭୦%)ଜରିଆରେ ୧୭୧୨୮୦ ଟଙ୍କା ପାଇ ଦୁଇଟି ଦୁହାଁଳିଆ ଗାଈ ଆନ୍ଧ୍ରପ୍ରଦେଶରୁ କ୍ରୟ କରି ପାଳନ କରିଛନ୍ତି । ଏହି ଗାଈ ଦୁଇଟି ଦୈନିକ ୨୦-୨୨ ଲିଟର କ୍ଷୀର ଦିଅନ୍ତି ଓ ଲିଟର ପିଚ୍ଛା ୫୦ଟଙ୍କା ଦରରେ କ୍ଷୀର ବିକ୍ରି କରି ସେ ଦିନକୁ୧୦୦୦ରୁ୧୧୦୦ ଟଙ୍କା ପାଆନ୍ତି । ଗାଈର ଦାନା ଓ ଅନ୍ୟାନ୍ୟ ବାବଦରେ ୪୫୦ଟଙ୍କା ଖର୍ଚ୍ଚ ହୁଏ ଏବଂ ସେ ଦିନକୁ ୫୦୦ରୁ ୭୦୦ ଟଙ୍କା ଲାଭ ପାଆନ୍ତି । ମାସରେ ସେ ୧୫୦୦୦ ରୁ ୧୮୦୦୦ ଟଙ୍କା ଆୟ କରି ନିଜର ଜୀବିକା ନିର୍ବାହ କରୁଥିବା କହିଛନ୍ତି । କାମଧେନୁ ଯୋଜନାରେ ଗୋ-ସମ୍ପଦ ବୀମା ଯୋଜନା ଅଧିନରେ ବୀମା ଦେୟର ମାତ୍ର ୧୫ ପ୍ରତିଶତ ପ୍ରିମିୟମ ଦେଇ ଦୁଇଟି ଗାଈର ବୀମା କରିଛନ୍ତି । ଆଗକୁ କାମଧେନୁ ଯୋଜନାରେ ଘାସ ଚାଷ କଲେ ସେ ଅଧିକ ଆୟ କରିବେ ବୋଲି ଆଶା ପୋଷଣ କରିଛନ୍ତି । ସେହିପରି ଅନ୍ୟଜଣେ ଚାଷୀ କାଶୀନଗର ବ୍ଲକର ଶ୍ରୀମତୀ ଭୂପତି ଭବାନୀ,ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଗୋ-ପାଳନ କରି ସରକାରଙ୍କ ଠାରୁ ୪.୯୫ ଲକ୍ଷ ଟଙ୍କା ଗ୍ରହଣ କରିଛନ୍ତି । ସେ ୮ଟି ଉନ୍ନତ ଜାତୀୟ ଦୁହାଁଳିଆ ଗାଈ ରଖି ସ୍ୱଚ୍ଛଳ ଜୀବିକା ନିର୍ବାହ କରିପାରୁଛନ୍ତି । ଏହା ବ୍ୟତୀତ ତାଙ୍କର ୦.୫ ଏକରର ଏକ ହାଇବ୍ରିଡ୍ ନେପିଏର୍ ଘାସ ଫାର୍ମ ମଧ ଅଛି ।

ସୂଚନାଯୋଗ୍ୟ ଯେ, ମଇଁଷି ପାଳନ ଯୋଜନାରେ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ଗଜପତି ଜିଲ୍ଲାର ଅନେକ ଚାଷୀ ଗୋ-ପାଳନ ଯୋଜନା ଓ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଦ୍ୱାରା ଉପକୃତ ହୋଇଛନ୍ତି । ପ୍ରାୟ ୫୦ଗୋଟି ମାଈ ବାଛୁରୀକୁ ରିହାତି ମୂଲ୍ୟରେ ଦାନା ଯୋଗାଇ ଦିଆଯିବା ସହିତ ସେମାନଙ୍କର ବିନାଦେୟରେ ବୀମା କରାଯାଇଛି ।



## କୋଟିଆ ବିକାଶର ତଦାରଖ କଲେ ମନ୍ତ୍ରୀ ସୁରେଶ ପୂଜାରୀ

ଓଡ଼ିଶା ମାଟିରେ କୋଟିଆର ଜନ୍ମ । ଓଡ଼ିଶା କୋଟିଆର ମା' । ସୁତରାଂ କୋଟିଆର ସାମଗ୍ରିକ ବିକାଶ ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ । ଏହା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ । ଗତ ୧୯ ତାରିଖରେ ମନ୍ତ୍ରୀ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର କୋଟିଆରେ ପହଞ୍ଚି ଲୋକଙ୍କ ସହ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ପୂର୍ବରୁ ରଥଯାତ୍ରା ସମୟରେ ପ୍ରଥମ ଥର ପାଇଁ ରାଜସ୍ୱ ମନ୍ତ୍ରୀ କୋଟିଆ ଗସ୍ତରେ ଯାଇଥିଲେ । ସେତେବେଳେ କୋଟିଆ ବାସୀ କିପରି ଜଙ୍ଗଲ ଜମି ପାଇବେ ବସ୍ତି ବାସିନ୍ଦାଙ୍କ ପାଇଁ କି ପ୍ରକାର ସୁବିଧା କରାଯାଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । ତେବେ ପ୍ରଶାସନିକ ସ୍ତରରେ ସେମାନଙ୍କ ବିକାଶ ପାଇଁ କି ପଦକ୍ଷେପ ନିଆଯାଇଛି ମନ୍ତ୍ରୀ ତାହାର ତଦାରଖ କରିଥିଲେ । କେନ୍ଦ୍ର ଓ ରାଜ୍ୟ ଯୋଜନାରୁ କୋଟିଆବାସୀ କିଭଳି ଲାଭ ପାଉଛନ୍ତି ତାହା ପଚାରି ବୁଝିଥିଲେ । ମନ୍ତ୍ରୀଙ୍କ ଗସ୍ତ କାଳରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମା, ଉପଜିଲ୍ଲାପାଳ ତପନ ହିଆଲ, ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର ପ୍ରମୁଖ ଉପସ୍ଥିତ ଥିଲେ ।

ଇତି ମଧ୍ୟରେ କୋଟିଆର ବିକାଶ ଲାଗି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ କୋଟିଆ ମହୋତ୍ସବ ଆୟୋଜନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରଣ ସହ ବଶେଷଜ୍ଞ ଡାକ୍ତର ନିଯୁକ୍ତି, କୋଟିଆର ଛାତ୍ରଛାତ୍ରୀଙ୍କୁ ଭୁବନେଶ୍ୱରରେ ଉଚ୍ଚଶିକ୍ଷାର ସୁବିଧା ପ୍ରଦାନ, ଜଗନ୍ନାଥ ମନ୍ଦିରର ନବୀକରଣ ଏବଂ ବର୍ଣ୍ଣାଢ୍ୟଭାବେ ଆଗାମୀ ରଥଯାତ୍ରା ପାଳନ ସହ କୋଟିଆ ବାସୀଙ୍କ ହୃଦୟ ଜିଣିବାକୁ ରାଜସ୍ୱ ମନ୍ତ୍ରୀ ସମସ୍ତ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆଦି କର୍ମଯୋଗୀ ଅଭିଯାନ

# ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ଓଡ଼ିଶା ସମ୍ମାନିତ

## କେନ୍ଦୁଝର ଧରତୀ ଆବା ଜନଭାଗିଦାରୀ ଅଭିଯାନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା




ଧରତୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା ଅଧୀନରେ ଓଡ଼ିଶା ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଛି । ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଏହି ସମ୍ମାନ ପ୍ରଦାନ କରିଛନ୍ତି । ଏହି ଯୋଜନା ଅଧୀନରେ ଦେଶରେ ଚାଲିଥିବା ଆଦିକର୍ମଯୋଗୀ ଅଭିଯାନ ଓ ଜନଭାଗିଦାରୀ ଯୋଜନାରେ ଓଡ଼ିଶାର ପ୍ରୟାସକୁ ସର୍ବଭାରତୀୟ ସ୍ତରରେ ସମ୍ମାନିତ କରାଯାଇଛି । କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମଙ୍କ ଉପସ୍ଥିତିରେ ଏହି ସମ୍ମାନ ଗ୍ରହଣ କରିଛନ୍ତି ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍ ।


ଆଦି କର୍ମଯୋଗୀ ଅଭିଯାନ କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବରେ ଓଡ଼ିଶା ସମ୍ମାନିତ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲା ଶ୍ରେଷ୍ଠ ଜିଲ୍ଲା ଭାବେ ବିବେଚିତ ହୋଇଛି । ସେହିପରି ଧରତୀ ଆବା ଜନଭାଗିଦାରୀ ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ କେନ୍ଦୁଝର ଜିଲ୍ଲାକୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଛି ।  ଶ୍ରେଷ୍ଠ ରାଜ୍ୟ ମାଷ୍ଟର ଟ୍ରେନର୍ ଭାବେ କୋରାପୁଟର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ରାକେଶ ରଞ୍ଜନ ବିଶ୍ୱାଳ ଓ ଶ୍ରେଷ୍ଠ ଆଦି ସାଥି ଭାବେ କଳାହାଣ୍ଡି ଜିଲ୍ଲାର ସଞ୍ଜୀବ ମାଝୀ ସମ୍ମାନିତ ହୋଇଛନ୍ତି ।

ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶ ଭାବରେ ଆରମ୍ଭ ହୋଇଥିବା ଧରତୀ ଆବା ଜନଭାଗିଦାରୀ ଅଭିଯାନ ଶାସନରେ ଜନଜାତି ସମ୍ପ୍ରଦାୟର ଲୋକଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ଏବଂ ଆଦିବାସୀ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ କରିବା ପାଇଁ କାର୍ଯ୍ୟ କରୁଛି । ସେହିପରି ଆଦି କର୍ମଯୋଗୀ ଅଭିଯାନ ମାଧ୍ୟମରେ ନିକଟରେ ବିଶେଷ ଗ୍ରାମ ସଭାର ଆୟୋଜନ କରାଯାଇଥିଲା, ଯେଉଁଥିରେ ରାଜ୍ୟର ୫,୫୦୦ରୁ ଅଧିକ ଗ୍ରାମ କାର୍ଯ୍ୟଯୋଜନାକୁ ଅନୁମୋଦନ ପ୍ରଦାନ କରାଯାଇଥିଲା ।



# କିଆଫୁଲ ଅତର ଭାଟି କରି ସଫଳତା

ଦେଶ ବିଦେଶରେ କିଆଫୁଲରୁ ପ୍ରସ୍ତୁତ ଅତରର ବେଶ୍ ଚାହିଦା ରହିଛି । ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ୍ ଅନ୍ତର୍ଗତ କଣମଣା ଗ୍ରାମର ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ସାହୁ (ବୟସ ୫୫)  ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ ୫୦ ଲକ୍ଷ ଟଙ୍କା ଋଣ ନେଇ କଣମଣାଠାରେ ଏକ କିଆ ଫୁଲ ଅତର ଭାଟି କରିଛନ୍ତି । ଏଥିରୁ ପ୍ରସ୍ତୁତ ଅତରକୁ ସିଧାସଳଖ ଅତର ରୂପେ ବ୍ୟବହାର କରାଯିବାସହ ଅନ୍ୟ ଅତର ପ୍ରସ୍ତୁତିରେ କଞ୍ଚାମାଲ ରୂପେ ମଧ ବ୍ୟବହାର କରାଯାଏ। ସେଥିରେ ଦୈନିକ ୫୦ ରୁ ୬୦  ଜଣ ଶ୍ରମିକ କାମ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି । ପ୍ରତି ବର୍ଷ ଏପ୍ରିଲରୁ ନଭେମ୍ବର ପର୍ଯ୍ୟନ୍ତ ଦୈନିକ ୩୦ ରୁ ୪୦ହଜାର କିଆ ଫୁଲ କ୍ରୟ କରି ସେଥିରୁ ଅତର ପାଇଁ କଞ୍ଚାମାଲ୍ ପ୍ରସ୍ତୁତ କରି ଉତ୍ତର ପ୍ରଦେଶର ଲକ୍ଷ୍ନୌ, କାନପୁର, ଦିଲ୍ଲୀ, ମୁମ୍ବାଇକୁ ଯୋଗାଇ ଥାଆନ୍ତି । ପ୍ରତି ଫୁଲକୁ ୩୦ ରୁ ୩୨ ଟଙ୍କାରେ ସେ କିଣିଥାଆନ୍ତି ।  ଏହି କଞ୍ଚାମାଲ ଚଳିତ ବର୍ଷ ଲିଟର ପିଛା ୮ ଲକ୍ଷ ରୁ ୯ ଲକ୍ଷ ଟଙ୍କା ଦରରେ ବିକ୍ରି ହେଉଛି । ଗତ ବର୍ଷ ତାର ଦାମ୍ ଦୁଇ ଗୁଣ ରହିଥିଲା । ଶ୍ରୀ ସାହୁ ନିଜେ ଶ୍ରମ ଦାନ କରି ୫୦ରୁ ୬୦ ଜଣ ଶ୍ରମିକଙ୍କୁ ଦାନା ଯୋଗାଇବାରେ ସକ୍ଷମ ହୋଇ ପାରିଛନ୍ତି । ସେ ତାଙ୍କ ନିଜ ଗ୍ରାମ ତଥା ଆଖପାଖ ଅଞ୍ଚଳରୁ କିଆ ଫୁଲ କ୍ରୟ କରି ଅନ୍ୟ ମାନଙ୍କୁ ମଧ ରୋଜଗାର କ୍ଷମ କରାଇ ପାରିଛନ୍ତି । ସରକାରଙ୍କ ସହଯୋଗରେ ସେ ଏହି ବ୍ୟବସାୟରେ ଅଧିକରୁ ଅଧିକ ଉନ୍ନତି କରିପାରିବେ ବୋଲି ମତ ପ୍ରକାଶ କରିଛନ୍ତି ।



# ନାଗରିକତା ପତ୍ର ବାଣ୍ଟିଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ସ୍ୱତନ୍ତ୍ର ଉତ୍ସବରେ ନବରଙ୍ଗପୁରର ୩୫ ଜଣଙ୍କୁ ନାଗରିକତ୍ୱ ସଂଶୋଧନ ଆଇନ ୨୦୧୯ ବଳରେ ନାଗରିକତା ପତ୍ର ବଣ୍ଟନ କରିଛନ୍ତି। ଏପରି ଏକ ଯୋଗୋପଯୋଗୀ ଆଇନ ପ୍ରଣୟନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ୍ ଶାହାଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି ଆଇନ୍ ଯୋଗୁ ଆମ ପଡ଼ୋଶୀ ଦେଶ ଆଫଗାନିସ୍ତାନ, ବାଙ୍ଗଲାଦେଶ ଓ ପାକିସ୍ତାନରୁ–ଧର୍ମୀୟ ନିର୍ଯାତନା କାରଣରୁ ଆସିଥିବା ଅଳ୍ପସଂଖ୍ୟକ, ଛଅଟି ସମ୍ପ୍ରଦାୟଭୁକ୍ତ ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ପାର୍ସି ଓ ଖ୍ରୀଷ୍ଟିଆନ ଭାଇଭଉଣୀ ଭାରତରେ ନାଗରିକତା ପାଇପାରୁଛନ୍ତି। ମୁଁ ଦୃଢତାର ସହ କହିବାକୁ ଚାହେଁ ଯେ, ସମଗ୍ର ଆବେଦନ ପ୍ରଣାଳୀ ଓ ଏହାର ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣଭାବେ ସ୍ୱଚ୍ଛତା, ନ୍ୟାୟୋଚିତ ଓ ଆଇନ ଅନୁସାରେ କରାଯାଇଛି। ଗୃହ ମନ୍ତ୍ରାଳୟ ଦ୍ୱାରା ତିଆରି କରାଯାଇଥିବା ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ଆବେଦନ ପ୍ରକ୍ରିୟାକୁ ସହଜ ଏବଂ ସୁଗମ କରାଯାଇଛି।

# "ମେରା ରେଶମ ମେରା ଅଭିମାନ" ପ୍ରତିଯୋଗିତା

## ସମଗ୍ର ଦେଶରେ ଓଡ଼ିଶାକୁ ଶ୍ରେଷ୍ଠ ପ୍ରଦର୍ଶନୀକାରୀ ରାଜ୍ୟର ସମ୍ମାନ



କେନ୍ଦ୍ରୀୟ ସିଲ୍କ ବୋର୍ଡ ପକ୍ଷରୁ ଆୟୋଜିତ "ମେରା ରେଶମ୍ ମେରା ଅଭିମାନ୍" ପ୍ରତିଯୋଗିତାରେ ସମଗ୍ର ଦେଶରେ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନୀକାରୀ ରାଜ୍ୟ ଭାବେ ପୁରସ୍କୃତ ହୋଇଛି । ରେଶମ କ୍ଷେତ୍ରରେ ଉତ୍କୃଷ୍ଟ ଜିଲ୍ଲାଭାବେ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲା ପୁରସ୍କୃତ ହୋଇଥିବା ବେଳେ ଶ୍ରେଷ୍ଠ ଟସର ଚାଷୀ ଭାବେ (ବେଷ୍ଟ ଆଚିଭର୍ ଏୱାର୍ଡ ) ସୁନ୍ଦରଗଡ଼ ଜିଲ୍ଲା ବଣେଇ ବ୍ଲକ୍ ସରସରା ଟସର ବିପଣନ ସମବାୟ ସମିତିର ଲଛମନ ଡାଙ୍ଗିଲ ପୁରସ୍କୃତ ହୋଇଛନ୍ତି। ସମସ୍ତ ୪ ପ୍ରକାର ରେଶମ (ଏରି, ମଲବେରୀ, ଟସର ଏବଂ ମୁଗା ) ଉତ୍ପାଦନରେ ନବସୃଜନ ସହ ଦୀର୍ଘସ୍ଥାୟୀ ଉତ୍ପାଦନ, ସଶକ୍ତ ଜୀବିକା ପ୍ରଦାନ, ଇକୋ-ସିଷ୍ଟମର ସଂରକ୍ଷଣ କ୍ଷେତ୍ରରେ ଉତ୍କୃଷ୍ଟତା ପାଇଁ ଓଡ଼ିଶାକୁ ଏହି ପୁରସ୍କାର ମିଳିଛି । ମାନ୍ୟବର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦିପ ବଳ ସାମନ୍ତ ଏବଂ ବିଭାଗୀୟ ସଚିବ ଗୁହା ପୁନମ ତାପସ କୁମାର ଲୋକସେବା ଭବନରେ ଓଡ଼ିଶା ପାଇଥିବା ପୁରସ୍କାର ପ୍ରଦର୍ଶନ କରିଥିବା ବେଳେ ଏହି ସଫଳତା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ସୂଚନାଯୋଗ୍ୟ ଯେ, "ମେରା ରେଶମ ମେରା ଅଭିମାନ" କେନ୍ଦ୍ରୀୟ ସିଲ୍କ ବୋର୍ଡ଼ ଦ୍ୱାରା ଆରମ୍ଭ କରାଯାଇଥିବା ଏକ କ୍ରାନ୍ତିକାରୀ ପଦକ୍ଷେପ । ରେଶମ ଉତ୍ପାଦନ ବୃଦ୍ଧି, ପ୍ରଶିକ୍ଷଣ, ବିପଣନ, ଦକ୍ଷତା ବିକାଶ ମାଧ୍ୟମରେ ଚାଷୀଙ୍କ ଜୀବନ-ଜୀବିକାର ସଶକ୍ତୀକରଣ, "ଲୋକାଲ୍ ଫର୍ ଭୋକାଲ୍"କୁ ପ୍ରୋତ୍ସାହନ, ଆଧୁନିକ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ ଦ୍ୱାରା ରେଶମ ଉତ୍ପାଦନରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଏହା ଲକ୍ଷ୍ୟ ରଖିଛି । ଏହି ପ୍ରତିଯୋଗିତାରେ ଆମର ଶ୍ରେଷ୍ଠତା ଓଡ଼ିଶାର ରେଶମ ଅସ୍ମିତାକୁ ପ୍ରମାଣିତ କରିଛି । ପୂର୍ବରୁ ରାଜ୍ୟ ସରକାରଙ୍କ ଅଭିନବ ପ୍ରୟାସ "କରୁଣା ସିଲ୍କ" (ରେଶମ ପୋକକୁ ନମାରି କ୍ରୁରତା ହୀନ ଉପାୟରେ ଖୋସାରୁ ସିଲ୍କ ଉତ୍ପାଦନ କରିବା) ଗ୍ରାହକଙ୍କ ମନ ଜିତିଥିବା ବେଳେ ଏବେ ଏହି ପୁରସ୍କାର ଟସର ଚାଷୀଙ୍କ ମନୋବଳକୁ ବଢାଇ ଦେଇଛି ।



# ଛାତ୍ରଛାତ୍ରୀ ଚାପମୁକ୍ତ ରହିବାକୁ ଆହ୍ୱାନ
# ଏଣିକି ଗୋଟିଏ ବୋର୍ଡ଼: ମୁଖ୍ୟମନ୍ତ୍ରୀ

ଜାତୀୟ ଶିକ୍ଷାନୀତି - ୨୦୨୦ ଅନୁସାରେ ପ୍ରାଥମିକ ଶିକ୍ଷାକୁ ସୁଗମ କରିବା ସହିତ ଶିକ୍ଷାର ଗୁଣାତ୍ମକ ମାନକୁ ବୃଦ୍ଧି କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦକୁ ମିଶାଇ ଗୋଟିଏ ବୋର୍ଡ ଗଠନ କରାଯିବ । ଫଳରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର ଦାୟିତ୍ୱ ଗୋଟିଏ ସଂଗଠନ ପାଖରେ ରହିବ, ଯେମିତି ସିବିଏସଇ ଏବଂ ଆଇସିଏସଇ କ୍ଷେତ୍ରରେ ପ୍ରଚଳିତ ଅଛି । ଏଥିପାଇଁ ଆଗାମୀ ତିନି ବର୍ଷ ମଧ୍ୟରେ ଅଧିକ ୪୫ ହଜାର ଶିକ୍ଷକ ପଦ ସୃଷ୍ଟି କରାଯିବା ପାଇଁ ପଦକ୍ଷେପ ନିଆଯାଇଛି ଏବଂ ଚଳିତ ବର୍ଷ ଅତି କମରେ ୧୫ ହଜାର ପଦ ପୂରଣ ହେବ । ଗୁଣାତ୍ମକ ଶିକ୍ଷା ପାଇଁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ମଧ୍ୟ ଦିଆଯିବ । ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୪୨ତମ ବାର୍ଷିକ ଉତ୍ସବ ଅବସରରେ ଏହା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାରେ ଆମ ସରକାର ଦାୟିତ୍ୱଭାର ନେବା ପରେ ରାଜ୍ୟରେ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ଆଣିଛନ୍ତି । ଦକ୍ଷ ଶିକ୍ଷକ ନିଯୁକ୍ତି, ଶିକ୍ଷାଦାନ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଓ ପରିବେଶ ଉପରେ ଗୁରୁତ୍ୱ ଦିଆଯାଉଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦିଗ୍‌ଦର୍ଶନରେ ଆମ ସରକାର ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ ଲାଗୁ କରିଛନ୍ତି । ଏଥି ସହିତ ଜାତୀୟ ପାଠ୍ୟକ୍ରମ ଢାଞ୍ଚା ବା ଏନ୍.ସି.ଏଫ୍ ଆଧାରରେ ଆମେ “ରାଜ୍ୟ ପାଠ୍ୟକ୍ରମ ଢାଞ୍ଚା” ଆରମ୍ଭ କରୁଛୁ । ଏହାଦ୍ୱାରା ଶିକ୍ଷାର୍ଥୀମାନେ ଅଧିକ ସୃଜନଶୀଳ ଏବଂ ସ୍ୱାବଲମ୍ବୀ ହେବେ ।

ଆସନ୍ତା ଶିକ୍ଷାବର୍ଷରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସବୁ ପିଲାଙ୍କୁ ସରକାରଙ୍କ ତରଫରୁ ନିଃଶୁଳ୍କ ପୁସ୍ତକ ପ୍ରଦାନ କରାଯିବ । ପାଠ୍ୟ ପୁସ୍ତକରେ ଗୁଣାତ୍ମକ ମାନ ବୃଦ୍ଧି ପାଇଁ ଏନସିଇଆରଟି ଢାଞ୍ଚାରେ ଏସସିଇଆରଟିକୁ ବିକାଶ କରାଯିବ ଏବଂ ଉଚ୍ଚ ମାନର କୋର୍ସ ମେଟେରିଆଲ ବିଶେଷଜ୍ଞଙ୍କ ଦ୍ୱାରା

ଲେଖାଯିବା ପାଇଁ ସରକାର ମନସ୍ଥ କରିଛନ୍ତି । ରାଜ୍ୟରେ ପ୍ରାଥମିକ ଶିକ୍ଷାର ବିକାଶ ପାଇଁ ସରକାର ପ୍ରତିବଦ୍ଧ । ଚଳିତ ବଜେଟରେ ପ୍ରାଥମିକ ଶିକ୍ଷା ପାଇଁ ରେକର୍ଡ ୩୧ ହଜାର କୋଟିରୁ ଅଧିକ ଟଙ୍କା ବ୍ୟୟବରାଦ କରାଯାଇଛି । ତେଣୁ ଗୁଣାତ୍ମକ ଶିକ୍ଷା ପାଇଁ ଆମ ପାଖରେ ଅର୍ଥର ଅଭାବ ନାହିଁ । ପିଲାଙ୍କ ଭବିଷ୍ୟତ ପାଇଁ ଆମ ସରକାରରେ ଅର୍ଥ ଏକ ବାଧକ ହେବ ନାହିଁ ।

ଆଜି ଆମେ ଏମିତି ଏକ ସମୟ ଦେଇ ଗତି କରୁଛୁ ଯେ ରୋଜଗାର ପାଇଁ କେବଳ ସରକାରୀ ଚାକିରି ଆଉ ଏକମାତ୍ର ମାଧ୍ୟମ ହୋଇ ରହିନାହିଁ । କେବଳ ଚାକିରି ନୁହେଁ, କ୍ରୀଡା, ନୃତ୍ୟ, ସଙ୍ଗୀତ, କଳା ଆଦି କ୍ଷେତ୍ରରେ ବିଶାଳ ସୁଯୋଗ ଅଛି । ଆମ ସମୟରେ ସୀମିତ ସୁଯୋଗ ଥିଲା । କିନ୍ତୁ, ଆଜି ଏତେ ସୁଯୋଗ ଅଛି ଯେ ଚିନ୍ତା କରିବା ବି ମୁସ୍କିଲ । ଅଭିଭାବକ ଜୋର୍ ଜବରଦସ୍ତି ନିଜ ପିଲାଙ୍କୁ କେବଳ ଡାକ୍ତର ଇଞ୍ଜିନିୟର କରିବା ଘୋଡା ଦୌଡରେ ସାମିଲ କରନ୍ତୁ ନାହିଁ । ଡାକ୍ତର ଇଞ୍ଜିନିୟର ବାହାରେ ବି ଗୋଟିଏ ସଫଳ, ସୁନ୍ଦର କ୍ୟାରିଅର ଅଛି । ଆଜିକାଲି ସୁଯୋଗର କିଛି ସୀମା ନାହିଁ । ପିଲାମାନଙ୍କୁ ନିଜ ଇଚ୍ଛାରେ ଉଡିବାକୁ ଦିଅନ୍ତୁ । ସ୍ୱପ୍ନ ପୂରଣ କରିବା ପାଇଁ ସେମାନଙ୍କୁ ସାହାଯ୍ୟ କରନ୍ତୁ ।

ବ୍ରହ୍ମପୁର ସହରର ଆଇ.ଟି.ଆଇ ଛାତ୍ରଛାତ୍ରୀ ଅଦରକାରୀ ଦ୍ରବ୍ୟଦ୍ୱାରା ବିଭିନ୍ନ ପ୍ରତିମୂର୍ତ୍ତି ସ୍ଥାପନ କରି ସହରର ସୌନ୍ଦର୍ଯ୍ୟକୁ ଅଭିବୃଦ୍ଧି କରିବା ସହିତ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି । ଦକ୍ଷିଣ ଓଡ଼ିଶାର ଛାତ୍ରଛାତ୍ରୀ ମାଣ୍ଡିଆ ଉପରେ ଗବେଷଣା କରି ଏହା ଏକ ଶ୍ରେଷ୍ଠ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ବୋଲି ପ୍ରମାଣିତ କରିଛନ୍ତି । କେନ୍ଦୁଝରର ଅଖ୍ୟାତ ଅଞ୍ଚଳ ଚେମେଣାପଲ୍ଲୀର ଜଣେ ରେଡ଼ିଓ ମେକାନିକ୍ ନିଜର ଜ୍ଞାନ କୌଶଳଦ୍ୱାରା ଏକ ରେଡ଼ିଓ ଷ୍ଟେସନ୍ ତିଆରି କରି ଯେବେ "ଆକାଶବାଣୀ ଚେମେଣା" କହିଥିଲା ସେତେବେଳେ ଆକାଶବାଣୀ କଟକ ମଧ ସ୍ତବ୍ଧ ହୋଇଯାଇଥିଲା, ତୁମେମାନେ ସମସ୍ତେ ଶିକ୍ଷାଗ୍ରହଣ ପାଇଁ ଭଲ ପରିବେଶ ଓ ଭଲ ବିଦ୍ୟାଳୟ ମଧ ପାଇଛ । ତେଣୁ ତୁମମାନଙ୍କଠାରୁ ଏ ସମାଜ, ଏ ରାଜ୍ୟ ତଥା ଏ ଦେଶ ବହୁତ କିଛି ଆଶା କରୁଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ଲକ୍ଷ୍ୟ, ଆତ୍ମନିର୍ଭରଶୀଳ ଭାରତ ଗଠନ କରିବାରେ ଏ ଦେଶର ଯୁବପିଢ଼ିଙ୍କ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ବିଭିନ୍ନ ଗଠନମୂଳକ କାର୍ଯ୍ୟ ତଥା ନୂତନ ଜ୍ଞାନକୌଶଳ ଉପରେ ଜାଣିବା ପାଇଁ ସବୁବେଳେ ଗୁରୁତ୍ୱ ଦେବା ଆବଶ୍ୟକ ।

ସମସ୍ତେ ଯେତେ ବଡ଼ ହେଲେ ସୁଦ୍ଧା ନିଜର ମାଟି, ଭାଷା, ସଂସ୍କୃତିକୁ ଭୁଲିଯିବା ଉଚିତ ନୁହେଁ । ତାହା ଦେଶର ପ୍ରଥମ ନାଗରିକ ତଥା ରାଷ୍ଟ୍ରପତି ମାନନୀୟା ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଶିଖିବା କଥା । ରାଷ୍ଟ୍ରପତି ଭବନ ଅଳଙ୍କୃତ କରିବା ପରେ ମଧ ସେ ନିଜ ଜନ୍ମ ମାଟି ମୟୂରଭଞ୍ଜ କିମ୍ବା ନିଜ କର୍ମଭୂମି ଓଡ଼ିଶା ବିଧାନସଭାକୁ ଭୁଲି ନାହାନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ, ଯେତେବେଳେ ବି ମୋତେ ରାଜ୍ୟର ଯେ କୌଣସି ସ୍କୁଲର କିଛି ଉତ୍ସବରେ ସାମିଲ ହେବା ପାଇଁ ଆମନ୍ତ୍ରଣ ଆସେ, ମୁଁ ସବୁବେଳେ ଚେଷ୍ଟା କରିଥାଏ ସେଥିରେ ଯୋଗ ଦେବାକୁ; କାରଣ ମୁଁ ବି କିଛି ଦିନ ଶିକ୍ଷକତା କରିଥିଲି । କିନ୍ତୁ, ଯେତେବେଳେ କୌଣସି ସରସ୍ୱତୀ ବିଦ୍ୟା ମନ୍ଦିରକୁ ଆସିବାର ସୁଯୋଗ ମିଳେ, ମୋତେ ତାହା ମୋର ଘର ବାହୁଡା ପରି ଲାଗିଥାଏ; କାରଣ ଅଳ୍ପ ସମୟ ପାଇଁ ହେଲେ ସୁଦ୍ଧା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ କିଛିଦିନ ଶିକ୍ଷକତା କରିଛି ।



## ମୋଦୀଙ୍କୁ ଓମାନର ସର୍ବୋଚ୍ଚ ସମ୍ମାନ

**ଏ ପର୍ଯ୍ୟନ୍ତ ୨୯ଟି ଦେଶର ସର୍ବୋଚ୍ଚ ସମ୍ମାନ ପାଇଲେଣି**

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଓମାନର ସର୍ବୋଚ୍ଚ ବେସାମରିକ ସମ୍ମାନ 'ଅର୍ଡ଼ର ଅଫ ଓମାନ୍' ପ୍ରଦାନ କରାଯାଇଛି । ଗତ ଡିସେମ୍ବର ୧୮ରେ ଦୁଇଦିନିଆ ଓମାନ ଗସ୍ତ ଅବସରରେ ଓମାନର ସୁଲତାନ ହାଇଥାମ ବିନ୍ ତାରିକ୍ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଛନ୍ତି । ଏହି ସମ୍ମାନକୁ ମିଶାଇ ଶ୍ରୀ ମୋଦୀ ୨୯ଟି ଦେଶର ସର୍ବୋଚ୍ଚ ସମ୍ମାନ ପାଇବାର ସୌଭାଗ୍ୟ ଲାଭ କରିଛନ୍ତି । ଭାରତ ଏବଂ ଓମାନ୍‌ର କୂଟନୈତିକ ସମ୍ପର୍କର ୭୦ବର୍ଷ ପୂର୍ତ୍ତି ଉପଲକ୍ଷେ ଶ୍ରୀ ମୋଦୀ ତାଙ୍କର ତ୍ରିରାଷ୍ଟ୍ରୀୟ ଗସ୍ତର ଅନ୍ତିମ ଚରଣରେ ଓମାନ ଗସ୍ତ କରିଥିଲେ । ଏହି ଅବସରରେ ଶ୍ରୀ ମୋଦୀ ଦୁଇ ଦେଶ ମଧରେ ବାଣିଜ୍ୟ ସମ୍ପର୍କ, ପୁଞ୍ଜିନିବେଶ, ଶକ୍ତି, ପ୍ରତିରକ୍ଷା ଓ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଶ୍ରୀ ମୋଦୀ ରାଜପ୍ରାସାଦରେ ପହଞ୍ଚିବା ପରେ ସୁଲତାନ ତାଙ୍କୁ ଭବ୍ୟ ସ୍ୱାଗତ କରିଥିଲେ । ଦୁଇ ନେତା ପ୍ରତିନିଧିସ୍ତରୀୟ ସାକ୍ଷାତ କରିବାପରେ ଉଭୟ ପକ୍ଷ ମଧରେ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ହୋଇଛି । ଏହି ବୁଝାମଣା ଅନୁଯାୟୀ ଭାରତ ରପ୍ତାନୀ କରୁଥିବା ସାମଗ୍ରୀ ଉପରେ ଓମାନ କୌଣସି ଶୁଳ୍କ ଲାଗୁ କରିବ ନାହିଁ । ସେହିପରି ଓମାନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ମଧ ଭାରତ କୌଣସି ଶୁଳ୍କ ଲାଗୁ କରିବ ନାହିଁ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମସ୍କଟରେ ଭାରତୀୟ ସମୁଦାୟର ଏକ ବିଶାଳ ସମାବେଶକୁ ସମ୍ବୋଧିତ କରିଥିଲେ ।

# ବନ୍ଦେ ମାତରମ୍

## ସ୍ୱାଧୀନତା ସଂଗ୍ରାମର ଶକ୍ତି ଥିଲା: ପ୍ରଧାନମନ୍ତ୍ରୀ
## ଗୀତ ନୁହେଁ ଭାରତର ଆତ୍ମା: ମୁଖ୍ୟମନ୍ତ୍ରୀ

ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଲୋକସଭାରେ ଏହା ଉପରେ ସ୍ୱତନ୍ତ୍ର ଆଲୋଚନା ହୋଇଥଲା । ଆଲୋଚନା ଆରମ୍ଭ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ, ୧୮୫୭ ବିଦ୍ରୋହ ପରେ ୧୮୭୫ରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧାୟ୍ ଏହି ଗୀତ ରଚନା କରିଥିଲେ । ୧୮୮୨ରେ ବଙ୍କିମଚନ୍ଦ୍ର ତାଙ୍କ ଉପନ୍ୟାସ 'ଆନନ୍ଦମଠ'ରେ ଏହି ଗୀତକୁ ଉଲ୍ଲେଖ କରିଥିଲେ । ସେ କହିଥିଲେ ସ୍ୱାଧୀନତା ସଂଗ୍ରାମ ସମୟରେ ବନ୍ଦେ ମାତରମ ସମଗ୍ର ଦେଶକୁ ଶକ୍ତି ଓ ପ୍ରେରଣା ଦେଇଥିଲା । ଆଜି ଆମେ ସଂସଦ ଗୃହରେ ବସିବାର ସୁଯୋଗ ପାଇବା ପଛର କାରଣ ହେଉଛି ଲକ୍ଷ ଲକ୍ଷ ଲୋକ ବନ୍ଦେ ମାତରମ ଗାନ କରିବା ସହିତ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇଥିଲେ । ରାଷ୍ଟ୍ରଗୀତକୁ ୧୫୦ ବର୍ଷ ପୂର୍ତ୍ତି ଅବସରରେ ଏହାକୁ ସଂସଦରେ ମନେ ପକାଇବା ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ ।

ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ବନ୍ଦେ ମାତରମ୍‌ର ଗାଥାକୁ ସ୍ମରଣ କରିବା ଏକ ସୌଭାଗ୍ୟର ବିଷୟ । ବନ୍ଦେ ମାତରମ୍-ଏକ ଗୀତ ନୁହେଁ, ଏହା ଭାରତର ଆତ୍ମା । ଏହି ରାଷ୍ଟ୍ରଗୀତ ଆମ ଶିରା ପ୍ରଶିରା ଓ ଶ୍ୱାସପ୍ରଶ୍ୱାସ ସହ ଜଡ଼ିତ । ୧୮୭୫ ମସିହା ୭ ନଭେମ୍ବର ରେ ଯେତେବେଳେ ବଙ୍କିମ ଚନ୍ଦ୍ରଙ୍କ ଅମର କୃତି "ଆନନ୍ଦ ମଠ" ମାଧମରେ 'ବନ୍ଦେ ମାତରମ୍' ପ୍ରଥମେ ପ୍ରକାଶିତ ହୋଇଥିଲା, ସେତେବେଳେ ଗୋଟେ ନୂଆ ଯୁଗର ଆରମ୍ଭ ହେଲା । ବଙ୍କିମ୍ ଚନ୍ଦ୍ରଙ୍କ ଆନନ୍ଦ ମଠ ଉପନ୍ୟାସ ଦେଶର ସ୍ୱାଧୀନତା ସଂଗ୍ରାମରେ ଗଭୀର ପ୍ରଭାବ ପକାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ୧୫୦ ତମ ପୂର୍ତ୍ତି ପାଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ୧୮୮୨ରେ ଆନନ୍ଦମଠ ପ୍ରକାଶିତ ହୋଇଥିଲା ଏବଂ ୧୮୯୬ରେ ରବୀନ୍ଦ୍ର ନାଥ ଠାକୁର ପ୍ରଥମେ ଏହି ଗୀତକୁ ପାଠ କରିଥିଲେ । ଏହି ସଂଗୀତ ଆମର ସ୍ୱାଧୀନତା ସଂଗ୍ରାମୀଙ୍କ ମନରେ ଗଭୀର ରେଖାପାତ କରିଥିଲା । କାରଣ ପ୍ରଥମ ଥର ପାଇଁ ଭାରତ ଭୂ-ଖଣ୍ଡକୁ ଭାରତ ମାତା ରୂପେ ବର୍ଣ୍ଣନା କରି ଏହି ସଂଗୀତ ଲେଖାଯାଇଥିଲା । ବ୍ରିଟିଶ ଶାସନର ଶିକୁଳିରେ ବନ୍ଧା ଜନମାନସର ହୃଦୟରେ ଏହି ଗୀତ ଦେଶପ୍ରେମର ଜ୍ୱାଳା ଭରି ଦେଇଥିଲା । 'ବନ୍ଦେ ମାତରମ୍' କେବଳ ଏକ ଜାତୀୟତାବାଦୀ ସଙ୍ଗୀତ ନୁହେଁ, ଏହା ଦେଶ ମାତୃକାର ବନ୍ଦନା । ଭାରତୀୟ ସଂସ୍କୃତିରେ ଦେଶ କିମ୍ବା ରାଷ୍ଟ୍ରକୁ ମା' ସହିତ ତୁଳନା କରାଯାଏ । ତେଣୁ, 'ବନ୍ଦେ ମାତରମ୍' ହେଉଛି ସେହି ଭରତମାତାଙ୍କ ଚରଣ ବନ୍ଦନା ପାଇଁ, ଯାହାର କୋଳରେ ଏ ଦେଶର କୋଟି କୋଟି ଜନତା ଲାଳିତପାଳିତ ହେଉଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭିନବ ପ୍ରୟାସରେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, "ବନ୍ଦେ ମାତରମ୍"ର ୧୫୦ତମ ବର୍ଷ ପୂର୍ତ୍ତି ୨୦୨୬ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଏକ ବର୍ଷ ଧରି ଦେଶବ୍ୟାପୀ ପାଳନ କରାଯିବ । ଆମ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ସେହି ପଦକ୍ଷେପକୁ ହୃଦୟପୂର୍ବକ ସ୍ୱାଗତ କରିଛି ଏବଂ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ସାଂସ୍କୃତିକ କେନ୍ଦ୍ରରେ ବନ୍ଦେ ମାତରମ୍ ଉତ୍ସବ ଆୟୋଜନ କରାଯିବ । ଏହି ବନ୍ଦେ ମାତରମ୍ ହିଁ ୧୯୪୭ରେ ଦେଶକୁ ସ୍ୱାଧୀନତା ଦେଇଥିଲା । "ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି" ଆମର ପ୍ରେରଣା, ଆମର ଶକ୍ତି । ଆମେ ୨୦୪୭ ରେ ଏକ ବିକଶିତ ଭାରତ ହାସଲ କରିବୁ । 'ବନ୍ଦେ ମାତରମ୍' ପ୍ରତ୍ୟେକ ଭାରତୀୟଙ୍କ ଆତ୍ମାର ଶକ୍ତି । ଯେଉଁ ଗୀତକୁ ଗାଇ ସ୍ୱାଧୀନତା ସଂଗ୍ରାମୀ ନିଜର ବଳିଦାନ ଦେଇଥିଲେ । ପୁନର୍ବାର ଏହି ଗୀତକୁ ମୁକ୍ତ କଣ୍ଠରେ ଜୟଗାନ କରି ନୂଆ ଭାରତ ନିର୍ମାଣ କରିବାର ବେଳ ଆସିଛି ।

## ଭୁବନେଶ୍ୱରରେ ହେବ ଗ୍ଲୋବାଲ୍ ଭିସା ଆପ୍ଲିକେଶନ୍ ସେଣ୍ଟର୍

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନଚରଣ ମାଝୀ ଭୁବନେଶ୍ୱରରେ ଗ୍ଲୋବାଲ୍ ଭିସା ଆପ୍ଲିକେଶନ୍ ସେଣ୍ଟର୍ ପ୍ରତିଷ୍ଠା ପାଇଁ ଅନୁମୋଦନ କରିଛନ୍ତି । ପ୍ରସ୍ତାବିତ ଭିସା ସେଣ୍ଟର୍ ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବାବାସାହେବ ଆମ୍ବେଦକର ବସ ଟର୍ମିନାଲ ବିଲ୍ଡିଂରେ କାର୍ଯ୍ୟକ୍ଷମ ହେବ ଏବଂ ଏଥିପାଇଁ ରାଜ୍ୟ ସରକାର ୩ହଜାର ବର୍ଗଫୁଟର ଜାଗା ଯୋଗାଇଦେବେ । ଭିସା ପାଇଁ ଆଉ ପୂର୍ବଭଳି ରାଜ୍ୟବାସୀଙ୍କୁ କୋଲ୍‌କାତା, ଦିଲ୍ଲୀ, ହାଇଦ୍ରାବାଦ ଭଳି ଦେଶର ଅନ୍ୟ ସହରକୁ ଯିବାକୁ ପଡ଼ିବ ନାହିଁ । ଭୁବନେଶ୍ୱରରେ ଭିସା ସେଣ୍ଟର୍ ପ୍ରତିଷ୍ଠା ପାଇଁ ବହୁ ଦିନରୁ ଦାବି ହୋଇ ଆସୁଥିଲା ।

# ଓଡ଼ିଆ ଭର୍ଚୁଆଲ୍ ଏକାଡେମୀ

## ଓଡ଼ିଶାର ସର୍ବବୃହତ୍ ଭର୍ଚୁଆଲ ଲାଇବ୍ରେରୀ

**୧. ୭୦ ଲକ୍ଷରୁ ଊର୍ଦ୍ଧ୍ୱ ପାଠକ ଏବଂ ୨.୧୪ ଟେରାବାଇଟ (TB) ତଥ୍ୟ**

୦୧ ୬୦୦୦ରୁ ଊର୍ଦ୍ଧ୍ୱ ୟୁନିକୋଡ ଇ-ବୁକ

୦୨ ୩୫ ହଜାରରୁ ଊର୍ଦ୍ଧ୍ୱ ପିଡିଏଫ୍ ପୁସ୍ତକ

୦୩ ୫୦ ବର୍ଷର ଓଡ଼ିଶା ରିଭ୍ୟୁ, ଉତ୍କଳ ପ୍ରସଙ୍ଗ

୦୪ ୨୧ଟି ଜନଜାତି ଭାଷାର ଶବ୍ଦକୋଷ

୦୫ ୧୦୦୦ରୁ ଊର୍ଦ୍ଧ୍ୱ ଶ୍ରାବ୍ୟ ପୁସ୍ତକ ଓ ଉପନ୍ୟାସ

୦୬ ଗୀତଗୋବିନ୍ଦର ଶ୍ରାବ୍ୟ ରୂପାନ୍ତରଣ

୦୭ ପ୍ରାମାଣିକ

୦୮ ପିଲାଙ୍କ ପାଇଁ 'ମୁଁ ଓଡ଼ିଆ ଲର୍ଣ୍ଣିଂ ଆପ'

୦୯ ମନ୍ଦିର, ଦର୍ଶନୀୟ ସ୍ଥାନର ଛାୟାଚିତ୍ର ଓ ବିବରଣୀ

୧୦ ବିଭିନ୍ନ ଓଡ଼ିଆ ଅଭିଧାନ


୧୧ ଗେଜେଟିଅର

୧୨ ଓଡ଼ିଆ, ସାନ୍ତାଳୀ ଟାଇପିଂ ଟୁଲ୍

୧୩ ଦୁର୍ଲଭ ତାଳପତ୍ର ପୋଥି

୧୪ ପାଠ୍ୟପୁସ୍ତକର ଶ୍ରାବ୍ୟ ରୂପାନ୍ତରଣ

୧୫ ମଧୁ ବର୍ଣ୍ଣବୋଧର ଦୃଶ୍ୟ-ଶ୍ରାବ୍ୟ ରୂପାନ୍ତରଣ



# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ

## ବିଦ୍ୟାଳୟର ବିଶେଷତ୍ୱ

- ପ୍ରତ୍ୟେକ ଶ୍ରେଣୀପାଇଁ ସ୍ୱତନ୍ତ୍ରପ୍ରକୋଷ୍ଠ
- ସ୍ମାର୍ଟଶ୍ରେଣୀ ପ୍ରକୋଷ୍ଠ
- ବିଜ୍ଞାନାଗାର, ପ୍ରକଳ୍ପକକ୍ଷ ଓ ଭାଷା ପ୍ରୟୋଗଶାଳା
- ପାଠାଗାର ଓ ପଠନ ପ୍ରକୋଷ୍ଠ
- ଡିଜିଟାଲ୍ ଲାବ୍
- ଶିଶୁପ୍ରିୟ କ୍ରୀଡ଼ାକ୍ଷେତ୍ର ଓ ମୁକ୍ତାକାଶ ବ୍ୟାୟାମଶାଳା
- ଗଣିତ ଓ ବିଜ୍ଞାନ ପାର୍କ
- ଔଷଧୀୟ ଓ ପୋଷଣ ବଗିଚା



**ଗୁଣବତ୍ତାଯୁକ୍ତ ଶିକ୍ଷା**
**ଅଭିଜ୍ଞ ତଥା ଦକ୍ଷ ଶିକ୍ଷକ**
**ନିରାପଦ ଶୈକ୍ଷିକ ପରିବେଶ**

**ସମୃଦ୍ଧ ଓଡ଼ିଶା - ସମୃଦ୍ଧ ଶିକ୍ଷା**